Vol.-I, Issue No. -5
1-15 May, 2022
online portal : odishasanket.com
Mail ID :odishasanket@gmail.com
Price : Rs. 5.00, Page- 8

# ଓଡ଼ିଶା ସଙ୍କେତ
## The Odisha Sanket

ପୁନମଙ୍କ ହାତରେ ବହୁ ସିନେମା



ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା
R.N.I. Title Code- ODIODI08118

# ଓଲଟା ଚଷମା

# ଶିକ୍ଷା ବ୍ୟବସ୍ଥାର ପ୍ରାସଙ୍ଗିକତା ଓ ରୂପାନ୍ତରୀକରଣ

ଶିକ୍ଷା ଦ୍ୱାରା ମାନବ ଭିତରେ ଥିବା ସାମର୍ଥ୍ୟକୁ ପ୍ରସ୍ଫୁଟିତ ଓ ଜୀବନର ପୂର୍ଣ୍ଣତାକୁ ଉପଲବ୍ଧି କରିହୁଏ। ଶିକ୍ଷା ହିଁ ଏକମାତ୍ର ମାଧ୍ୟମ, ଯାହାଦ୍ୱାରା ସମାଜରେ ସମାନତା ଆସି ପାରିବ ଏବଂ ସାମଜିକ ପରିବର୍ତ୍ତନ ସମ୍ଭବ ହେବ। ସଭ୍ୟତାର କ୍ରମବିକାଶ ପ୍ରକ୍ରିୟାରେ ଶିକ୍ଷାର ବିବିଧ ପ୍ରକାର ସ୍ୱରୂପକୁ ନେଇ ପରୀକ୍ଷା କରାଯାଇଛି। ପ୍ରତ୍ୟେକ ଦେଶର ନିଜନିଜ ଶିକ୍ଷା ସମ୍ବନ୍ଧୀୟ ପରମ୍ପରା ରହିଛି। ଗୁଣାତ୍ମକ ଶିକ୍ଷା ପାଇଁ ସମଗ୍ର ପୃଥିବୀରେ ଚେଷ୍ଟା ଜାରି ରହିଛି।

ସମ୍ପ୍ରତି ସମାଜରେ ଘଟୁଥିବା ବିବିଧ ଭଲ ଓ ଖରାପ ଘଟଣା ନିମନ୍ତେ ସାଧାରଣତଃ ଶିକ୍ଷାକୁ ଦାୟୀ କରାଯାଏ। ଜନମାନସ ପାଖରେ ଦେଖା ଯାଉଥିବା ସକରାତ୍ମକ ବା ନକରାତ୍ମକ ଦିଗ ପଛରେ ଶିକ୍ଷାର ନିଶ୍ଚିତ ଅଦୃଶ୍ୟ ଅବଦାନ ରହିଛି। ଭାରତର ଶିକ୍ଷାର କ୍ରମବିକାଶ ପ୍ରକ୍ରିୟାରେ ଅନେକ କିଛି ଘଟିଯାଇଛି। ଆଜି ଭାରତ ଏକ ବିକାଶମୁଖୀ ରାଷ୍ଟ୍ର। ଗୋଟିଏ ପଟେ ଭାରତ ପୃଥିବୀର ଏକ ମହାଶକ୍ତି ରୂପେ ପ୍ରସ୍ତୁତି ହେଉଥିବା ବେଳେ ଦୁର୍ନୀତି, ଦାରିଦ୍ର୍ୟ, ନିରକ୍ଷରତା, ବେକାରୀ ସମସ୍ୟା, ଯୌତୁକ ପ୍ରଥା, ଭ୍ରୂଣ ହତ୍ୟା, ପ୍ରଦୂଷଣ ଇତ୍ୟାଦି ଅନେକ ସମସ୍ୟା ଦ୍ୱାରା ଗ୍ରସ୍ତ। ବଢୁଥିବା ଜନସଂଖ୍ୟା ସହିତ ଏହି ସମସ୍ୟା ଗୁଡିକ ଆହୁରି ଉଗ୍ରରୂପ ଧାରଣ କରୁଛନ୍ତି। ଜନସାଧାରଣ ଏହି ସମସ୍ତ ସମସ୍ୟା ନିମନ୍ତେ ସରକାରଙ୍କୁ ଦାୟୀ କରୁଥିବା ବେଳେ ଦେଶ ନିର୍ମାଣରେ ନାଗରିକଙ୍କ ଦାୟିତ୍ୱ ବିଷୟରେ ବିଶେଷ ଆଲୋଚନା ହେଉ ନାହିଁ। ଏକ ସମୃଦ୍ଧ ଓ ଶିକ୍ଷିତ ରାଷ୍ଟ୍ର ନିର୍ମାଣରେ ଦାୟିତ୍ୱବାନ ଓ ସ୍ୱାଭିମାନୀ ନାଗରିକଙ୍କ କେତେ ଦୂର ଭୂମିକା ରହିଛି ଏହା ବିଚାର ସାପେକ୍ଷ। ଯଦି ଅଧିକାଂଶ ଜନସାଧାରଣ ପରିଶ୍ରମ କରି ନିଜ ସମସ୍ୟାରୁ ମୁକ୍ତ ହେବା ପାଇଁ ଉଦ୍ୟମ କରିପାରୁ ନାହାନ୍ତି କିମ୍ବା ଟଙ୍କା ବିନିମୟରେ ଭୋଟ ଦେବାକୁ ପଛାଉ ନାହାନ୍ତି, ଏଥିପାଇଁ ଆମେ କାହାକୁ ଦାୟୀ କରିବା- ସରକାର ନା ମଣିଷ ବିଚାରର ମୂଳ ଉତ୍ସ-ଶିକ୍ଷାକୁ?

ଦେଶର ଛତୁ ଫୁଟିଲା ପରି ଅଣ-ପଞ୍ଜିକୃତ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳୁଛନ୍ତି। ଅଳ୍ପ ଟଙ୍କା ବିନିଯୋଗ ପାଠ୍ୟକ୍ରମ ସହ ଭଲ ଭାବରେ ପରିଚିତ ନଥିବା ଛାତ୍ରଛାତ୍ରୀ ଅନାୟାସରେ ପ୍ରମାଣପତ୍ର ପାଇପାରୁଛନ୍ତି। ଛୋଟ ଘରଟିଏ ଭଡ଼ା ନେଇ କିଛି ସ୍ଥାନୀୟ ଅଣ-ତାଲିମ ପ୍ରାପ୍ତ ଯୁବକ ଯୁବତୀଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରାଯାଇ ପାରୁଛି। ଏହି ଶିକ୍ଷାନୁଷ୍ଠାନରୁ ପ୍ରମାଣପତ୍ର ପାଇଥିବା ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱରେ କ୍ୱଚିତ୍ କିଛି ଉନ୍ନତି ପରିଲକ୍ଷିତ ହୁଏ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅଭିଭାବକମାନଙ୍କ ମନରେ ସରକାରୀ ବିଦ୍ୟାଳୟକୁ ନେଇ ଏକ ବଦ୍ଧ ଧାରଣ ଜନ୍ମିଲା ଯେ ସରକାରୀ ଓ ବେସରକାରୀ ଚାକିରୀକୁ ଜୀବିକା ରୂପେ ଗ୍ରହଣ କଲେ ଇଂରେଜୀ ମାଧ୍ୟମ ଶିକ୍ଷାର ଆଗ୍ରହ



ବଢ଼ିବାରେ ଲାଗିଲା।

ଏହି ବଦ୍ଧ ଧାରଣାର ସୁଯୋଗ ନେଇ ସହସ୍ର ବେସରକାରୀ ଇଂରେଜୀ ମାଧ୍ୟମ ଶିକ୍ଷାନୁଷ୍ଠାନର ବ୍ୟବସାୟୀକରଣ ଆରମ୍ଭ ହୋଇଗଲା। ଏବେ ଇଂରେଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟରେ ନିଜ ସନ୍ତାନକୁ ପାଠ ପଢ଼ାଇବା ପାଇଁ ଅଭିଭାବକର କେତେ ଟଙ୍କା ଯେ ଯୋଗାଡ଼ କରିବାକୁ ପଡୁଛି, ତାହା ଅନୁଭବୀ କହି ପାରିବେ।

ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ବିଦ୍ୟାଳୟରେ କେତୋଟି ପ୍ରମୁଖ ବିଷୟରେ ଶିକ୍ଷା ଦାନ କରାଯାଏ ଯଥା- ଭାଷା, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ଇତ୍ୟାଦି। ଏଥି ମଧ୍ୟରୁ ଗଣିତ ଓ ଇଂରାଜୀ ପ୍ରତି ଆମ ଶିକ୍ଷା ବ୍ୟବସ୍ଥାରେ ଅହେତୁକ ଭୟ ସୃଷ୍ଟି କରି ଦିଆଯାଇଛି। ଏହି ଦୁଇଟି ବଷୟକୁ ଡରି ଅନେକ ଛାତ୍ରଛାତ୍ରୀ ଅଧାରୁ ପାଠ ବନ୍ଦ କରିଛନ୍ତି। ତେବେ ଏହି ବିଷୟ ଗୁଡିକୁ ବୋଧଗମ୍ୟ ଓ ରୁଚିକର ଭାବେ ଯଦି ପରିବେଷଣ କରାଯାଆନ୍ତା, ଲକ୍ଷ ଲକ୍ଷ ପିଲା ଏହାକୁ ନେଇ ଭୟଭୀତ ହୋଇ ନଥାଆନ୍ତେ। କୋଣସି ବିଷୟକୁ ଡରି ଯଦି ଗୋଟିଏ ବିଦାର୍ଥୀ ପାଠ ଛାଡୁଛି, ଏହା ନିଶ୍ଚିତ ରୂପେ ରାଷ୍ଟ୍ରର ଏକ ସମ୍ବଳଗତ ଅପୂରଣୀୟ କ୍ଷତି। ସ୍ୱାଧୀନତା ପରଠାରୁ ଏମିତି ଇଂରେଜୀ, ଗଣିତକୁ ଡରି କେତେ ପିଲାଙ୍କ ଭବିଷ୍ୟତ ନଷ୍ଟ ହୋଇଛି ଏହାର ହିସାବ କିଏ ରଖୁଛି।

ଉନ୍ନତମାନର ଶିକ୍ଷା ବ୍ୟବସ୍ଥା ଯୋଗୁଁ ଅନେକ ମଧ୍ୟବିତ୍ତ ଓ ଉଚ୍ଚ ବର୍ଗର ପରିବାର ନିଜ ସନ୍ତାନମାନଙ୍କୁ ବ୍ୟୟ ବହୁଳ ଶିକ୍ଷା ବ୍ୟବସ୍ଥା ଯୋଗାଇ ପାରୁଛନ୍ତି। ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଜୀବିକାର୍ଜନ ପାଇଁ ଅନେକ ସୁଯୋଗ ମିଳିପାରୁଛି। ଆନ୍ତର୍ଜାତୀୟ ସ୍ତରରେ ଏପରି ଉଚ୍ଚଶିକ୍ଷିତ ଯୁବକ ଯୁବତୀମାନଙ୍କୁ କମ୍ପାନୀମାନେ ମୋଟା ଅଙ୍କର ପ୍ୟାକେଜ ଦେଇ ନିଜ ଦେଶର ସମ୍ବଳ ବିକାଶରେ ଖଟାଇ ପାରୁଛନ୍ତି। ନିଜ ଜନ୍ମମାଟିରେ ଶିକ୍ଷା ଗ୍ରହଣ କରି ଏମାନେ ଅନ୍ୟ ଦେଶର ବିକାଶ ପ୍ରକ୍ରିୟାରେ ସହଯୋଗ କରୁଛନ୍ତି।

ଶିକ୍ଷା ପାଇଁ ଯେକୌଣସି ସୁବିଧା ରହିଥାଉ ଉ ପ୍ରଯୁକ୍ତ ଜୀବିକା ବ୍ୟବସ୍ଥା ନଥିଲେ ଛାତ୍ରଛାତ୍ରୀ ନିଶ୍ଚିତ ରୂପେ ବିଦେଶମୁହାଁ ହେବେ। ତେଣୁ ଉଚ୍ଚଶିକ୍ଷାସହିତ ଜୀବିକାର୍ଜନର ସୁବିଧା ଅଙ୍ଗାଙ୍ଗୀଭାବେ ଜଡ଼ିତ। ଏପରିକି କେତୋଟି ନିର୍ଦ୍ଦିଷ୍ଟ ପାଠ୍ୟକ୍ରମର ସୁବିଧା ଭାରତରେ ନମିଳିଲେ ପିଲାମାନେ ସେଥିପାଇଁ ଅନ୍ୟ ଦେଶରେ ପାଠ ପଢୁଛନ୍ତି। ଏକ ଉଚ୍ଚଶିକ୍ଷିତ ମାନବ ସମ୍ବଳ ନିମନ୍ତେ ନିଯୁକ୍ତି ସୁଯୋଗର ସୃଷ୍ଟି ମଧ୍ୟ ଅତ୍ୟନ୍ତ ଜରୁରୀ।

ନାରୀ ଶିକ୍ଷା ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏକ ବିରାଟ ସମସ୍ୟା ରୂପେ ଦେଖାଦେଇଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କର ନିରନ୍ତର ଚେଷ୍ଟାରୁ ଏବେ ପୁଅ ଓ ଝିଅ ଉଭୟଙ୍କୁ ଶିକ୍ଷାର ସୁଯୋଗ ମିଳୁଛି। ତଥାପି ସ୍ଥଳ ବିଶେଷରେ ସାମାଜିକ ପ୍ରତିବନ୍ଧକ ନାରୀ ଶିକ୍ଷାରେ ଅନ୍ତରାୟ ହେବାରୁ ସେମାନଙ୍କୁ ଆହୁରି ଅଧିକ ସୁବିଧା ଯୋଗାଇ ଦିଆଯାଉଛି, କିନ୍ତୁ ସାମଜିକ ପ୍ରତିବନ୍ଧକ ବିରୋଧରେ ଆଖିଦୃଶିଆ କାର୍ଯ୍ୟକ୍ରମ ଗ୍ରହଣ କରିବାର ଆବଶ୍ୟକତା ଅଛି।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଦିଗରେ ଧାରାବାହିକ ଭାବରେ କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଉଛି। ଏବର ସମୟରେ ବିଜ୍ଞାନ, କଳା, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଇତ୍ୟାଦିରେ ମୌଳିକ ଅନୁସନ୍ଧାନମୂଳକ ପାଠ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉନାହିଁ। ଯାହା ଆଗାମୀ ଦିନରେ ବିରାଟ ସମସ୍ୟା ସୃଷ୍ଟି କରିବ। କେବଳ ପାଠପଢ଼ି ଚାକିରିଟିଏ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ ନହେଉ। ଯେଉଁ ବିଦ୍ୟାର୍ଥୀମାନେ ମୌଳିକ ଅନୁସନ୍ଧାନ କରିବାକୁ ଇଚ୍ଛା ପ୍ରକଟ କରୁଛନ୍ତି ସେମାନଙ୍କୁ ଉପଯୁକ୍ତ ସମ୍ମାନର ସହ ବ୍ୟବହାର କରାଗଲେ ପାଠ୍ୟକ୍ରମର ବିକାଶ ଘଟିବା ସହ ପିଲାମାନଙ୍କର ବି ବିକାଶ ହେବ।


# SANCKET PVT. I.T.I

Trades available for admission
Fitter, Electrician, Plumbing, Sewing Technology (Tailoring)

*Trades affiliated to NCVT, Government of India*
PURANODAPADA, RAGHUNATHPUR- 754132, JAGATSINGHPUR
CONT. NO- 9437073823, 94394841828, 9437905454, www.sancket.com





ସଙ୍କେତ: ଏକ ଗ୍ରାମୀଣ ଓ କର୍ମଭିତ୍ତିକ ପରିଚାଳିତ ଶିକ୍ଷାନୁଷ୍ଠାନ। ଏଇ ଅନୁଷ୍ଠାନ ସାମଜର କଲ୍ୟାଣ ଦିଗରେ ବ୍ରତୀ ହୋଇ ନିରବଚ୍ଛିନ୍ନ ଭାବରେ ୧୧ ବର୍ଷ ହେଲା ତାହାର କର୍ତ୍ତବ୍ୟ ସୂଚାରୁରୂପେ କରିଆସୁଛି। ସେଥିପାଇଁ ସଙ୍କେତ ଆଇଟିଆଇ, ତାହାର ଶୁଭେଚ୍ଛୁ ବନ୍ଧୁ, ଅଭିଭାବକ ତଥା ଶିକ୍ଷାର୍ଥୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି। ଏଥିରେ ପ୍ରଦର୍ଶିତ ବୈଷୟିକ ଶିକ୍ଷାକୁ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ସହିତ ସେମାନଙ୍କର ବୌଦ୍ଧିକ ଓ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରିବା ପାଇଁ ସର୍ବସାଧାରଣମାନଙ୍କ ସୁଚିନ୍ତିତ ପରାମର୍ଶ ଓ ମତାମତକୁ ଆନନ୍ଦର ସହିତ ଅନୁମୋଦନ କରାଯାଇଛି। ଆମେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରୁଛୁ। ଅତ୍ୟାଧୁନିକ ଯୁଗର ମନୁଷ୍ୟ ତା'ର ମାନବିକ ତଥା ନୈତିକ ମୂଲ୍ୟବୋଧକୁ ହତ୍ୟାକରି ପାଶବିକ ଘୃଣ୍ୟ ପ୍ରବୃତ୍ତି ଆଡ଼କୁ ମୁହାଁଉଛି। ସେମାନଙ୍କୁ ସେହି ପଙ୍କିଳ ପଥରୁ ଉଦ୍ଧାର କରିବା ପାଇଁ ସ୍ୱାମୀ ବିବେକାନନ୍ଦ ଭାରତର ଯୁବ ସଂପ୍ରଦାୟମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, Civilization ..... Human civilization has begun not yet. 99.9% of human race are more or less savages even now' (Total youth of India)... ଏହାର ଅର୍ଥ ହେଲା:- ସଭ୍ୟତା... ମାନବ ସଭ୍ୟତା ଆଜିର ବିଶ୍ୱରେ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ କାରଣ ୯୯.୯% ମଣିଷ ଆଜି ପର୍ଯ୍ୟନ୍ତ ବନ୍ୟପଶୁପରି ପାଶବିକ ଆଚରଣରେ ଲିପ୍ତ ରହିଛନ୍ତି।

ତେଣୁ ଏହି ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଜ୍ଞାନରେ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇ ସେମାନଙ୍କ ସ୍ୱର୍ଣ୍ଣିକ ଭବିଷ୍ୟ ଗଢ଼ିବା ସଙ୍ଗେ ସଙ୍ଗେ ସମାଜରେ ଜଣେ ଆଦର୍ଶ ନୀତିନିଷ୍ଠ ବ୍ୟକ୍ତି ରୂପେ ଗଢ଼ି ତୋଳିବା ଆମର ଲକ୍ଷ୍ୟ। ଛାତ୍ରଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ କରିବା ସହ ନିଜର ଦାୟିତ୍ୱ ସଂପର୍କରେ ଅଧିକ ଜ୍ଞାନ ଆହରଣ କରିବା କ୍ଷେତ୍ରରେ ସଙ୍କେତ ଅନୁଷ୍ଠାନ ଅଙ୍ଗୀକାରବଦ୍ଧ। ସଙ୍କେତ ଆଇ.ଟି.ଆଇରେ ପିଲାମାନଙ୍କୁ ପାଠପଢ଼ା ସହିତ ସମାଜ ଗଠନ ପାଇଁ ସାମାଜିକ କ୍ଷେତ୍ରରେ ନିରନ୍ତର ସେବା ଯୋଗାଉଥିବା ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନମାନଙ୍କୁ ସମ୍ମାନିତ କରିଆସୁଛି। ଏଇ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନଙ୍କର କର୍ମନିଯୁକ୍ତି ପାଇଁ ବିଭିନ୍ନ ଅନୁଷ୍ଠାନ ତଥା କମ୍ପାନୀମାନଙ୍କ ସହିତ ଯୋଗାଯୋଗ ରକ୍ଷା କରାଯାଇ ଯୋଗ୍ୟତା ଭିତ୍ତିରେ ସେମାନଙ୍କ ନିଯୁକ୍ତି ନିମନ୍ତେ ବିଧିବଦ୍ଧ ଭାବରେ (Campus Selection)ର ବ୍ୟବସ୍ଥା କରାଯାଉଛି। ଉକ୍ତ ଅନୁଷ୍ଠାନର ଶିକ୍ଷାର୍ଥୀମାନଙ୍କର ଜରୁରୀ ଆବଶ୍ୟକୀୟ ପୁସ୍ତକ ସୁଲଭରେ ଯୋଗାଇ ଦେବା ନିମନ୍ତେ ପାଠାଗାର ମଧ୍ୟ ରହିଛି। ଏଠାରୁ ଶିକ୍ଷା ସମାପ୍ତି ପରେ ଶିକ୍ଷାର୍ଥୀଙ୍କୁ N.C.V.T. ର ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଏ।

ଏଠାରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ରହଣି ପାଇଁ ଛାତ୍ରବାସର ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଛାତ୍ରୀମାନଙ୍କ ନିରାପତ୍ତା ଦୃଷ୍ଟିରୁ ସେମାନଙ୍କ ଅନ୍ତେନିବାସ ଛାତ୍ରମାନଙ୍କ ଠାରୁ ଦୂରରେ ନିର୍ମାଣ କରଯାଇଛି ଏବଂ ରାତ୍ରୀକାଳୀନ ଜଗୁଆଳି ରହିବାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଦୂରବର୍ତ୍ତୀ ଛାତ୍ରଛାତ୍ରୀମାନଙ୍କ ଯାତାୟତରେ ସୁବିଧା ଦୃଷ୍ଟିରୁ କଟକ-ପାରାଦୀପର ମୁଖ୍ୟ ରାଜପଥର ପାର୍ଶ୍ୱରେ ଶିକ୍ଷାସୌଧ ନିର୍ମାଣ କରି ବିଦ୍ୟାର୍ଥୀମାନଙ୍କୁ ସ୍ୱାଗତ ଜଣାଉଛି।



ଏହି ଅଂଚଳରେ ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ସଙ୍କେତ ଅନୁଷ୍ଠାନ ସେମାନଙ୍କର କର୍ମନିଯୁକ୍ତିର ସୁଯୋଗ ଦୃଷ୍ଟିରୁ ଇଲେକ୍ଟ୍ରିସିଆନ, ଫିଟର, କମ୍ପ୍ୟୁଟର, ସିଲାଇ ତଥା ପ୍ଲମ୍ବର ପରି ବୈଷୟିକ ବିଭାଗ ମାନ ସଂଶ୍ଲିଷ୍ଟ କରିଛି। ଏଇ ଅନୁଷ୍ଠାନ ତାହାର ସୁନାମ ଓ ଗୌରବ ରକ୍ଷା ପାଇଁ ବିଶେଷ କରି ଶିକ୍ଷାର୍ଥୀ ଏବଂ ଅଭିଭାବକମାନଙ୍କର ଆଶା ଓ ବିଶ୍ୱାସକୁ ଶତପ୍ରତିଶତ ସଫଳ କରିବା ପାଇଁ ପ୍ରୟାସ ଜାରି କରିଆସୁଛି।

ଏତଦ୍‌ବ୍ୟତୀତ ଭାରତ ସରକାର ଓ ରାଜ୍ୟ ସରକାର ସମସ୍ତ ପ୍ରାର୍ଥୀଙ୍କୁ ଆଇ.ଟି.ଆଇ ସହ +୨ର ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରିଛନ୍ତି। ସଙ୍କେତର ଆଇ.ଟି.ଆଇ ସହ +୨ର ଶିକ୍ଷା ଏକ ସଙ୍ଗେ ଲାଭ କରିବାର ସୁଯୋଗ ନିଅନ୍ତୁ, କାରଣ ସଙ୍କେତ ଆଇ.ଟି.ଆଇ ଏନ୍.ଆଇ.ଓ.ଏସ୍ ସହ ଅନୁବନ୍ଧିତ ହୋଇ certified study centreର ମାନ୍ୟତା ହାସଲ କରିସାରିଛି। ଆପଣମାନଙ୍କୁ ଅଭିନନ୍ଦନ ଜଣାଇ ଆପଣମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ।

*Better Training for Prosperity*









# ମା'ଙ୍କ ଏହି ମନ୍ଦିରରେ ୪୦ ଦିନ ଦୀପ ଲଗାଇଲେ ପୂରଣ ହୁଏ ମନସ୍କାମନା

ଦେଶରେ ମା' ଦୁର୍ଗାଙ୍କ ଅନେକ ମନ୍ଦିର ରହିଛି । ସେହି ମନ୍ଦିର ମଧ୍ୟରୁ ମେରଠ ସ୍ଥିତ ନବଚଣ୍ଡୀ ମାତାଙ୍କ ପ୍ରସିଦ୍ଧ ମନ୍ଦିର ଗୋଟିଏ । କୁହାଯାଏ ନବଚଣ୍ଡୀ ମାତାଙ୍କ ଏହି ମନ୍ଦିର ହଜାରରୁ ଅଧିକ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା ।

କୁହାଯାଏ ଯେ କେବଳ ହିନ୍ଦୁ ହିଁ ନୁହେଁ ବରଂ ମୁସଲିମ ଧର୍ମ ଲୋକେ ମଧ୍ୟ ଏହି ମନ୍ଦିରରେ ମା'ଙ୍କୁ ଦର୍ଶନ କରିଥାନ୍ତି ଛ ଏହି ମନ୍ଦିରରେ ଶହ ଶହ ବର୍ଷ ପୁରୁଣା ଏକ ଖଣ୍ଡା ଅଛି। ଏହି ଖଣ୍ଡା ବ୍ରିଟିଶ ଅମଳର ବୋଲି କୁହାଯାଏ। ମା'ଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଏହି ଖଣ୍ଡାକୁ ମଧ୍ୟ ପୂଜା କରନ୍ତି। ଦଶହରା ଅବସରରେ ବିଧି ବିଧାନ ଅନୁସାରେ ଏହି ଖଣ୍ଡାକୁ ପୂଜା କରାଯାଇଥାଏ। ପ୍ରତି ବର୍ଷ ଏଠାରେ ନୌଚନ୍ଦି ମେଳା ଲାଗେ। ଏହି ମେଳା ବହୁତ ପ୍ରସିଦ୍ଧ। ଏହି ମେଳା ମେରଠର ପରିଚୟ। ନବଚଣ୍ଡୀ ମନ୍ଦିରର ଠିକ ସାମ୍ନାରେ ଏକ ମଜାର ଅଛି। ହିନ୍ଦୁ ଧର୍ମାବଲମ୍ବୀ ଯେତେବେଳେ ମନ୍ଦିର ଦର୍ଶନ ପାଇଁ ଆସନ୍ତି ମଜାର ଯାଆନ୍ତି। ମୁସଲିମ ଧର୍ମାବଲମ୍ବୀ ଯେତେବେଳେ ମଜାର




ଆସନ୍ତି ସେମାନେ ମଧ୍ୟ ମନ୍ଦିରରେ ଦର୍ଶନ କରନ୍ତି।

କୁହାଯାଏ ଯେ ନବଚଣ୍ଡୀ ମାତାଙ୍କ ମନ୍ଦିରରେ ଯେଉଁ ଭକ୍ତ ଲଗାତାର ମା'ଙ୍କୁ ଦର୍ଶନ କରି ୪୦ ଦିନ ଦୀପ ଜାଳେ ଓ ପ୍ରସାଦ ଅର୍ପଣ କରେ ମା' ତାଙ୍କ ମନୋସ୍କାମନା ନିଶ୍ଚୟ ପୂରଣ କରନ୍ତି। କିମ୍ବଦନ୍ତୀ କହେ, ନବଚଣ୍ଡୀ ମା'ଙ୍କ ମନ୍ଦିର ଲଙ୍କାପତି ରାବଣଙ୍କ ପତ୍ନୀ ମନ୍ଦୋଦରୀ ସ୍ଥାପନା କରିଥିଲେ। ସେ ହିଁ ଏହି ମୂର୍ତ୍ତି ପୂଜା ଆରମ୍ଭ କରିଥିଲେ। ଏହି ମନ୍ଦିର ଯାଏଁ ପହଂଚିବାକୁ ସେ ଏକ ଗୁପ୍ତ ରାସ୍ତା ମଧ୍ୟ ତିଆରି କରିଥିଲେ। ସେ ଏହି ଗୁପ୍ତ ରାସ୍ତା ଦେଇ ପୂଜା କରିବାକୁ ଆସୁଥିଲେ। ନବଚଣ୍ଡୀ ମାତା ମନ୍ଦିର ଦିଲ୍ଲୀରୁ ୬୫ କିଲୋମିଟର ଦୂର। ଏଠାରୁ ସିଟି ବସ ସାହାଯ୍ୟରେ ନୌଚନ୍ଦି ଗ୍ରାଉଣ୍ଡ ପହଞ୍ଚି ପାରିବେ। ଏଠାରୁ ମାତାଙ୍କ ମନ୍ଦିର ମାତ୍ର ୩ କିଲୋମିଟର।

# ୬ଟି ଜିନିଷ ବ୍ୟବହାର କଲେ ହୋଇଯିବେ କାଙ୍ଗାଳ

**କିଛି ଏମିତି ଜିନିଷ ଅଛି ଯାହା କାହାଠାରୁ ମାଗି ଆଣି ବ୍ୟବହାର କରିବା ଅନୁଚିତ । ଏନେଇ ଆମ ବଡ଼ମାନେ ମଧ୍ୟ କିଛି କ୍ଷେତ୍ରରେ ବାରଣ କରିଥାନ୍ତି। କେବଳ ସେତିକି ନୁହେଁ ବାସ୍ତୁ ଶାସ୍ତ୍ରରେ ମଧ୍ୟ ଏହା କରିବା ନିଷେଧ । ବାସ୍ତୁ ଅନୁଯାୟୀ, ଅନ୍ୟମାନଙ୍କଠାରୁ ମାଗି ଆଣି କିଛି ଜିନିଷ ବ୍ୟବହାର କରିବା ଦ୍ୱାରା ନକାରାତ୍ମକ ଶକ୍ତି ଆମ ଭିତରେ ଜାଗ୍ରତ ହୁଏ । ଆଉ ଏହି ଛୋଟ ଜିନିଷଗୁଡ଼ିକ ଆମର ବଡ କ୍ଷତିର କାରଣ ହୋଇପାରେ । ଅନ୍ୟର କେଉଁ ଜିନିଷକୁ ଆମେ କେବେବି ବ୍ୟବହାର କରିବା ଉଚିତ୍ ନୁହେଁ ।**



**ରୁମାଲ-** ବାସ୍ତୁ ଶାସ୍ତ୍ରଙ୍କ ଅନୁଯାୟୀ, ଅନ୍ୟ ଜଣଙ୍କ ରୁମାଲକୁ ପାଖରେ ରଖିବା ଦ୍ୱାରା ସମ୍ପର୍କ ଛିନ୍ନ ହୋଇପାରେ। ଏହି କାରଣରୁ ପରସ୍ପର ମଧ୍ୟରେ ଝଗଡା ହେବା ସହ ସମ୍ପର୍କରେ ତିକ୍ତତା ଆସିପାରେ ବୋଲି କୁହାଯାଏ । ତେଣୁ ଆମେ କଦାପି ଅନ୍ୟର ରୁମାଲକୁ ଆମ ପାଖରେ ରଖିବା ଅନୁଚିତ୍ ।

**ଘଣ୍ଟା-** ବାସ୍ତୁ ଶାସ୍ତ୍ରରେ ଘଣ୍ଟାକୁ ମଧ୍ୟ ସକରାତ୍ମକ ଏବଂ ନକାରାତ୍ମକ ଶକ୍ତି ଆଧାରରେ ଦେଖାଯାଏ । ହାତରେ ଅନ୍ୟର ଘଣ୍ଟା ପିନ୍ଧିବା ଅତ୍ୟନ୍ତ ଅଶୁଭ ବୋଲି ଧରାଯାଏ । କୁହାଯାଏ ଯେ ଏହା କରିବା ଦ୍ୱାରା ଜଣେ ବ୍ୟକ୍ତିର ଖରାପ ସମୟ ଆରମ୍ଭ ହୋଇପାରେ।

**ମୁଦି-** ଅନ୍ୟର ମୁଦି ମାଗି ପିନ୍ଧିବା ମଧ୍ୟ ବାସ୍ତୁ ଶାସ୍ତ୍ରରେ ଅଶୁଭ ବୋଲି ବିବେଚନା କରାଯାଏ । ଏହା କରିବା ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଜୀବନ ଏବଂ ଅର୍ଥିକ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ ।

**ପେନ୍-** ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଆମେ କେବେବି ଅନ୍ୟର କଲମକୁ ଆମ ସହ ରଖିବା ଅନୁଚିତ୍ । କ୍ୟାରିୟର ଦୃଷ୍ଟିରୁ ଏହା କେବଳ ଅପ୍ରୀତିକର ବୋଲି ବିବେଚନା କରାଯାଏ ନାହିଁ, ବରଂ ଆପଣଙ୍କ ଧନହାନୀ ମଧ୍ୟ ହୋଇପାରେ।

**ପୋଷାକ-** ସେହିପରି ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଆମେ ଅନ୍ୟର ପୋଷାକ କେବେ ବି ପିନ୍ଧିବା ଉଚିତ୍ ନୁହେଁ । ଏହି କାରଣରୁ, ନକାରାତ୍ମକ ଶକ୍ତି ଆମ ଭିତରେ ପ୍ରବେଶ କରେ ଏବଂ ଜୀବନରେ ଅନେକ ପ୍ରକାରର ଅସୁବିଧା ଆସିବା ଆରମ୍ଭ ହୋଇଥାଏ।

# ପେଟର ବାମ ପଟେ ଯନ୍ତ୍ରଣା ଦେଇଥାଏ ରୋଗର ସଙ୍କେତ

ବେଳେ ବେଳେ ଖାଇବା ପିଇବାରେ ଠିକଣା ରହୁ ନ ଥିବାରୁ ପେଟ ଯନ୍ତ୍ରଣା ଭଳି ସମସ୍ୟା ଦେଖା ଯାଇଥାଏ । ଯାହାକୁ ଆପଣମାନେ ଅତି ସାମାନ୍ୟ ଭାବିଥାନ୍ତି । କିନ୍ତୁ ଯଦି ଯନ୍ତ୍ରଣା ଆପଣଙ୍କ ପେଟର ବାମ ପଟେ ହେଉଛି, ତେବେ ଏହାକୁ ସାମାନ୍ୟ ନ ଭାବି ଡାକ୍ତରଙ୍କୁ ଦେଖାନ୍ତୁ । କାରଣ, ବାରମ୍ବାର ପେଟର ବାମ ପଟେ ହେଉଥିବା ଯନ୍ତ୍ରଣା ଅନେକ ଶାରୀରିକ ସମସ୍ୟାର ସଙ୍କେତ ଦେଇଥାଏ । ଏ ବିଷୟରେ ଠିକ୍ ସମୟରେ ଜାଣି ତାହାର ଚିକିତ୍ସା କରିବା ଦରାକାର।

୧. ଅଧିକ ସମୟ ପର୍ଯ୍ୟନ୍ତ ଭୋକିଲା ରହିବା ବା ଦରକାର ଠାରୁ ଅଧିକ ଖାଇବା ଦ୍ୱାରା ପେଟରେ ଗ୍ୟାସ୍ ସୃଷ୍ଟି ହୋଇଥାଏ। ଏହା ଅତି ସାଧାରଣ ସମସ୍ୟା । କିନ୍ତୁ ଏଥିପ୍ରତି ଆରମ୍ଭରୁ ହିଁ ଧ୍ୟାନ ଦେବା ଦରକାର। ଏହି ସମସ୍ୟାକୁ ଅଣଦେଖା କଲେ ଏହା ଅଲ୍‌ସରରେ ପରିଣତ ହୋଇ ଯାଇଥାଏ। ଏହାଦ୍ୱାରା ପେଟରେ ଯନ୍ତ୍ରଣା ବଢ଼ି ଯାଇଥାଏ । ଏଭଳି ସମସ୍ୟା ହେଲେ ତୁରନ୍ତ ଯାଇ ଡାକ୍ତରଙ୍କୁ ପରାମର୍ଶ କରାନ୍ତୁ।

୨. ଖାଦ୍ୟ ହଜମ ନହେଲେ ମଧ୍ୟ ପେଟର ବାମ ପଟେ ଯନ୍ତ୍ରଣା ହୋଇଥାଏ। ଏହାଦ୍ୱାରା ପେଟ ଭାରୀ ଲାଗିବା ସହ ପୋଡିବା ଭଳି ଅନୁଭବ ହୋଇଥାଏ। ଏଭଳି ସମସ୍ୟା ଥିଲେ ମସଲାଜାତୀୟ ଖାଦ୍ୟ ବା ତେଲଯୁକ୍ତ ଖାଦ୍ୟଠାରୁ ଯେତେ ସମ୍ଭବ ଦୂରରେ ରୁହନ୍ତୁ।

୩. ଯେଉଁ ଲୋକମାନଙ୍କର କିଡ୍‌ନୀ ଷ୍ଟୋନର ସମସ୍ୟା ରହିଥାଏ, ସେମାନଙ୍କର ବାମ ପଟ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥାଏ । କିଡ୍‌ନୀରେ ମିନେରାଲ୍ସ ଜମା ହେବାକୁ ଲାଗିବା ପରେ ଏହା ଷ୍ଟୋନରେ ପରିଣତ ହୋଇ ଯାଇଥାଏ। ଯେତେବେଳେ ଏହି ଷ୍ଟୋନର ଆକାର ବଢ଼ିଥାଏ, ସେତେବେଳେ ପେଟର ବାମ ପଟେ ଯନ୍ତ୍ରଣା ଆରମ୍ଭ ହୋଇଥାଏ। ଏପରି ଲକ୍ଷଣ ଦେଖାଗଲେ, ଡାକ୍ତରଙ୍କୁ ଦେଖାଇ ତୁରନ୍ତ ଚିକିତ୍ସା କରନ୍ତୁ।

# ଫାଷ୍ଟଫୁଡ୍ କବଳରେ ଛାତ୍ରସମାଜ



ପ୍ରଣତି ପାତ୍ର



> **ପାଠ୍ୟକ୍ରମରେ ଫାଷ୍ଟଫୁଡ୍ ବିଷୟରେ ଶିକ୍ଷାଦାନ ଆବଶ୍ୟକ। ବିଭିନ୍ନ ଗଦ୍ୟ, ଚିତ୍ର, ବକ୍ତୃତା ପ୍ରତିଯୋଗିତାରେ ସ୍ୱାସ୍ଥ୍ୟ ସଂପର୍କିତ ବିଷୟ ଉପରେ ଆଲୋଚନା ଦରକାର। ଶିକ୍ଷକ, ଅଭିଭାବକ ବୈଠକରେ ନିୟମିତ ରୂପେ ପିଲାମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ଦିଆଗଲେ ଭବିଷ୍ୟତରେ କିଛି ଆଖିଦୃଶିଆ ପରିବ ର୍ନ ହେବ। ଫାଷ୍ଟଫୁଡ୍‌ର କୁପ୍ରଭାବରୁ ମୁକ୍ତ ରହିବା ପାଇଁ ଘରେ ରୋଷେଇ ହେଉଥିବା ଖାଦ୍ୟ ଗ୍ରହଣ କରିବା ଉଚିତ।**

ଥରେ କଥା ପ୍ରସଙ୍ଗରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ବନ୍ଧୁ କହୁଥିଲେ - 'ପିଲାବେଳେ ମୁଁ ଭୁବନେଶ୍ୱରର ସବୁଠାରୁ ଦାମିକା ଓ ସୁନାମଧନ୍ୟ ଇଂରେଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢୁଥିଲି। ମୋ ମାଆ ଜଣେ ଅର୍ଦ୍ଧଶିକ୍ଷିତ ମହିଳା ଥିଲେ। ସେ ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟାତ୍ୟାଗ କରି ନିତ୍ୟକର୍ମ ସାରି ମୋ ପାଇଁ ପରଟା, ରୁଟିଭଜା, ଉପମା, ଇଡ୍‌ଲୀ, ଚୁଡ଼ା ସନ୍ତୁଳା ଇତ୍ୟାଦି ଜଳଖିଆ ବନାନ୍ତି। କୌଣସି ଦିନ ସେ ଅଧିକ ବ୍ୟସ୍ତ ଥିଲେ ମୋ ଟିଫିନ୍ ଡବାରେ ଛତୁଆ ନହେଲେ ଗଜାମୁଗ ନଡ଼ିଆ ଆଉ ଗୋଟିଏ ଫଳ ଭର୍ତ୍ତି କରିଦିଅନ୍ତି। ମୁଁ ନିଜର ଟିଫିନ୍ ଡବାକୁ ମଧ୍ୟାହ୍ନ ଭୋଜନ ବିରତି ସମୟରେ ଅନ୍ୟ ସହପାଠୀମାନଙ୍କ ସାମନାରେ ଖୋଲିଦିଏ।

ମୋ ସାଙ୍ଗମାନେ ସାଧାରଣତଃ ନୁଡୁଲ୍ସ, କେକ୍, କ୍ରିମ୍ ବିସ୍କୁଟ, ପାଉଁରୁଟି ଜାମ୍, ପେଟିସ୍, କୃତ୍ରିମ ଫଳରସ ଇତ୍ୟାଦି ଆଣିଥାନ୍ତି। ମୋର ଘର ତିଆରି ଜଳଖିଆ ଦେଖି ମୋତେ 'ଗାଉଁଲି' ବୋଲି ଥଟାମଜା କରନ୍ତି। ମୋ ଜନ୍ମ ପୂର୍ବରୁ ବାପା ବ୍ୟବସାୟ ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ଆସି ଥିଲେ। ଏହା ପୂର୍ବରୁ ସେମାନେ ଏକ ଛୋଟଗାଁରେ ରହୁଥିଲେ। ମୁଁ ଅନେକ ସମୟରେ ମୋ ଟିଫିନ୍‌କୁ ନେଇ ଘରେ ବାପା ଓ ମାଆଙ୍କ ସହ ଝଗଡ଼ା କରେ। ମୋର ମାଆ ଅପାଠୁଆ ଆଉ ଗାଉଁଲୀ ବୋଲି ଏମିତି ଟିଫିନ ଦେଉଛନ୍ତି ବୋଲି ଭାବେ।

ମୋ ସାଙ୍ଗମାନଙ୍କ ମାଆମାନେ ଉଚ୍ଚଶିକ୍ଷିତ ଓ ସହରରେ ଲାଳିତ ପାଳିତ। ସେମାନେ ଇଂରେଜୀରେ କଥାବାର୍ତ୍ତା କରିପାରନ୍ତି ଓ ନିଜ ପିଲା ମନ ପସନ୍ଦର ନାନା ରକମ ଜଳଖିଆ ଦେଇ ସ୍କୁଲକୁ ପଠାନ୍ତି। ଆଜି ଅନେକ ବର୍ଷ ପରେ ମୋର ମାଆର ମୋ ପ୍ରତି ଥିବା ଭଲପାଇବା କଥା ବୁଁ ବୁଝିପାରିଛି। ସେ ଅର୍ଦ୍ଧଶିକ୍ଷିତ ହୋଇ ମଧ୍ୟ ମୋ ସ୍ୱାସ୍ଥ୍ୟ ପ୍ରତି କେତେ ଯତ୍ନବାନ ଥିଲା ସତେ ! ମୋ ସାଙ୍ଗମାନଙ୍କ ମାଆମାନେ ସକାଳେ ଡେରିରେ ଉଠନ୍ତି ଆଉ ଫ୍ରିଜ୍‌ରୁ କେକ୍, ବ୍ରେଡ୍ ବାହାର କରି ଟିଫିନ୍ ବକ୍ସରେ ଭର୍ତ୍ତି କରି ଦେଉଥିବା ସ୍ଥଳେ ମୋ ମାଆ ନିଜେ ହାତରେ ଜଳଖିଆ ରାନ୍ଧି ଦେଇଥାନ୍ତି। ମୋ ମାଆର ସେହି ଭଲ ପାଇବା ଯୋଗୁଁ ଆଜି ମୁଁ ଏକ ନିରୋଗ ଜୀବନଯାପନ କରୁଥିବା ବେଳେ ମୋର ଅଧିକାଂଶ ବନ୍ଧୁ ଗ୍ୟାଷ୍ଟ୍ରିକ, ମେଦବୃଦ୍ଧି, ଡାଇବେଟିସ୍, କୋଲେଷ୍ଟ୍ରୋଲ ଆଧିକ୍ୟ ଇତ୍ୟାଦି ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ।

ସୁସ୍ଥ ଜୀବନ ନିମନ୍ତେ ସନ୍ତୁଳିତ ଆହାର ଆବଶ୍ୟକ, ଯେଉଁଥିରେ ଠିକ୍ ପରିମାଣର ଖାଦ୍ୟସାର, ଶ୍ୱେତସାର, ସ୍ନେହସାର, ଭିଟାମିନ୍ ଓ ମିନେରାଲ ତ ୍ୱ ଥିବ। ପିଲାମାନଙ୍କ ବଢୁଥିବା ବୟସରେ ଯେଉଁ ଖାଦ୍ୟ ପ୍ରତି ରୁଚି ବିକାଶ କରାଯାଏ, ତାହା ତାଙ୍କ ପରବର୍ତ୍ତୀ ଜୀବନକୁ ପ୍ରଭାବିତ କରେ। ଆଜିକାଲି ପିଲାଠାରୁ ବଡ଼ ସମସ୍ତେ ଫାଷ୍ଟଫୁଡ୍‌ରେ ଅଭ୍ୟସ୍ତ ହୋଇଗଲେଣି। କାରଖାନାରେ ତିଆରି ହୋଇଥିବା ଏବଂ ପ୍ୟାକେଟ୍ କିମ୍ବା ଡବା ଭିତରେ ମିଳୁଥିବା ଖାଦ୍ୟ ଆଜି ପିଲା ଓ ଯୁବଗୋଷ୍ଠୀ ମଧ୍ୟରେ ଅଧିକ ଲୋକପ୍ରିୟ ହେବାରେ ଲାଗିଛି। ଏହି ଖାଦ୍ୟଗୁଡ଼ିକ ଦ୍ୱାରା ସ୍ୱାସ୍ଥ୍ୟଗତ ଭାବେ ଲାଭ କମ୍ ଓ କ୍ଷତି ଅଧିକ ହୋଇଥାଏ। ଏବେ ଆମ ବଜାରରେ ନାନା ପ୍ରକାରର ଆଲୁ ଚିପ୍‌ସ, କେକ୍, ବିସ୍କୁଟ, ଆଇସକ୍ରିମ୍, ମୃଦୁପାନୀୟ ହାତ ପାଆନ୍ତାରେ ମିଳୁଛି। ଏହା ଆକର୍ଷଣୀୟ ପ୍ୟାକେଟ୍ ଓ ସୁନ୍ଦର ବାସ୍ନା ସହିତ ଆସୁଛି, ଯାହାକୁ ଥରେ ଖାଇଲେ ବାରମ୍ବାର ଖାଇବାକୁ ଇଚ୍ଛାହେବ। ଭାରତୀୟ ବଜାରରେ ଏ ସମସ୍ତ ଅପଦାର୍ଥ ଦ୍ରବ୍ୟ ବିଗତ ୪୦ବର୍ଷ ହେଲା କାୟା ବିସ୍ତାର କରିଚାଲିଛି।

ଆମେ ଯଦି ୧୯୯୦ ଦଶକର ଟିଭି ବିଜ୍ଞାପନକୁ ମନେ ପକାଇବା, ଆମ ସ୍ମୃତିପଟରେ ଭାସିଉଠିବ ଗୋଟିଏ ବିଜ୍ଞାପନ ଯାହା ଆମ ଜୀବନକୁ କେବେ ନା କେବେ ଗଭୀର ଭାବରେ ପ୍ରଭାବିତ କରିଛି। ପିଲାଟି ହାଲିଆ ହୋଇ ଘରକୁ ଫେରିଛି। କହୁଛି- 'ମମ୍ମି, ମୋତେ ଜୋରରେ ଭୋକ ଲାଗୁଛି। କିଛି ଖାଇବାକୁ ଦିଅ।'

ମାଆ ଆଙ୍ଗୁଠିରେ ଦୁଇ ସଙ୍କେତ ଦେଖାଇ କହୁଛନ୍ତି - 'ବସ୍, ଦୁଇ ମିନିଟ୍ ଅପେକ୍ଷା କର।'

ପା ମିନିଟ୍ ଭିତରେ ତା'ର ମାଆ ଗରମ ଗରମ ମ୍ୟାଗିନେଇ ଆସୁଛନ୍ତି। ପିଲାଟି ମହା ଆନନ୍ଦରେ ମାତ୍ର କିଛି କ୍ଷଣରେ ନୁଡୁଲ୍ସ ଖାଇଦେଉଛି। ବିଗତ ୩୦ବର୍ଷ ଭିତରେ ଏହି ଖାଦ୍ୟ ଆମ ଜୀବନ ଶୈଳୀରେ ଏତେଦୂର ପ୍ରଭାବ ବିସ୍ତାର କରିପାରିଛି ଯେ, ଏହା ଭାତ, ରୁଟି, ଜଳଖିଆର ସ୍ଥାନ ଅଧିକାର କରିନେଇଛି। ପରବର୍ତ୍ତୀ ସମୟରେ ଅନେକ ପିଲା ନୁଡୁଲ୍ସ ଜଳଖିଆ, ମଧ୍ୟାହ୍ନଭୋଜନ ଓ ରାତ୍ରିଭୋଜନ ଭାବେ ଖାଉଛନ୍ତି।

ଆଜିକାଲିର ପିଲାମାନେ ପ୍ରଶ୍ନ କରନ୍ତି, ଯେଉଁ ସମୟରେ ସମାଜରେ ନୁଡୁଲ୍ସ, କେକ୍, ପିଜ୍ଜା, ବରଗର, କୋଲଡ୍ରିଙ୍କସ, ଆଲୁ ଚିପସ୍ ନଥିଲା, ଲୋକେ କେମିତି ଉପମା, ସେକା ରୁଟି, ଛତୁଆ, ଚୁଡ଼ା କଦଳୀ ଖାଇ ବ ୍ଚ ପାରୁଥିଲେ।

ପିଲାମାନେ ହେଉଛନ୍ତି ଟିଭି, ଫିଲ୍ମ ତଥା ସୋସିଏଲ୍ ମିଡିଆର ବୃହ ର ଦର୍ଶକ। ସେମାନଙ୍କ ସରଳ ଓ କୋମଳ ମନକୁ ଏହି ବିଜ୍ଞାପନ ଏତେଦୂର ପ୍ରଭାବିତି କରିଛି ଯେ ଏସବୁ ଜଙ୍କ୍‌ଫୁଡ୍ ବିନା ଦିନେ ହେଲେ ରହିପାରୁନାହାନ୍ତି। ଫାଷ୍ଟଫୁଡ୍ ହେଉଛି ଅନ୍ୟ ଦେଶର ଖାଦ୍ୟ ଶୈଳୀ। ଏହି ଖାଦ୍ୟଗୁଡ଼ିକରେ ଅତ୍ୟଧିକ ମାତ୍ରାରେ ଲୁଣ, ଚିନି, ରସାୟନିକ ଦ୍ରବ୍ୟ, ରଙ୍ଗ ଦେଇ ବ୍ୟବସାୟିକ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ। ଏହିସବୁ ଖାଦ୍ୟ କବଳରେ ଆଜି ଆମର ସମଗ୍ର ଛାତ୍ରସମାଜ କବଳିତ।

ଭାରତର ବିଦ୍ୟାଳୟରେ, ମହାବିଦ୍ୟାଳୟରେ ପଢୁଥିବା ପିଲାମାନେ ରୋଜଗାର କରନ୍ତି ନାହିଁ। ପିତାମାତା ସେମାନଙ୍କୁ ଏହି ଖାଦ୍ୟପଦାର୍ଥ ହେଲେ ତ ନିଜ ଇଚ୍ଛାରେ କିଣେଇ ଦିଅନ୍ତି ନତୁବା ପିଲାମାନେ ନିଜ ପକେଟ୍ ମନୀରୁ ଏହିସବୁ ଜିନିଷ କିଣନ୍ତି। ଏହି ଖାଦ୍ୟ ପଦାର୍ଥ ଖାଇବା ପୂର୍ବରୁ ଆମ୍ଭମାନଙ୍କ ମଧ୍ୟରୁ କେତେଜଣ ଏହା କେଉଁଥିରେ ପ୍ରସ୍ତୁତ ଜାଣିବାକୁ ଚେଷ୍ଟା କରିଛୁ ? ଛଅ ମାସ କିମ୍ବା ବର୍ଷେ ତଳେ କାରଖାନାରେ ତିଆରି ହୋଇଥିବା ଜିନିଷ କେମିତି ଏତେ ଦିନ ଧରି ସତେଜ ଅବସ୍ଥାରେ ରହିପାରୁଛି ? ଯଦି ଆମେ ଏହି ଖାଦ୍ୟ ବିଷୟରେ ଟିକେ ଗଭୀର ଭାବେ ଅନୁସନ୍ଧାନ କରିବା, ଏସବୁ ଆଉ ନିଜ ପିଲାମାନଙ୍କୁ ଖାଇବାକୁ ଦେବା ନାହିଁ।

ଖାଦ୍ୟ ନାଁରେ ଏହା ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାରେ ଲାଗିଛି। ମେଦବୃଦ୍ଧି, ଟାଇପ୍-୨ ଡାଇବେଟିସ୍, ଗ୍ୟାଷ୍ଟ୍ରିକ, ଅଜୀର୍ଣ୍ଣ, କୋଷ୍ଠକାଠିନ୍ୟ, ସ୍ମରଣଶକ୍ତି ହ୍ରାସ ହେବା, ଦନ୍ତ ରୋଗ, ହାଡ଼ ଦୁର୍ବଳ, ରକ୍ତହୀନତା ଇତ୍ୟାଦି ସମସ୍ୟା ଆଜିକାଲି କମ୍ ବୟସର ପିଲାମାନଙ୍କୁ ହେଲାଣି। ବଢ଼ିଲା ଝିଅମାନେ ଭାତ, ରୁଟି, ପନିପରିବା, ଫଳ ନଖାଇ ନୁଡୁଲ୍ସ ଖାଉଛନ୍ତି, ଯାହା ସେମାନଙ୍କ ମଧ୍ୟରେ ମାସିକ ଧର୍ମରେ ସମସ୍ୟା, ଫବ୍ରିଡ୍ ପରି ଅନେକ ସମସ୍ୟାକୁ ସାମନା କରିବାକୁ ପଡୁଛି। ପରବର୍ତ୍ତୀ ସମୟରେ ସିଜେରିଏନ୍ ବିନା ଅଧିକାଂଶ ଯୁବତୀଙ୍କ ପିଲା ଜନ୍ମ ହୋଇପାରୁନାହିଁ।

ଫାଷ୍ଟଫୁଡ୍‌ର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ବିଷୟରେ ସମ୍ୟକ ଜ୍ଞାନଥିଲେ ସୁଦ୍ଧା ପିତାମାତା ନିଜ ସନ୍ତାନର ଜିଦ୍ ଆଗରେ ନଇଁ ପଡୁଛନ୍ତି। ପିଲା ପାଇଁ କ'ଣ ହିତକର ତାହା ବିଚାର ନକରି ଯାହା ସିଏ ମାଗୁଛି ତାକୁ ସେୟା ଯୋଗାଇ ଚାଲିଛନ୍ତି। ଅନେକ ପିତାମାତା ଜଙ୍କଫୁଡ୍ ଓ ଫାଷ୍ଟଫୁଡ୍‌କୁ ଗର୍ବର ସହିତ ନିଜର ପିଲାମାନଙ୍କୁ ଦେଉଛନ୍ତି।

କେତେକ ବାପା ମା'ଙ୍କ ବକ୍ତବ୍ୟକୁ ଏଠାରେ ଉଦ୍ଧାର କରାଗଲା -

'ଆମ ପିଲା ପନିପରିବା ଜମା ଖାଉନାହିଁ।'

'ମୋ ପୁଅ ତରକାରୀରେ ଗାଜର, ଅମୃତଭଣ୍ଡା, କିମ୍ବା କଖାରୁ ପଡ଼ିଲେ ଛୁଏଁନାହିଁ।'

'ମୋ ଝିଅକୁ ଛତୁଆ ଖାଇବାକୁ ଦେଲେ, ସେ ବାନ୍ତି କରୁଛି।'

'ମୋ ପିଲା କହୁଛି - ଗଜାମୁଗ କିଏ ଖାଇବ ? ହୋଟେଲରୁ ପିଜ୍ଜା ମଗାଅ।'

'ମୋ ଝିଅ କହୁଛି ମୁଁ ରାତିରେ କେବଳ ମ୍ୟାଗି ଖାଇବି।'

'ମୋ ପୁଅ କହୁଛି, ପର୍ବ ପର୍ବାଣୀରେ କାହିଁକି ସେ ପିଠାପଣା ବନାଉଛ ? ସେଗୁଡ଼ାକ କିଏ ଖାଇବ ?'

'ମୋର ୫ବର୍ଷର ଝିଅ ମୋବାଇଲ୍ ଆପ୍‌ରେ ପିଜା, ବରଗର, ମଗାଇ ପାରୁଛି।'

ଲେଖି ବସିଲେ ଏ ତାଲିକା ଆହୁରି ଲମ୍ବିଯିବ। ଅନେକ କ୍ଷେତ୍ରରେ ଦେଖାଯାଏ ଘରେ କ'ଣ ଖାଦ୍ୟ ରୋଷେଇ ହେବ, ଆଜିକାଲି ପିଲାମାନେ ସେହି ନିଷ୍ପତି ନେଉଛନ୍ତି। ମୋହଗ୍ରସ୍ତ ପିତାମାତା ପିଲାମାନଙ୍କ ସ୍ୱାସ୍ଥ୍ୟ ଅପେକ୍ଷା ସେମାନଙ୍କ ଜିଦ୍‌କୁ ପ୍ରଶ୍ରୟ ଦେଉଛନ୍ତି। ପିଲାଟି ଦିନର ଅଧିକାଂଶ ସମୟ ବିଦ୍ୟାଳୟରେ ସମୟ ଅତିବାହିତ କରେ। କେତୋଟି ବେସରକାରୀ ବିଦ୍ୟାଳୟରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଦ୍ୟାର୍ଥୀଙ୍କର ଟିଫିନ୍ ଡବା ପରଖିବାର ବ୍ୟବସ୍ଥା ରହିଛି, ଯାହା ଏକ ସ୍ୱାଗତଯୋଗ୍ୟ ବିଷୟ। ତେଣୁ ଛାତ୍ରଛାତ୍ରୀ ନିଜ ଜଳଖିଆ ଡବାରେ ସ୍ୱାସ୍ଥ୍ୟ ପ୍ରତି ହିତକର ଖାଦ୍ୟ ଆସୁଛି ନା ନାହିଁ, ଏହା ଯଦି ସମସ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ଯା କରନ୍ତି, ପିତାମାତା ଓ ବିଦ୍ୟାର୍ଥୀଙ୍କ ଭିତରେ ବିଷୟକୁ ନେଇ ସଚେତନତା ଜାଗ୍ରତ ହୋଇପାରନ୍ତା।

ପାଠ୍ୟକ୍ରମରେ ଫାଷ୍ଟଫୁଡ୍ ବିଷୟରେ ଶିକ୍ଷାଦାନ ଆବଶ୍ୟକ। ବିଭିନ୍ନ ଗଦ୍ୟ, ଚିତ୍ର, ବକ୍ତୃତା ପ୍ରତିଯୋଗିତାରେ ସ୍ୱାସ୍ଥ୍ୟ ସଂପର୍କିତ ବିଷୟ ଉପରେ ଆଲୋଚନା ଦରକାର। ଶିକ୍ଷକ, ଅଭିଭାବକ ବୈଠକରେ ନିୟମିତ ରୂପେ ପିଲାମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ଦିଆଗଲେ ଭବିଷ୍ୟତରେ କିଛି ଆଖିଦୃଶିଆ ପରିବ ର୍ନ ହେବ। ଫାଷ୍ଟଫୁଡ୍‌ର କୁପ୍ରଭାବରୁ ମୁକ୍ତ ରହିବା ପାଇଁ ଘରେ ରୋଷେଇ ହେଉଥିବା ଖାଦ୍ୟ ଗ୍ରହଣ କରିବା ଉଚିତ। କୁହାଯାଏ - 'ଯେପରି ଅନ୍ନ, ସେପରି ମନ।' ଉ ମ ଓ ସନ୍ତୁଳିତ ଆହାର ଗ୍ରହଣ କଲେ ବିଦ୍ୟାର୍ଥୀ ପାଠରେ ଧ୍ୟାନ ଦେଇପାରିବ ତଥା ଏକ ସୁସ୍ଥ ଯୁବାବସ୍ଥାକୁ ଅଗ୍ରସର ହେବ। ପିଲାବେଳରୁ ଅଖାଦ୍ୟ ଖାଇ ବଡ଼ ହୋଇଥିଲେ, ଯୁବାବସ୍ଥାରେ ଯେତେବେଳେ ଜୀବନଜୀବିକା ତଥା ପରିବାର ଗଠନ ପରି ଦାୟିତ୍ୱ ତା' ଉପରେ ନ୍ୟସ୍ତହେବ, ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ସେସବୁ ସେ ତ ଠିକ୍ ଭାବରେ ତୁଲାଇ ପାରିବ ନାହିଁ।

ସିଗାରେଟ୍ ପ୍ୟାକେଟ୍ ଉପରେ ଏହା ହାନିକାରକ ବୋଲି ଲେଖାଯାଇଥାଏ। କିନ୍ତୁ ଆଲୁଚିପ୍‌ସ, କୋଲ୍‌ଡ୍ରିଙ୍କସ୍ ଇତ୍ୟାଦି ଜଙ୍ଗଫୁଡ୍ ପ୍ୟାକେଟ୍‌ରେ ସ୍ୱାସ୍ଥ୍ୟ ପ୍ରତି ଯେ ଏହା ଅହିତକର ବୋଲି ଲେଖାଯାଏନାହିଁ। ଏହି ଖାଦ୍ୟଗୁଡ଼ିକର କୁପ୍ରଭାବ ବିଷୟରେ ଜନସଚେତନତା ଆବଶ୍ୟକ। ଫାଷ୍ଟଫୁଡ଼ ଓ ଜଙ୍କଫୁଡ୍‌ର ଚକ୍ରବ୍ୟୁହରେ ଛାତ୍ର ସମାଜକୁ ବାହାର କରିବା ନିମନ୍ତେ ବ୍ୟାପକ ସ୍ତରରେ ଜନ ସଚେତନତା ଆବଶ୍ୟକ । ପ୍ରଥମେ ପିତା ମାତା ପିଲାମାନଙ୍କ ଜିଦ ଆଗରେ ନଇଁ ନ ପଡି ଯାହା ସେମାନଙ୍କ ପାଇଁ ଯାହା ଉଚିତ, ତାହା ହିଁ କରନ୍ତି। ସମସ୍ତ ଶିକ୍ଷାନୁଷ୍ଠାନରେ ଏପରି ଖାଦ୍ୟର ନକରାତ୍ମକ ପ୍ରଭାବ ଉପରେ ଆଲୋଚନା କରାଗଲେ, ବିଦ୍ୟାର୍ଥୀ ପ୍ରଭାବିତ ହେବେ। ସର୍ବୋପରି ସରକାର ଏହି କୃତ୍ରିମ ଖାଦ୍ୟ ପଦାର୍ଥ ଗୁଡିକର ଗୁଣାତ୍ମକ ମାନ ପରୀକ୍ଷା କରି, ଏହା ଶରୀର ପାଇଁ ଲାଭଦାୟକ କିମ୍ବା କ୍ଷତିକାରକ ଏହାର ଏକ ମାନଦଣ୍ଡ ନିର୍ଣ୍ଣୟ କରିବା ଉଚିତ। ତେଣୁ ଏ ସମସ୍ତ ପଦକ୍ଷେପ ଦ୍ୱାରା ହିଁ ଏକ ସୁସ୍ଥ ଯୁବ ସମାଜର ଅଭ୍ୟୁଦୟ ଘଟିବ, ଯିଏ ଦେଶକୁ ବିକାଶ ପଥରେ ଆଗେଇ ନେବ।

ଇ ମେ ଲ -
କ୍ଟ୍ସବଭବସ୍ପସକ୍ଟ୍ସବସ୍ପକ୍ସକ୍ଟଙ୍କବସକ୍ଷଅଶଙ୍କବସକ୍ଷ.ମକ୍ଟଙ୍କ
ମୋ- ୯୪୩୭୧୩୪୮୮୮

## ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ପ୍ରଶଂସାକଲେ ମଧ୍ୟପ୍ରଦେଶ ସରକାର



ପିପିଲି : ରାଜ୍ୟର ସମସ୍ତ ବ୍ଲକରେ ୫-ଟି ରୂପାନ୍ତରିତ ସ୍କୁଲ କାର୍ଯ୍ୟ ଚାଲୁ ରହିଛି। ତେବେ ପିପିଲିରେ ୫-ଟି ସ୍କୁଲ କିଭଳି ଚାଲିଛି ତାହା ଜାଣିବା ପାଇଁ ୟୁନିସେଫ ପକ୍ଷରୁ ମଧ୍ୟପ୍ରଦେଶ ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳଯୋଗାଣର ଏକ ପ୍ରତିନିଧି ଦଳ ପିପିଲି ବ୍ଲକକୁ ଆସିଥିଲେ। ପ୍ରଥମେ ବ୍ଲକର ମହିଳାଙ୍କ ମିଶନ ଶକ୍ତି କାଫେରେ ପହଞ୍ଚିଥିଲେ। ପରେ ଦାଣ୍ଡମୁକୁନ୍ଦପୁରର ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ପରିଦର୍ଶନ କରିଥିଲେ। ସ୍କୁଲର ଭିତ୍ତିଭୂମି ଓ ନିର୍ମାଣ ଶୈଳୀ ଦେଖି ଆନନ୍ଦିତ ହୋଇଥିଲେ। ଶ୍ରେଣୀ କକ୍ଷର କମ୍ପ୍ୟୁଟର ରୁମ୍, ସ୍ମାର୍ଟ କ୍ଲାସ ରୁମ୍, ପାନୀୟ ଜଳ, ଶୌଚାଳୟ ଏବଂ ପାଠାଗାର ପ୍ରଭୃତି ବୁଲି ଦେଖି ୫-ଟି ବିଭାଗ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ । ଏଠାକାର ନିର୍ମାଣ ଶୈଳୀକୁ ଦେଖିବା ପରେ ମଧ୍ୟପ୍ରଦେଶରେ ବିଦ୍ୟାଳୟକୁ ଏଭଳି ରୂପାନ୍ତରିତ କରାଯିବ ବୋଲି କହିଥିଲେ । ଏଥିରେ ମଧ୍ୟପ୍ରଦେଶ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ପିସି ବାରସ୍କର, ମାର୍ଗେଟ ଗୌଡା, ସୁଜନ ସରକାର, ପ୍ରୀତି ତିୱାରୀ, କୁମାର ରତନ, କୋମଲ ମିଶ୍ର, ପୂଜା ସିଂଙ୍କ ସହ ପିପିଲି ବ୍ଲକର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅର୍ଜୁନ ରାମପାଲ




ଭୁବନେଶ୍ୱର : ଜନତା ମଇଦାନରେ ଚାଲିଥିବା ମହିଳା ବାଣିଜ୍ୟ ମେଳାରେ ଯୋଗଦେବାକୁ ଆସିଥିବା ବଲିଉଡ ଅଭିନେତା ଅର୍ଜୁନ ରାମପାଲ ରବିବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଏହାକୁ ଏକ ଆନନ୍ଦଦାୟକ ସାକ୍ଷାତକାର ବୋଲି ଟୁଇଟ୍ କରିଛନ୍ତି। ଅର୍ଜୁନ ରାମପାଲ୍ ଟୁଇଟ୍ କରି ଲେଖିଛନ୍ତି ଯେ, ଭୁବନେଶ୍ୱରରେ ନବୀନ ପଟ୍ଟନାୟକଙ୍କୁ ଭେଟିବା ମୋ ପାଇଁ ସମ୍ମାନର ବିଷୟ। ସାର୍ ଆପଣ ଯେପରି ଓଡିଶାକୁ ନିର୍ଭରଶୀଳରୁ ଆତ୍ମନିର୍ଭରଶୀଳ, ପ୍ରଦୂଷଣମୁକ୍ତ ରାଜ୍ୟରେ ପରିଣତ କରିଛନ୍ତି ତାହା ପ୍ରେରଣାଦାୟକ। ଆପଣଙ୍କୁ ଏବଂ ଓଡିଶାବାସୀଙ୍କୁ ଅଧିକ ଶକ୍ତି ମିଳୁ। ସାକ୍ଷାତକାର ପାଇଁ ସମୟ ଦେଇଥିବାରୁ ଆପଣଙ୍କୁ ଧନ୍ୟବାଦ। ଆପଣଙ୍କ ସଫଳତା ପାଇଁ ଗର୍ବିତ।

## ୩ ବର୍ଷରେ କେଉଁ ବିଭାଗ କେତେ ତତ୍ପର, ହିସାବ ମାଗିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ୨୦୧୯ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ୩ ବର୍ଷରେ କେଉଁ ବିଭାଗ କେତେ ପାଳନ କରିଛି, ତାହାର ହିସାବ ମାଗିଛନ୍ତି ରାଜ୍ୟ ସରକାର । ପଞ୍ଚମ ପାଳିର ପ୍ରଥମ କ୍ୟାବିନେଟରେ ଯେଉଁସବୁ ନିଷ୍ପତ୍ତି ନିଆଯାଇଥିଲା, ସେ ଦିଗରେ ବିଭାଗ ଗୁଡ଼ିକ କେତେ ତତ୍ପରତା ପ୍ରକାଶ କରିଛନ୍ତି ତାହାର ସମୀକ୍ଷା କରାଯିବ । ଆସନ୍ତା ୨୯ ତାରିଖରେ ନବୀନଙ୍କ ପଞ୍ଚମ ପାଳିର ସରକାରକୁ ପୂରିବ ୩ ବର୍ଷ । ତା' ପୂର୍ବରୁ ଜଳେସଚନ, ମିଶନ ଶକ୍ତି, ଆଦର୍ଶ ବିଦ୍ୟାଳୟ, ମୋ ସ୍କୁଲ ପଛୁଆ ବର୍ଗ କମିଶନର ପୁନର୍ଗଠନ, ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ ନିରାପତ୍ତା ନେଇ ବିଏସକେୱାଇ ଯୋଜନା, ପକ୍କା ଘର ନିର୍ମାଣ ଓ ବିଜୁ ଏକ୍ସପ୍ରେସ ୱେ ମୋଟ ୧୩ଟି ବିଭାଗର ୩୨ଟି ପ୍ରତିଶ୍ରୁତି ଉପରେ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

## ଓଡ଼ିଶାର କଳା ସଂସ୍କୃତି, ପଟ୍ଟଚିତ୍ରକୁ ପ୍ରଧାନମନ୍ତ୍ରୀ ବିଶ୍ୱ ଦରବାରରେ ପହଞ୍ଚାଇଥିବାରୁ ଧର୍ମେନ୍ଦ୍ରଙ୍କ କୃତଜ୍ଞତା ଜ୍ଞାପନ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଡେନମାର୍କ ପ୍ରଧାନମନ୍ତ୍ରୀ ଓଡ଼ିଶାର ପଟ୍ଟଚିତ୍ର ଦେଖାଇବା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଅନନ୍ୟ କଳା ସଂସ୍କୃତି, ପଟ୍ଟଚିତ୍ର, ଭାସ୍କର୍ଯ୍ୟକୁ ପ୍ରଧାନମନ୍ତ୍ରୀ ବିଶ୍ୱ ଦରବାରରେ ପହଞ୍ଚାଇଥିବାରୁ ଓଡ଼ିଶା ତରଫରୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁରୋପ ଗସ୍ତ ସମୟରେ ଡେନମାର୍କ ଗସ୍ତ କରିଥିଲେ। ଡେନମାର୍କର ପ୍ରଧାନମନ୍ତ୍ରୀ ମେଟ୍ ଫ୍ରେଡିକ୍ସନଙ୍କୁ ସାକ୍ଷାତ୍ କରିବା ସମୟରେ ତାଙ୍କ ବାସଭବନରେ ଲାଗିଥିବା ପ୍ରଭୁ ଶ୍ରୀରାମଙ୍କ ଦରବାର ବିଷୟରେ ବର୍ଣ୍ଣିତ ଓଡ଼ିଶାର ପଟ୍ଟଚିତ୍ରକୁ ଦେଖାଇଥିଲେ। ଡେନମାର୍କ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଏହି ପଟ୍ଟଚିତ୍ର ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଓଡ଼ିଶାର ଏହି ପଟ୍ଟଚିତ୍ରକୁ ନେଇ ଦୁଇ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ଓଡ଼ିଶା ଏବଂ ଓଡ଼ିଶାର ପାରମ୍ପରିକ କଳାର ବୈଭବତାର ପ୍ରତିଫଳନ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।

# ୪୦ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୮ଶହ କୋଟି





ଭୁବନେଶ୍ୱର : ଅକ୍ଷୟ ତୃତୀୟା ଓ କୃଷକ ଦିବସ ଅବସରରେ ରାଜ୍ୟର କୃଷକମାନଙ୍କୁ କାଳିଆ ଯୋଜନାର ସହାୟତା ପ୍ରଦାନ କରାଯାଇଛି। ଝାରସୁଗୁଡା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାର ୪୦ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଖାତାକୁ ପ୍ରାୟ ୮୦୦ କୋଟି ଟଙ୍କା ସିଧାସଳଖ ପ୍ରଦାନ କରାଯାଇଛି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟଙ୍କା ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଟଙ୍କାକୁ ଚାଷ କାମରେ ଲଗାଇ କୃଷିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଲେ ଯେ ଚାଷୀ ଆମ ଅର୍ଥନୀତିର ମୁଖ୍ୟ ଆଧାର। ଆମର କୃଷକମାନେ କେବଳ ଓଡିଶା ନୁହେଁ, ସାରା ଦେଶର ଖାଦ୍ୟ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଓ ଓଡିଶା ପାଇଁ ଗୌରବ ଆଣିଛନ୍ତି। ଏଥି ପାଇଁ ମୁଖ୍ୟମନ୍ତ୍ରୀ ଚାଷୀ ଭାଇଭଉଣୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। କୃଷି ବିକାଶ ଓ କୃଷକ କଲ୍ୟାଣ ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଏ ବର୍ଷ କୃଷି ପାଇଁ ୨୦ ହଜାର କୋଟିରୁ ଅଧିକ ଟଙ୍କାର ବଜେଟ ରଖାଯାଇଛି। କୃଷି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ଉପରେ ଆମେ ବିଶେଷ ଗୁରୁତ୍ୱ ଦେଉଛୁ। କୃଷିକୁ ଏକ ଲାଭଜନକ ବୃତ୍ତି ଭାବରେ ବିକଶିତ କରବା ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏହି ଅବସରରେ କୃଷିର ବିକାଶ ପାଇଁ ୮ଟି ନୂଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପଣସ ମିସନ ଓ ରିୱାର୍ଡ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ସହିତ ମିଲେଟ୍ ମିସନ ଓ ସମନ୍ୱିତ କୃଷି ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି।

ସୂଚନାଯୋଗ୍ୟ ଯେ ପଣସ ମିସନରେ ୯ଟି ଜିଲ୍ଲାର ପଣସ ଚାଷୀଙ୍କ ପାଇଁ ୯୭ କୋଟି ଟଙ୍କାର ପ୍ରୋତ୍ସାହନ ରଖାଯାଇଥିବା ବେଳେ ରିୱାର୍ଡ ଯୋଜନାରେ ବୈଜ୍ଞାନିକ ପ୍ରଣାଳୀରେ ଜଳବିଭାଜିକା କାର୍ଯ୍ୟକ୍ରମ ଜରିଆରେ ଚାଷ ଜମିର ଉତ୍ପାଦକତା ବୃଦ୍ଧି ପାଇଁ ୫୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ସେହିପରି ଓଡିଶା ମିଲେଟ୍ ମିସନରେ ୧୯ଟି ଜିଲ୍ଲାର ୧୮୨ଟି ବ୍ଲକ୍‌ର ଚାଷୀଙ୍କ ପାଇଁ ୨୮୦୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ସମନ୍ୱିତ କୃଷିର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୮ଟି ଜିଲ୍ଲାର ୧.୮ ଲକ୍ଷ କୃଷକ ପରିବାରକୁ ସାମିଲ କରିବା ପାଇଁ ୨୩୯ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ଏହି ୪ଟି ଯୋଜନା ପାଇଁ ୩୬୪୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ପାଇଁ ନୂଆ 'କୃଷକ ଓଡିଶା' ପୋର୍ଟାଲ ଲୋକାର୍ପିତ କରିଥିଲେ। ଏଥିରେ ଚାଷୀମାନେ ସାମିଲ ହୋଇ ସେମାନଙ୍କ ତଥ୍ୟ ଅପ୍‌ଡେଟ କଲେ ଆବଶ୍ୟକ ସେବା ଓ ପରାମର୍ଶ ପାଇପାରିବେ। ଏହା ସହିତ କୃଷକ ଓ କୃଷି ଉଦ୍ୟୋଗୀଙ୍କ ପାଇଁ 'ଗୋ-ସୁଗମ' ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରିଥିଲେ। ଏହା କୃଷକଙ୍କ ପାଇଁ ଦେଶର ପ୍ରଥମ ସିଙ୍ଗଲ ୱିଣ୍ଡୋ ପ୍ଲାଟଫର୍ମ। ଏହା ସହିତ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ବାସ୍ତବମୁଖୀ ନୀତି ନିର୍ଦ୍ଧାରଣ ପାଇଁ 'ଆନ୍ତର୍ଜାତିକ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ' ଓ ରାଜ୍ୟ କୃଷି ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଥିଲା। କୃଷକମାନଙ୍କ ସଶକ୍ତୀକରଣ ପାଇଁ କୃଷକ ଉତ୍ପାଦକ ସଂଗଠନର ଏକ ମାର୍ଗଦର୍ଶିକା ମଧ୍ୟ ଉନ୍ମୋଚିତ ହୋଇଥିଲା।


କୃଷିମନ୍ତ୍ରୀ ଡ. ଅରୁଣ ସାହୁ କହିଲେ ଯେ ଅନେକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଦୃଢ଼ ନେତୃତ୍ୱ ପାଇଁ ଓଡ଼ିଶା କୃଷି କ୍ଷେତ୍ରରେ ଅଗ୍ରଣୀ ହୋଇ ପାରିଛି। କୃଷି କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଉଛି। କୃଷି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ଚାଷୀ ନିର୍ମଳ ନାୟକ, ବାଲେଶ୍ୱରର ବଇଦ ନାୟକ ଓ ସୁନ୍ଦରଗଡ ଜିଲ୍ଲାର ଚାଷୀ ମେନକା ଭୋଇ ପ୍ରମୁଖ କାଳିଆ ଯୋଜନା ଯୋଗୁ ସେମାନଙ୍କ ଚାଷ କାମରେ କିପରି ଉନ୍ନତି ଆସିଛି, ସେ ବିଷୟରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାଳିଆ ସହାୟତା ପାଇଁ ସେମାନେ ସାର, ବିହନ ଆଦି ସହଜରେ କିଣି ଚାଷ କରିପାରୁଛନ୍ତି। ଏଥି ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ନୂଆ ଯୋଜନା ଓ କୃଷି କ୍ଷେତ୍ରରେ ଡିଜିଟାଲ ଟେକ୍‌ନୋଲୋଜିର ପ୍ରୟୋଗ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ସ୍ୱାଗତ ଭାଷଣ ଦେଇଥିଲେ। କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଜିଲ୍ଲାରେ ଜିଲ୍ଲପାଳ ଓ ଚାଷୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ ବ୍ରଜରାଜନଗର ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଝାରସୁଗୁଡା ଜିଲ୍ଲାର ଚାଷୀଙ୍କୁ କାଳିଆ ସହାୟତା ପ୍ରଦାନ କରାଯାଇ ନାହିଁ।

# ୪୯୪ କୋଟିର ୬ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ

ଭୁବନେଶ୍ୱର : ରାଜ୍ୟ ସରକାର ୪୯୩. ୬୨ କୋଟି ଟଙ୍କାର ୬ଟି ନିବେଶ ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକରେ ମଞ୍ଜୁରି ହାସଲ କରିଥିବା ଏହି ପ୍ରକଳ୍ପ ଗୁଡିକ ମୁଖ୍ୟତଃ ଧାତବ, ପର୍ଯ୍ୟଟନ, ଇଥାନଲ, ପିଭିସି ପାଇପ୍ ଆଦି କ୍ଷେତ୍ରରେ ରହିଛି। ଜଟିଆ ଷ୍ଟିଲ୍ ଲିମିଟେଡ ପକ୍ଷରୁ ଯାଜପୁର ଜିଲ୍ଲାର କଳିଙ୍ଗ ନଗରଠାରେ ୧୨୫ କୋଟି ଟଙ୍କା ନିବେଶରେ ଏକ ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଛି। ଏହି ପ୍ରକଳ୍ପ ଅଧୀନରେ ଅଢ଼େଇ ଲକ୍ଷ ଟିଏମ୍‌ଟି ରିବାର୍ ଏବଂ ଅଢ଼େଇ ଲକ୍ଷ ଏମ୍‌ଟିର ଓ୍ୟାର ରଡ୍ ମିଲ୍ ସ୍ଥାପନ କରାଯିବ। ଏଥିରେ ୧୫୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଷଡଙ୍ଗୀ ମେଟାଲ ୱାର୍କସ ଇଣ୍ଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ମଧ୍ୟ କଳିଙ୍ଗନଗରଠାରେ ଏକ ଷ୍ଟିଲ ଡାଉନଷ୍ଟ୍ରିମ୍ ୟୁନିଟ୍ ସ୍ଥାପନ ହେବ। ୬୫.୩୭ କୋଟି ଟଙ୍କାର ନିବେଶରେ ଏଠାରୁ ଡ୍ରାଇଭଲାଇନ୍ ଏବଂ ଟର୍କ ଟ୍ୟୁବ ଉତ୍ପାଦନ ହେବ। ଉକ୍ତ ପ୍ରକଳ୍ପରେ ୫୬୮ରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସୋନପୁରଠାରେ ଜେଆର୍‌ଏସ୍ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ହେବାକୁ ଥିବା ୧୦୦ କେଏଲପିଡି ଇଥାନଲ ପ୍ଲାଣ୍ଟ ସହିତ ୨.୫ ମେଗାୱାଟର ପାୱାର ପ୍ଲାଣ୍ଟକୁ ମଞ୍ଜୁରି ମିଳିଛି। ଉକ୍ତ ପ୍ରକଳ୍ପରେ ୧୨୧ କୋଟି ଟଙ୍କା ନିବେଶ ଏବଂ ୧୧୪ରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଗଞ୍ଜାମ ଜିଲ୍ଲାର ସୋଲୋମୋ ଦ୍ୱୀପରେ ଏସଏନଏମ ହୋଟେଲ୍ସ ଆଣ୍ଡ୍ ରିସର୍ଟସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏକ ହୋଟେଲ ଓ ରିସର୍ଟ ସ୍ଥାପନ ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଛି। ୮୦.୨୫ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଉକ୍ତ ପ୍ରକଳ୍ପରେ ୧୮୫ରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିବ। ଖୋର୍ଦ୍ଧା ଜିଲ୍ଲାରେ ଡାନିଏଲି କୋରସ ରିଫ୍ରାକ୍ଟରି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ସ୍ଥାପନ ହେବାକୁ ଥିବା କାର୍ବନ/ଗ୍ରାଫାଇଟ୍ ବ୍ଲକ୍ କଟିଂ ଏବଂ ମେସିନାରି ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଛି। ୫୧ କୋଟି ଟଙ୍କା ନିବେଶରେ ହେବାକୁ ଥିବା ଏହି ପ୍ରକଳ୍ପର ବାର୍ଷିକ ଉତ୍ପାଦନ କ୍ଷମତା ୧୫୦୦ ଏମ୍‌ଟି ରହିବ ଏବଂ ଏଥିରେ ୧୫୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହିତ କଟକ ଜିଲ୍ଲାର ଟାଙ୍ଗୀ ଠାରେ ଆଶୀର୍ବାଦ ପାଇପ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏଚ୍‌ଡିପିଇ ଏବଂ ପିଭିସି ପାଇପ ନିର୍ମାଣ ୟୁନିଟ ନିର୍ମାଣକୁ ମଞ୍ଜୁରି ଦିଆଯାଇଛି। ୫୧ କୋଟି ଟଙ୍କାରେ ହେବାକୁ ଥିବା ଏହି ପ୍ରକଳ୍ପର ଉତ୍ପାଦନ କ୍ଷମତା ୧୮ ହଜାର ଏମଟିପିଏ ରହିବାକୁ ଥିବାବେଳେ ଏଥିରେ ୧୫୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ମିଳିବ। ୬ଟି ଯାକ ପ୍ରକଳ୍ପରେ ମୋଟ ୧୩୧୭ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଉନ୍ନୟନ କମିସନର ପ୍ରଦୀପ କୁମାର ଜେନା, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ମୋନା ଶର୍ମା, ରାଜସ୍ୱ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳ ସଂପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର, ଶକ୍ତି ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ, ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ସଚିବ ଦେଓ ରଂଜନ କୁମାର ସିଂ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମୀନା, ଇଡ୍‌କୋ ଓ ଇପିକଲର ଏମ୍‌ଡି ଭୂପିନ୍ଦର ସିଂହ ପୁନିଆଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏସବୁ ପ୍ରକଳ୍ପ ପାଇଁ ବାସ୍ତବରେ କେତେ ଜମି ଏବଂ ଜଳ ଆବଶ୍ୟକ ତାହାର ଆକଳନ କରିବା ଲାଗି ମୁଖ୍ୟ ସଚିବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ତୁରନ୍ତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଚିଲିକା ହ୍ରଦରେ ପର୍ଯ୍ୟଟନର ବିକାଶ ପାଇଁ ଏକ ମାଷ୍ଟର ପ୍ଲାନର ବିକାଶ ପାଇଁ ମୁଖ୍ୟ ସଚିବ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।



# ଭାରତ ଦକ୍ଷତା ପ୍ରତିଯୋଗିତା ବିଜେତାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ




ଦଭୁବନେଶ୍ୱର: ଜିତିବା ଏକ ଅଭ୍ୟାସ, ସେହିଭଳି ଉତ୍କର୍ଷତା ହାସଲ କରିବା। ମୋର ବିଶ୍ୱାସ ଯେ ଆମ ପିଲାମାନେ ଏବେ ଉତ୍କୃଷ୍ଟ ହେବା, ଦୁନିଆର ସର୍ବଶ୍ରେଷ୍ଠ ପ୍ରତିଯୋଗୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ଜିତିବା ଅଭ୍ୟାସରେ ପରିଣତ କରିଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଭାରତ ଦକ୍ଷତା ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସା କରିବା ସହ କହିଛନ୍ତି ଯେ ଆସନ୍ତା ଅକ୍ଟୋବରରେ ଚୀନ୍‌ର ସାଂଘାଇରେ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତା ପାଇଁ ପ୍ରତିଯୋଗୀମାନଙ୍କୁ ସବୁ ପ୍ରକାରର ଶ୍ରେଷ୍ଠ ତାଲିମ୍ ଦିଆଯିବ। ବିଜେତାମାନଙ୍କୁ ବିଜୁ ପଟ୍ଟନାୟକ ଦକ୍ଷତା ସମ୍ମାନରେ ସମ୍ମାନିତ କରାଯିବ। ମୁଖ୍ୟମନ୍ତ୍ରୀ ଏହି ସମ୍ମାନର ପୁରସ୍କାର ରାଶି ବଢ଼ାଇବା ନେଇ ଘୋଷଣା କରିବା ସହ କହିଛନ୍ତି ଯେ ଯେଉଁମାନେ ସ୍ୱର୍ଣ୍ଣ ପଦକ ଜିତିବେ ତାଙ୍କୁ ୧କୋଟି, ରୌପ୍ୟ ପଦକ ବିଜେତାଙ୍କୁ ୫୦ଲକ୍ଷ, କାଂସ୍ୟ ପଦକ ବିଜେତାଙ୍କୁ ୨୫ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଯେଉଁ ସଂସ୍ଥାରୁ ଏହି ବିଜେତା ଆସିଥିବେ ଉକ୍ତ ଅନୁଷ୍ଠାନରେ ବିଜୁ ପଟ୍ଟନାୟକ ସେଣ୍ଟର ଅଫ୍ ଏକ୍ସଲେନ୍ସ ନିର୍ମାଣ କରିବା ପାଇଁ ୫କୋଟି ଟଙ୍କା ପ୍ରଦାନ କରାଯିବ। ସାଂଘାଇ ଯିବାକୁ ଥିବା ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରି ୨-୩-୪ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କହିଛନ୍ତି ଯେ ଆମେ ଦେଶ ପାଇଁ ଓଡିଆ ପିଲା ୨ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ, ୪ଟି କାଂସ୍ୟ ପଦକ ଆଣିବେ ବୋଲି ଲକ୍ଷ୍ୟ ରଖିଛୁ। ତେଣୁ ଏହି ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାକୁ ହେଲେ ଆଜିଠାରୁ ଆପଣମାନେ 'ସାଂଘାଇ ମୋ ମନରେ, ଭାରତ ମୋ ହୃଦୟରେ' ରଖି ପ୍ରସ୍ତୁତି କରିବେ।

ଭାରତ ଦକ୍ଷତା ପ୍ରତିଯୋଗିତାର ୫୯ ପଦକ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇବା ସହ ଜାତୀୟ ଦକ୍ଷତା ବିକାଶ ନିଗମକୁ ଧନ୍ୟବାଦ ଦେଇଛନ୍ତି। ଏହାସହ କହିଛନ୍ତି ଯେ ଓଡିଶା ଏମିତି କାମ କରିବ ଯେ ଆମର ପୁଅ ଝିଅଙ୍କୁ ଲୋକ ପଚାରିବେ ସେମାନେ କେବଳ ଦକ୍ଷ ନା ଓଡିଶାରେ ଦକ୍ଷତା ହାସଲ କରିଛନ୍ତି। ଏହି ଅବସରରେ ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ କହିଥିଲେ ଯେ ଭାରତ ଦକ୍ଷତା ପ୍ରତିଯୋଗିତାର ବିଜେତାମାନେ ସମାଜର ବହୁ ତଳସ୍ତରରୁ ଆସି ସଫଳତା ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ହକି ପାଇଁ ଯାହା କରିଛନ୍ତି ଦକ୍ଷତା କ୍ଷେତ୍ରରେ ତାହା ମଧ୍ୟ ହାସଲ ହେବ। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜି.ରଘୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱର୍ଣ୍ଣ ପଦକ ବିଜେତା ସନ୍ତୋଷ ଓଝା, ସ୍ୱାତି କୁମାରୀ, ସୋନା ବେହେରା, ନଉସିନ ନିଗାରଙ୍କୁ ଅର୍ଥରାଶି ଓ ସାର୍ଟିଫିକେଟ୍ ଦେଇ ସମ୍ମାନିତ କରିଥିଲେ।

## ସମ୍ପାଦକୀୟ...

ବ ର୍ତ୍ତମାନର ସମାଜରେ ପ୍ରଚଳିତ ବିଧିବ୍ୟବସ୍ଥା କିଭଳି ଚାଲିଛି ତାହା ଏକ ବିରାଟ ପ୍ରଶ୍ନବାଚୀ। ଅନେକ ଖବର ପ୍ରକାଶିତ ହେଉଛି ଏବଂ ତା'ଠାରୁ ଅଧିକ ଖବର ପ୍ରକାଶିତ ହୋଇପାରୁନି। ଆମେ ସମସ୍ତେ ମିଳିତ ଭାବେ ଅଧୋପତନର ପାହାଚ ଓହ୍ଲାଇବାରେ ବ୍ୟସ୍ତ। ଏବେ କିଛିଦିନ ଧରି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଥିବା ପ୍ରଶାସନିକ ଅଧିକାରୀ, ଇଂଜିନିୟର ଏବଂ ଅନ୍ୟାନ୍ୟ ସରକାରୀ ଅଧିକାରୀମାନେ ଦୁର୍ନୀତିଗ୍ରସ୍ତ ହୋଇ ଧରାପଡୁଛନ୍ତି, ଯାହା ଲୋକଲୋଚନକୁ ଆସୁଛି, ତାହା ସବୁ ଭାତହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି, ପରୀକ୍ଷାମୂଳକ। ଲୋକଙ୍କ ଭିତରେ ଅନେକ ପ୍ରଶ୍ନ ଯେ, ଧରାପଡୁଥିବା ବ୍ୟକ୍ତିବିଶେଷଟି କ'ଣ କେବଳ ଦୁର୍ନୀତିରେ ଲିପ୍ତ ନା ସେ ଯାହାପାଖକୁ କାମରେ ଯାଉଛି ପ୍ରାୟ ସମସ୍ତେ ତ ସମାନ, ତେବେ ନିର୍ଦ୍ଦିଷ୍ଟ କେତେଜଣ କାହିଁକି ? ଉପରର ସବୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ସନ୍ଦେହରେ ଦେଖିବାକୁ ଆରମ୍ଭ କରୁଛି ସାଧାରଣ ମଣିଷ। ଅର୍ଥ ଓ କ୍ଷମତା ପାଇଁ କେତେ ପ୍ରହସନ କରାଯାଉଛି ? ସାଧାରଣ ଜନତାଙ୍କୁ ବୋକା ବନେଇବାର ଦୁର୍ବାର ଚେଷ୍ଟା କରାଯାଉଛି, ଯେଉଁଠି ରାଜନୈତିକ ବ୍ୟକ୍ତିଟା ଏବେ ପଙ୍ଗୁ ଏବଂ ଖେଳନା ମାତ୍ର। ଏଭଳି ସାମାଜିକ ଅଧୋପତନ ପାଇଁ କାହାକୁ ଦୋଷ ଦେବା ଅପେକ୍ଷା ନିଜକୁ ହିଁ ଦାୟୀ କରିବା ଶ୍ରେୟ ମନେକରୁଛୁ। ସମସ୍ତେ ଏବେ ଗରିବ ହେବାର ବା ଗରିବ ଦେଖାଇ ହେବାର ନିଶାରେ ନିଶାଗ୍ରସ୍ତ। ସାହାଯ୍ୟ କରିବା ନାଁରେ କର୍ପୋରେଟ ଦଲାଲି କରି ଅର୍ଥ ଏବଂ କ୍ଷମତାର ଭାଗିଦାରୀ ହେବା କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କର ଲାଭଜନକ ବ୍ୟବସାୟ। ସରକାର ହୁଅନ୍ତୁ ବା ଗଣମାଧ୍ୟମ ଖଣି ଉତ୍ପାଦନ ବୃଦ୍ଧି ହେଲା ବୋଲି ସବୁଠିତ ମୁଖ୍ୟ ଖବର ହେଲା। କିନ୍ତୁ ଗଚ୍ଛିତ ଧନକୁ ଅଧିକ କାଢ଼ି ବିକ୍ରି କଲେ ତାହା କିପରି ଉତ୍ପାଦନ ବୃଦ୍ଧି ତାହା ଏବେବି ଅସ୍ପଷ୍ଟ। ଘରେ ପୂର୍ବପୁରୁଷରୁ ଥିବା ଧନ ସଂପତିକୁ ସୁବିନିଯୋଗ ନକରି ଲକ୍ଷହୀନ ଭାବରେ ନିଜର ଉଦର ଶାନ୍ତି ପାଇଁ ଅସଂଯୋଜିତ ବାଟରେ ଖର୍ଚ୍ଚ କରୁଥିବା ଲୋକଙ୍କୁ କ'ଣ କୁହାଯିବ ତାହା ପାଠକମାନେ ସ୍ଥିର କରିବେ ଏବଂ ତାହା ପରିବାରରୁ .... ଗାଁ, ଗାଁରୁ..... ବ୍ଲକ, ବ୍ଲକରୁ.... ଜିଲ୍ଲା, ଜିଲ୍ଲାରୁ....ରାଜ୍ୟ, ରାଜ୍ୟରୁ......... ଦେଶ ପର୍ଯ୍ୟନ୍ତ ବିଚାରଯୋଗ୍ୟ। ସାଧାରଣ ଭାବରେ ଉତ୍ପାଦନର ବୃଦ୍ଧି କହିଲେ ତାହା କୃଷିଜାତ ଦ୍ରବ୍ୟ ହୋଇପାରେ। ରାଜ୍ୟରେ ପ୍ରତିଷ୍ଠିତ କାରଖାନାରୁ ଉତ୍ପାଦିତ ଦ୍ରବ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ, ତଥା ଅନ୍ୟାନ୍ୟ ସବୁକିଛି ଯାହାକୁ ଆମେ ଶ୍ରମ ବା ବୁଦ୍ଧି ବିନିଯୋଗ କରି ଉତ୍ପାଦନ କରୁଛେ ତାକୁ ବୁଝାଯାଏ। କିନ୍ତୁ ଗଚ୍ଛିତ ଧନକୁ ଶାଗମାଛ ଦରରେ ବିକ୍ରି କରିଲେ ତାହା ଉତ୍ପାଦନ ବୃଦ୍ଧି ନା ଆମ ଗଚ୍ଛିତ ସଂପତିର ହ୍ରାସ ତା'ର ତର୍ଜମା ହେବାର ସମୟ ଏବେ ଉପନୀତ।

ଦାୟିତ୍ୱବୋଧ ବ୍ୟକ୍ତିଟି ପରିବାରର ନୂଆପିଢ଼ିକୁ ପ୍ରଶିକ୍ଷିତ କରି ସ୍ୱାବଲମ୍ବୀ କରିବା ନା ନୂଆପିଢ଼ିକୁ ମାଗି ଖିଆରେ ପରିଣତ କରିବ ? ବଜାରଭି ିକ ସମାଜରେ ସାଧାରଣ ଲୋକଟା ଅତ୍ୟଧିକ ଦରବୃଦ୍ଧିରେ ପେଶି ହୋଇ ଗରିବ ହେବାର ସ୍ୱପ୍ନ ଦେଖିବାକୁ ବାଧ ହେଉଛି। କାରଣ ତାକୁ ଏବଂ ତା'ର ପରିବାରକୁ ବଂଚାଇ ରଖିବାର ଏକମାତ୍ର ରାସ୍ତା ବୋଲି ଭୁଲରେ ଧାରଣା ହେଉଛି। କାରଣ ଆମେ ତାକୁ ସଠିକ ମାର୍ଗ ଦେଖାଇବାରେ ବିଫଳ କିମ୍ବା ଆମେ ଆପଣାଇଥିବା ରାସ୍ତାଟି ଭୁଲ ତାକୁ ମଧ ପରଖିବାକୁ ପଡ଼ିବ। କିନ୍ତୁ ଏକ କର୍ମଠ, ଉତ୍ପାଦନକ୍ଷମ, ଶିକ୍ଷିତ ତଥା ପ୍ରଶିକ୍ଷିତ ସମାଜ ଗଠନର ଦାୟିତ୍ୱବୋଧରୁ ଦୂରେଇ ଯିବାଟା ନିଶ୍ଚିତ ଭାବରେ ଅନୁକରଣୀୟ ନୁହେଁ।

# ଧର୍ମନିରପେକ୍ଷତା ଓ ସାଂପ୍ରଦାୟିକତା



ରବି ଦାସ

ସ୍ୱାଧୀନତାର ୭୫ବର୍ଷ ଅତିକ୍ରାନ୍ତ ହୋଇଛି ଓ ଏବେ ଅମୃତ କାଳରେ ଦେଶ ପ୍ରବେଶ କରିଥିବା କୁହାଯାଉଛି। କିନ୍ତୁ ସ୍ୱାଧୀନତାର ୫୦ବର୍ଷ ଭିତରେ ଭାରତର ଅଧିକାଂଶ ଦଳ ଓ ଜନମତ ସାଂପ୍ରଦାୟିକତା ବିରୋଧରେ ଏପରି ଏକଜୁଟ୍ ଥିଲେ ଯେ, ୧୯୯୬ରେ ଅଟଳ ବିହାରୀ ବାଜପେୟୀଙ୍କୁ ଜାତୀୟ ଗଣତାନ୍ତ୍ରିକ ମେଂଟ ଗଠନ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱାଧୀନତା ପରେ ପ୍ରସ୍ତୁତ ଦେଶର ସମ୍ବିଧାନର ମୁଖବନ୍ଧରେ ଧର୍ମନିରପେକ୍ଷ ଶବ୍ଦ ନଥିଲେ ମଧ ଧର୍ମନିରପେକ୍ଷତା ଭାରତୀୟ ସମ୍ବିଧାନର ମୌଳିକ ଢ଼ାଂଚାର ଏକ ଅଂଶ ଭାବରେ ବିଭିନ୍ନ ଧାରାରେ ଲିପିବଦ୍ଧ ହୋଇ ରହିଥିଲା। ଜରୁରୀ ପରିସ୍ଥିତିରେ ୪୨ତମ ସମ୍ବିଧାନ ସଂଶୋଧନରେ ଧର୍ମନିରପେକ୍ଷତାକୁ ସମ୍ବିଧାନର ମୁଖବନ୍ଧକୁ ଅଣାଯିବା ପରେ ୧୯୭୭ରେ ଇନ୍ଦିରାଗାନ୍ଧୀଙ୍କ ପରାସ୍ତ କରି ଗାଦିସୀନ ହୋଇଥିବା ଜନତା ପାର୍ଟି ସରକାର ୪୨ତମ ସମ୍ବିଧାନର ଅନେକ ବ୍ୟବସ୍ଥାକୁ ୪୪ତମ ସମ୍ବିଧାନ ସଂଶୋଧନରେ ହଟାଇ ଦେଇଥିଲେ ମଧ ଧର୍ମନିରପେକ୍ଷତାକୁ ମୁଖବନ୍ଧରେ ସ୍ଥାନ ଦିଆଯାଇଥିଲା ତାହାକୁ ପ୍ରତ୍ୟାହାର କରିନଥିଲେ। ସେହି ସରକାରରେ ଜନସଂଘର ଅଂଶୀଦାର ଥିବା ବାଜପେୟୀ ଓ ଆଡଭାନୀ ପ୍ରମୁଖ ମନ୍ତ୍ରିମଣ୍ଡଳରେ ଥିଲେ। ଯଦିଓ ବାଜପେୟୀ ଜଣେ ସାଂପ୍ରଦାୟିକବାଦୀ ନୁହଁନ୍ତି ଓ ଭାରତର ଧର୍ମନିରପେକ୍ଷ ଆଦର୍ଶକୁ ଗ୍ରହଣ କରିଛନ୍ତି ବୋଲି ବିଚାର କରାଯାଉଥିଲା। ତଥାପି ଆରଏସଏସ୍ ସହିତ ସଂପର୍କ ଥିବା ବିଜେପି ଦଳର ସେ ମୁଖ୍ୟ ନେତା ହୋଇଥିବାରୁ ତାଙ୍କ ସହିତ ମେଂଟରେ ଯୋଗଦେବାକୁ ଅଧିକାଂଶ ଦଳ ପ୍ରସ୍ତୁତ ହେଉନଥିଲେ। ୧୯୯୬ରେ ବିଜେପି ଦେଶର ପାର୍ଲାମେଂଟରେ ସବୁଠାରୁ ବଡ଼ ଦଳ ଭାବରେ ଆବିର୍ଭାବ ହୋଇଥିଲେ ମଧ ଅନ୍ୟ ଦଳମାନେ ସେହି ଦଳ ସହିତ ମେଂଟ କରିବାକୁ ରାଜି ନହେବା ଫଳରେ ବାଜପେୟୀଙ୍କ ପ୍ରଥମ ସରକାର ମାତ୍ର ୧୩ଦିନ ପରେ ଭାଙ୍ଗି ଯାଇଥିଲା। ବାସ୍ତବରେ ବିଜେପିକୁ ଅନ୍ୟ ଦଳ ସହିତ ଓ ବିଶେଷ ଭାବରେ ଧର୍ମନିରପେକ୍ଷତାର ସ୍ଲୋଗାନ ଦେଇ ରାଜନୀତି କରୁଥିବା ଦଳମାନେ ଏକ ସାଂପ୍ରଦାୟିକ ଦଳ ସହିତ ମେଂଟ କରିବେ ନାହିଁ ବୋଲି ଘୋଷଣା କରିଥିଲେ। ଲୋହିଆଙ୍କ ଚିନ୍ତାଧାରାରେ ରାଜନୀତିକୁ ଆସିଥିବା ସମାଜବାଦୀ ନେତା ଜର୍ଜ ଫର୍ଣ୍ଣାଣ୍ଡିଜ୍ ଜନତା ଦଳରୁ ବାହାରି ଆସି ନୀତିଶ କୁମାରଙ୍କ ସହିତ ମିଶି ସମତା ପାର୍ଟି କରିବା ପରେ ତଥାକଥିତ ଧର୍ମନିରପେକ୍ଷ ଦଳମାନଙ୍କୁ ବିଜେପି ମେଂଟରେ ସାମିଲ୍ ହେବା ପାଇଁ ମୁଖ୍ୟ ଅସ୍ତ୍ର ଭାବରେ ପ୍ରବର୍ତାଇଥିଲେ। ୧୯୯୬ରେ କେବଳ ଶିବସେନା, ଅକାଳି ଦଳ ବିଜେପି ମେଂଟରେ ଥିଲେ। କିନ୍ତୁ ସାଂପ୍ରଦାୟିକତା ବିରୋଧରେ ଅଧିକାଂଶ ଦଳ ଓ ଆଂଚଳିକ ଦଳମାନେ ଏକଜୁଟ୍ ଥିବାରୁ ୧୯୯୬ରେ ବାଜପେୟୀଙ୍କ ସରକାର ଭାଙ୍ଗି ଏକ ମିଳିତ ସାମ୍ମୁଖ୍ୟର ସରକାର ଜନତା ଦଳ ନେତୃତ୍ୱରେ ଗଠିତ ହୋଇଥିଲା। କିନ୍ତୁ ଏହି ମେଂଟର ପାର୍ଲାମେଂଟରେ ଯେଉଁ ସଂଖ୍ୟା ଥିଲା ସେଥିରେ ସରକାର ଗଠନ ପାଇଁ ଏମାନଙ୍କର କ୍ଷମତା ନଥିଲେ ମଧ ସାଂପ୍ରଦାୟିକତା ଶକ୍ତିକୁ ବିରୋଧ କରିବା ପାଇଁ କଂଗ୍ରେସ ଦଳ ଏହି ମେଂଟ ସରକାରକୁ ସମର୍ଥନ କରିଥିଲା। କଂଗ୍ରେସ ଯଦି ଏହି ମେଂଟରେ ସାମିଲ୍ ହୋଇଥାନ୍ତା ବା ସରକାରରେ ଅଂଶଗ୍ରହଣ କରିଥାନ୍ତା ତେବେ ଭିନ୍ନକଥା ହୋଇଥାନ୍ତା। କେବଳ ସାଂପ୍ରଦାୟିକତାର ବିରୋଧ କରି ମିଳିତ ସାମ୍ମୁଖ୍ୟ ସରକାର ଗଠନ କରିବ ଓ କଂଗ୍ରେସ ବାହାରୁ ଏହାକୁ ସମର୍ଥନ ଅବ୍ୟାହତ ରଖିବ ବୋଲି ଆଶା କରାଯାଉନଥିଲା। ତାହା ହିଁ ହେଲା। ପ୍ରଥମେ ଦେବଗୌଡ଼ାଙ୍କ ନେତୃତ୍ୱରେ ଦଶମାସରୁ ଉର୍ଦ୍ଧ୍ୱ ସରକାର ଚାଲିଲା ପରେ ପୁଣି ଆଇ.କେ. ଗୁଜୁରାଲଙ୍କ ନେତୃତ୍ୱରେ ସେହି ସରକାର ଆଉ ଦଶ ମାସ କ୍ଷମତାରେ ରହିଲେ। ଆଶ୍ଚର୍ଯ୍ୟର କଥା ଯେଉଁ ଦଳମାନେ ଓ ଆଂଚଳିକ ଦଳମାନେ ସାଂପ୍ରଦାୟିକତା ବିରୋଧରେ ସ୍ଲୋଗାନ ଦେଉଥିଲେ ଓ ଧର୍ମନିରପେକ୍ଷତା ସେମାନଙ୍କର ଆଦର୍ଶ ବୋଲି କହୁଥିଲେ ସେମାନଙ୍କ ଭିତରୁ ତେଲଗୁଦେଶମ, ରାମବିଳାସ ପାଶ୍ୱାନ, ଜୟଲଳିତ ପ୍ରଭୃତି ବାଜପେୟୀଙ୍କ ମେଂଟକୁ ୧୯୯୮ ନିର୍ବାଚନ ପରେ ସମର୍ଥନ କରିବାରୁ ସେହି ମେଂଟ ସରକାର ଗଠନ କରିବା ସମ୍ଭବ ହେଲା। ୧୯୯୬ରେ ବିଜୁ ପଟ୍ଟନାୟକ ଜନତା ଦଳର ସାଂସଦ ଭାବରେ ପାର୍ଲାମେଂଟରେ ସାଂପ୍ରଦାୟିକତା ସ୍ଲୋଗାନ ଆଧାରରେ ଯେଉଁ ସରକାରକୁ ବିରୋଧ କରିଥିଲେ ତାଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ନାମିତ ବିଜୁ ଜନତା ଦଳର ଆଦର୍ଶରେ ଧର୍ମନିରପେକ୍ଷତା ରହିଥିବା ସତ୍ତ୍ୱେ ତାହା ବାଜପେୟୀଙ୍କ ମେଂଟରେ ସାମିଲ୍ ହୋଇଥିଲା। ସେହି ସରକାରରେ ଲାଲକୃଷ୍ଣ ଆଡଭାନୀ ଯିଏ କି ବାବ୍ରି ମସ୍‌ଜିଦ ଭାଙ୍ଗିବା କାର୍ଯ୍ୟରେ ଏକ ପ୍ରମୁଖ ଭୂମିକା ନେଇଥିଲେ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିଲେ ମଧ ବାଜପେୟୀଙ୍କ ସରକାର ସମ୍ବିଧାନର ଧର୍ମନିରପେକ୍ଷ ଆଦର୍ଶକୁ ସାଲିସ ହେବାକୁ ଦେଇନଥିଲେ। ଅବଶ୍ୟ ଧର୍ମନିରପେକ୍ଷବାଦୀମାନେ ଓ ବିଶେଷ ଭାବରେ କଂଗ୍ରେସ ଦଳ ମୁସିଲିମ୍ ତୁଷ୍ଟିକରଣ ରାଜନୀତି କରୁଛି ବୋଲି ଆଡଭାନୀ ବରାବର କହୁଥିଲେ। ୧୯୯୯ରେ ବାଜପେୟୀଙ୍କର ଦ୍ୱିତୀୟ ସରକାର କ୍ଷମତାସୀନ ହେବା ପରେ କାଶ୍ମୀର ସଂକ୍ରାନ୍ତରେ ସେ ଗ୍ରହଣ କରିଥିବା ନୀତି ଏକ ନୂଆ ଅଧ୍ୟାୟର ସୂତ୍ରପାତ କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜର୍ଜ୍ ଫର୍ଣ୍ଣାଣ୍ଡିଜ୍‌ଙ୍କ ଉଦ୍ୟମ ଯୋଗୁ ଅନେକ ଧର୍ମନିରପେକ୍ଷ ଦଳ ଯେଉଁମାନେ କି ମିଳିତ ସାମ୍ମୁଖ୍ୟ ସରକାରରେ ମଧ ଅଂଶୀଦାର ଥିଲେ ସେମାନେ ବାଜପେୟୀଙ୍କ ମେଂଟରେ ସାମିଲ୍ ହେବା ସମୟରେ ରାମମନ୍ଦିର, କାଶ୍ମୀର ୩୭୦ ଓ କମନ୍ ସିଭିଲ୍ କୋଡ ପ୍ରସଙ୍ଗଗୁଡ଼ିକୁ ବାଦ୍ ଦିଆଯିବାକୁ ସର୍ତ୍ତ ରଖିଥିଲେ ଓ ବାଜପେୟୀ ସେହି ସର୍ତ୍ତ ମାନି କାମ କରିଥିଲେ। ଏପରିକି ୨୦୦୨ରେ ଗୁଜୁରାଟ ଦଙ୍ଗା ସମୟରେ ସେଠାରେ ମୁଖ୍ୟମନ୍ତ୍ରୀ ଥିବା ନରେନ୍ଦ୍ର ମୋଦିଙ୍କ ଉପରେ ବିରକ୍ତି ପ୍ରକାଶ କରି ରାଜଧର୍ମ ପାଳନ ପାଇଁ ତାଙ୍କୁ ପରାମର୍ଶ ଦେଇଥିଲେ।

ନରେନ୍ଦ୍ର ମୋଦି ୨୦୧୪ ନିର୍ବାଚନରେ ସାଂପ୍ରଦାୟିକତାର କୌଣସି ସ୍ଲୋଗାନ ଦେଇନଥିଲେ। ଏପରିକି ରାମମନ୍ଦିର ନିର୍ମାଣ ନେଇ ବିଜେପିର ନିର୍ବାଚନୀ ଇସ୍ତାହାରରେ ଥିଲେ ମଧ କୌଣସି ସ୍ଥାନରେ କୌଣସି ଭାଷଣରେ ସେ ଏହି ପ୍ରସଙ୍ଗକୁ ବା କାଶ୍ମୀର ପ୍ରସଙ୍ଗକୁ ପ୍ରମୁଖ ସ୍ଥାନ ଦେଇନଥିଲେ। ଯେହେତୁ ୨୫ବର୍ଷ ପରେ ଭାରତରେ ଗୋଟିଏ ଦଳର ସଂଖ୍ୟା ଗରିଷ୍ଠ ଶାସନ କେନ୍ଦ୍ରରେ ପ୍ରତିଷ୍ଠିତ ହୋଇଗଲା ଏବଂ ପୂର୍ବରୁ ଥିବା ୟୁପିଏ ସରକାର ଓ ବିଶେଷ ଭାବରେ କଂଗ୍ରେସ ଦଳ ଏତେ ମାତ୍ରାରେ ବଦନାମ ହୋଇଯାଇଥିଲା ଯେ, ଲୋକସଭାରେ ମୁଖ୍ୟ ବିରୋଧୀ ଦଳର ଆସନ ମଧ କଂଗ୍ରେସ ହାସଲ କରିପାରିଲା ନାହିଁ। ଏହି ଅବସ୍ଥା ନରେନ୍ଦ୍ର ମୋଦିଙ୍କୁ ଏକକ ନେତୃତ୍ୱ ପାଇଁ ଯେଉଁ ସୁଯୋଗ ଦେଲା ତାହା ଫଳରେ ସାଂପ୍ରଦାୟିକତା ପ୍ରସଙ୍ଗ ଭାରତରେ ଏକ ନ୍ୟୁନ ସ୍ଥାନକୁ ଚାଲିଗଲା। ମୁସଲିମ ତୁଷ୍ଟିକରଣ ସ୍ଲୋଗାନରେ ଧର୍ମନିରପେକ୍ଷ ଦଳମାନେ ଏତେମାତ୍ରାରେ ସଂକୁଚିତ ହୋଇଯାଇଥିଲେ ଯେ, ଧର୍ମନିରପେକ୍ଷତାକୁ ରାଜନୈତିକ ସ୍ଲୋଗାନରେ ପ୍ରମୁଖ ପ୍ରସଙ୍ଗ କରିବାକୁ ଅଧିକାଂଶ ଭୟ କରୁଥିଲେ। ଏପରିକି କଂଗ୍ରେସ ଦଳ ପରାଜୟ ଜନିତ କାରଣରୁ ବା ହିନ୍ଦୁ ଭୋଟ୍ ହରେଇବା ଭୟରେ ହାଲକା ହିନ୍ଦୁତ୍ୱକୁ ଗ୍ରହଣ କରିଥିଲେ। ବିଜେପି ନେତାମାନେ ମନ୍ଦିର ଓ ହିନ୍ଦୁ ଅନୁଷ୍ଠାନକୁ ପ୍ରାଧାନ୍ୟ ଦେବା ଓ ଖୋଦ୍ ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ମନ୍ଦିର ପରିଦର୍ଶନ ଏକ ରାଜନୈତିକ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରିବାର ଯେଉଁ ପ୍ରକ୍ରିୟା ଆରମ୍ଭ କଲେ ସେଥିରେ କଂଗ୍ରେସ ନେତାମାନେ ମଧ ପ୍ରଭାବିତ ହୋଇଗଲେ। ୨୦୧୯ରେ ଜାତୀୟ ସୁରକ୍ଷା ପ୍ରସଙ୍ଗ ଉପରେ ବିଜେପି ଅଧିକ ଆସନ ସହିତ କେନ୍ଦ୍ର କ୍ଷମତାକୁ ଫେରିବା ପରେ କାଶ୍ମୀର ବ୍ୟାପାରରେ ସେମାନଙ୍କର ବହୁ ଦିନର ସ୍ଲୋଗାନକୁ ୩୭୦ ଉଚ୍ଛେଦ କରି କାର୍ଯ୍ୟକାରୀ କଲେ। ଯେଉଁ ନ୍ୟାୟପାଳିକା ସଂଖ୍ୟାଲଘୁମାନଙ୍କୁ ସୁରକ୍ଷା ଦେବା ଓ ଧର୍ମ ନିରପେକ୍ଷତା ଭାରତୀୟ ସମ୍ବିଧାନର ମୌଳିକ ଢ଼ାଂଚା ବୋଲି ବାରମ୍ବାର ଘୋଷଣା କରୁଥିଲେ ସେମାନେ ରାମମନ୍ଦିର ମାମଲାରେ ରାୟ ଦେଇ ରାମମନ୍ଦିର ନିର୍ମାଣ ରାସ୍ତା ପରିଷ୍କାର କଲେ। ବାବ୍ରି ମସ୍‌ଜିଦ ଭାଙ୍ଗିବା ଘଟଣାରେ କୌଣସି ଅପରାଧ ହୋଇନାହିଁ ବୋଲି ଅଭିଯୁକ୍ତମାନଙ୍କୁ ଖଲାସ କରି ପ୍ରମାଣ କରିଦେଲେ। ନରେନ୍ଦ୍ର ମୋଦୀଙ୍କ ସରକାର ଆସିବା ପରେ ଜଜ୍ ନିଯୁକ୍ତି ନେଇ ଯେଉଁ ସାମ୍ବିଧାନିକ ସଂଶୋଧନ କରିଥିଲେ ତାହାକୁ ସୁପ୍ରିମକୋର୍ଟର ସାମ୍ବିଧାନିକ ବେଂଚ ଅଗ୍ରାହ୍ୟ କରିଦେଇ ଜଜ୍ ନିଯୁକ୍ତିରେ କଲେଜିୟମ ବ୍ୟବସ୍ଥାକୁ କାଏମ କଲେ। ତାହା ସତ୍ତ୍ୱେ ଜଜ୍ ନିଯୁକ୍ତିରେ ସରକାରଙ୍କ ପ୍ରାଧାନ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏବେ ନିକଟରେ ୬ବର୍ଷ ପରେ ଦେଶର ହାଇକୋର୍ଟ ମୁଖ୍ୟ ବିଚାରପତି ଓ ମୁଖ୍ୟମନ୍ତ୍ରୀମାନଙ୍କ ସହିତ କେନ୍ଦ୍ର ସରକାରଙ୍କର ହୋଇଥିବା ସମ୍ମିଳନୀରେ ଦେଶର ମୁଖ୍ୟ ନ୍ୟାୟାଧୀଶ ଏମ୍. ଭି ରମନ୍ନା ଏ ସଂକ୍ରାନ୍ତରେ ସୂଚନା ଦେଇ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଯାହା କହିଛନ୍ତି ସେଥିରୁ ଭାରତର ନ୍ୟାୟ ପାଳିକାର ଦୟନୀୟ ଅବସ୍ଥା ବେଶ ସ୍ପଷ୍ଟ। ନ୍ୟାୟପାଳିକାର ଅନେକ ନିର୍ଦ୍ଦେଶକୁ ସରକାର କାର୍ଯ୍ୟକାରୀ କରୁନାହାନ୍ତି। କାର୍ଯ୍ୟପାଳିକାର ନୀତି ଓ ନିୟମ ଅନୁସାରେ କାର୍ଯ୍ୟ କରୁନଥିବାରୁ ସାଧାରଣ ନାଗରିକ ନ୍ୟାୟପାଳିକାର ଦ୍ୱାରସ୍ଥ ହେଉଛନ୍ତି। ଏପରିକି ଆଇନ ପ୍ରଣୟନ କରୁଥିବା ପାର୍ଲାମେଂଟ ଓ ବିଧାନସଭା ଆଇନ ଗ୍ରହଣ କରିବା ସମୟରେ ବିସ୍ତୃତ ଆଲୋଚନା ନକରି ଆଇନ କରୁଥିବାରୁ ସେଥିରେ ସ୍ୱଷ୍ଟତା ଆଦୌ ନାହିଁ। ତେଣୁ ନାଗରିକମାନେ ନ୍ୟାୟପାଳିକାର ଆଶ୍ରୟ ନେଉଛନ୍ତି।

ଏହି ପରିପ୍ରେକ୍ଷୀରେ ଦେଖିଲେ ଧର୍ମନିରପେକ୍ଷ ଦଳମାନଙ୍କୁ ପୁନର୍ବାର ଖାଲି ଏକଜୁଟ୍ ହେବାକୁ ପଡ଼ିବ ନାହିଁ, ବରଂ ସାଂପ୍ରଦାୟିକତା ବିରୋଧରେ ଛିଡ଼ା ହେବାକୁ ପଡ଼ିବ। ନିକଟରେ ରାମନବମୀ, ହନୁମାନ ଜୟନ୍ତୀ ଜରିଆରେ ଦେଶରେ ସଂଖ୍ୟାଲଘୁମାନଙ୍କୁ ଭୟଭୀତ କରିବାର ଯେଉଁସବୁ କାର୍ଯ୍ୟକ୍ରମ କରାଯାଇଛି ଓ ଶେଷରେ ବୁଲଡ୍ରୋଜର ଜରିଆରେ ସେମାନଙ୍କୁ ଜବତ କରାଯିବ ବୋଲି ଯେଉଁ ବାର୍ତା ଦିଆଯାଇଛି ତାହାକୁ ରାଜନୈତିକ ମୁକାବିଲା ଜରିଆରେ ପ୍ରତିରୋଧ କରାଯିବା ଆବଶ୍ୟକ। ଏଥିପାଇଁ କଂଗ୍ରେସ ଦଳକୁ ପ୍ରଥମେ ସଂଗଠିତ ହେବାକୁ ପଡ଼ିବ। କଂଗ୍ରେସ ଦଳର ଦୁର୍ଦ୍ଦଶା ଦେଶରେ ଧର୍ମନିରପେକ୍ଷ ଶକ୍ତିମାନଙ୍କୁ ଅସୁବିଧାରେ ପକାଇ ଦେଇଛି। ଯେଉଁ ସାହସ ଲାଲୁ ଯାଦବ ବିହାର ରାଜନୀତିରେ ପ୍ରଦର୍ଶନ କରିଥିଲେ ବା ଏବେ ମମତା ବାନାର୍ଜୀ ପ୍ରଦର୍ଶନ କରୁଛନ୍ତି, ସେହିପରି ପ୍ରତ୍ୟେକ ରାଜ୍ୟରେ ପ୍ରଦର୍ଶନ କରିବାର ଆବଶ୍ୟକତା ଅଛି। ପ୍ରଶାନ୍ତ କିଶୋରଙ୍କ ଜରିଆରେ କଂଗ୍ରେସର ପୁର୍ନବିନ୍ୟାସ ଓ ନବଜନ୍ମ ଲାଭ କରିବ ବୋଲି ଯେଉଁ ଆଶା ଥିଲା ତାହା ମଉଳି ଯାଇଥିଲେ ମଧ କଂଗ୍ରେସର ଅସଲ ଦୁର୍ବଳତା ଅତି ସ୍ପଷ୍ଟ ଭାବରେ କଂଗ୍ରେସ ନେତୃତ୍ୱକୁ ୬୦୦ରୁ ଉର୍ଦ୍ଧ୍ୱ ସ୍ଲାଇଡ୍ ଓ ୩୦୦ ପୃଷ୍ଠା ବ୍ୟାପୀ ଲେଖାରେ ଜଣାଇ ଦିଆଯାଇଛି। ରାହୁଲ ଗାନ୍ଧୀ ଦେଶର ଅର୍ଥନୀତି, ମୁଦ୍ରାସ୍ଫୀତି, ବେକାରୀ, ତୈଳଦର, ବିଦ୍ୟୁତ୍ ସଂକଟ ସଂକ୍ରାନ୍ତରେ ଯେତେସବୁ କଥା ଟ୍ୱିଟ୍ ଜରିଆରେ ଉଲ୍ଲେଖ କରୁଛନ୍ତି ସେଗୁଡ଼ିକ ବେଶ୍ ଆକର୍ଷଣୀୟ ହେଲେ ମଧ ଜନସମର୍ଥନ ହାସଲ କରିବା କଷ୍ଟକର। ରାଜନୈତିକ କାର୍ଯ୍ୟକଳାପ ଜରିଆରେ ହିଁ ଓ ଜନସାଧାରଣଙ୍କ ପାଖରେ ପହଁଚିବାର ରାସ୍ତା ତିଆରି କଲେ ହିଁ ଜନମତ ଜାଗ୍ରତ ହେବ। ଧର୍ମନିରପେକ୍ଷତା ଓ ସାଂପ୍ରଦାୟିକତାବାଦୀ ଶକ୍ତିମାନଙ୍କ ବିରୋଧରେ ଦେଶକୁ ଏକଜୁଟ୍ କରିବା ପାଇଁ ଯଦି କଂଗ୍ରେସ ଠିକଣା ଭୂମିକା ନେଇପାରିବ ତେବେ ସମାଜବାଦୀ ପାର୍ଟି, ଆରଜେଡି, ଡିଏମକେ, କେସିଆର, ଶରଦ ପାୱାର ଓ ବାମପନ୍ଥୀ ଦଳମାନେ ଏହି ଆଦର୍ଶ ଭି ିରେ ଏକଜୁଟ୍ ହୋଇପାରିବେ। ହିନ୍ଦୁ ଭୋଟ୍ ଚାଲିଯିବାର ଭୟ ରଖିବା ଉଚିତ ନୁହେଁ। କାରଣ ଅଧିକାଂଶ ହିନ୍ଦୁ ଧର୍ମ ନାମରେ ଲଫଙ୍ଗୀକରଣ ଓ ଆଇନର ଶାସନ ଧ୍ୱଂସ ହେବା ଚାହାନ୍ତି ନାହିଁ।

ବରିଷ୍ଠ ସାମ୍ବାଦିକ
ମୋ- ୮୦୧୮୦୯୪୪୫୫

# ଅଜଣା ଅଶୁଣା ଜାତାପୁ



କିମ୍ବଦନ୍ତୀ ସୂତ୍ରରେ ଜାତାପୁ ମାନେ ପାଣ୍ଡୁ ମାନଙ୍କ ବଂଶଧର ବୋଲି ପରିଚୟ ଦେଇଥାନ୍ତି। ଏହି ସୂତ୍ରରେ ମହାଭାରତ ଯୁଦ୍ଧ ଉପରାନ୍ତ ଶ୍ରୀକୃଷ୍ଣ ପ୍ରଳୟ ସରଂଚନା କାଲେ। ଜଗତ ଧ୍ୱଂସ ଅପରିହାର୍ଯ୍ୟ। ଦ୍ୱାପର ଯାଇ କଳିର ପ୍ରବେଶ ହେବ। ବିନାଶ ଲୀଳାରୁ ପାଣ୍ଡୁ ବଂଶୀ ଦୁଇ ପୁଅ ଝିଅଙ୍କୁ ନାବ ଆକୃତିର ଏକ ଛୋଟ ବୋଇତରେ ଆବଶ୍ୟକ ଖାଦ୍ୟ ଦେଇ ପ୍ରଳୟ ଜଳରେ ଭସାଇ ଦିଆଗଲା। ଶ୍ରୀକୃଷ୍ଣ ଦେହ ତ୍ୟାଗକଲେ।

ପାଣ୍ଡବମାନେ ସ୍ୱର୍ଗାରୋଜଣ କଲେ। ବହୁଦିନପରେ ଈଶ୍ୱର ମାନବର ସ । ଖୋଜିବାକୁ ଯାଇ ଗଛ କୋରଡରେ ମଣିଷ ଥିବାର ଜାଣି ତାଙ୍କୁ ଉଦ୍ଧାର କଲେ। ଆଦିମାତା ନିଜ ଶରୀରର ମଳିରୁ ମାଟି ସଂଚାର କରି ଜଳ ମଧ୍ୟରେ ସ୍ଥଳ ଭାଗ ସୃଷ୍ଟି କଲେ। ସେହି ଦୁଇ ପୁଅ ଝିଅ କାଳକ୍ରମେ ବଡ ହୋଇ ଈଶ୍ୱର ମାୟାରେ ସଂସାର ବଢାଇଲେ। ସେମାନେ ହେଲେ ଜାତାପୁ ଅର୍ଥାତ ପ୍ରଥମ ମଣିଷ। କିମ୍ବଦନ୍ତୀ ଯାହାହେଉନା କାହିଁକି ଆନ୍ଧ୍ର ଅଂଚଳରୁ ଏମାନେ ବିସ୍ତରିତ ହୋଇ କ୍ରମଶଃ ଓଡ଼ିଶାରେ ବସବାସ କରିଛନ୍ତି। ଭାଷା, ସଂସ୍କୃତି, ସାମାଜିକ ରୀତିନୀତି ସମସ୍ତ ବ୍ୟବସ୍ଥା ଆନ୍ଧ୍ର ସହିତ ଜଡିତ।

ଓଡ଼ିଶାରେ ଏମାନଙ୍କ ସଂଖ୍ୟା ମାତ୍ର ୧୪୮୯୦ ରହିଛି। ତନ୍ମଧ୍ୟରୁ ପୁରୁଷ ସଂଖ୍ୟା ୭୨୩୧ ଥିବାବେଳେ ମହିଳାଙ୍କ ସଂଖ୍ୟା ୭୬୫୯ ଥିବାର ୨୦୧୧ ଜନଗଣନାରୁ ସୂଚନା ମିଳେ। ସାକ୍ଷରତା ହାର ସେଦିନକୁ ଦେଖିଲେ ୪୭.୨୨, ତନ୍ମଧ୍ୟରୁ ପୁରୁଷ ୫୭.୩୮ ଏବଂ ମହିଳା ୩୭.୭୬ ଅଟେ। ଓଡ଼ିଶାର ମୁଖ୍ୟତଃ ରାୟଗଡା ଜିଲ୍ଲାର ଗୁଣୁପୁର ସବଡ଼ିଭିଜନ ଏବଂ ଗଜପତି ଜିଲ୍ଲା ଗୋଶାଣୀ, କାଶୀନଗର ବ୍ଲକ ଅଂଚଳରେ ଏମାନଙ୍କର ବସତି ରହିଛି। ପରିସଂଖ୍ୟାନ ଭି ିରେ ଏମାନଙ୍କୁ ପ୍ରଥମେ ପୋଡୁଚାଷୀ, ଏବକୁ ସ୍ଥାୟୀ କୃଷି ଜୀବି ହିସାବରେ ସ୍ଥାନିତ କରାଯାଇଛି, ତେବେ କାଠୁରିଆ, ମଜୁରିଆ, ମିସ୍ତ୍ରୀ, ଦଉଡି ପ୍ରସ୍ତୁତ କାର୍ଯ୍ୟରେ ଏମାନଙ୍କ କୁଶଳତା ଦେଖିବାକୁ ମିଳିଥାଏ। ସ୍ଥାନୀୟ କନ୍ଧ (କୁଭି) ମାନଙ୍କ ସହିତ ଆସି କୁଭି ଭାଷା ସହ ପରିଚିତ ଥିଲେ ମଧ ଏମାନଙ୍କ ମୂଳ ଭାଷା ତେଲୁଗୁ। ଏମାନେ ଉ ରରୁ ବିତଡିତ ହୋଇ ଦକ୍ଷିଣାତ୍ୟ ପଥରେ ଆନ୍ଧ୍ରକୁ ଏବଂ ପର ପର ଆନ୍ଧ୍ର ସଂଲଗ୍ନ ଓଡିଶା ଏବଂ ଜୀବିକାନୁସନ୍ଧାନରେ ଝାରଖଣ୍ଡ ଅଂଚଳରେ ବସତି ସ୍ଥାପନ କରି ରହିଛନ୍ତି। ଏମାନେ ଅନୁସୂଚିତ ତାଲିକାରେ ଜାତାପୁ/ଜଟାପୁ/ ଜାତାପୁ ହିସାବରେ ଗଣାହୋଇଥିଲେ ମଧ ପରିଚୟ ସଙ୍କଟ ଏମାନଙ୍କ ପିଛା ଛାଡୁନାହିଁ। କାଗଜପତ୍ର ଓ ସରକାରୀ ନଥିରେ ଏମାନଙ୍କୁ ଜାତାପୁବନ୍ଧ, ତୁଟାକନ୍ଧ, ପୀଟକନ୍ଧ ହିସାବରେ ସୂଚିତ କରୁଥିବାବେଳେ ଜାତି ପରିଚୟ ପତ୍ର ପାଇଁ ହନ୍ତସନ୍ତ ହେବାକୁ ପଡୁଛି।

ଅତୀତରେ ଏମାନଙ୍କ ଜୀବନଚର୍ଯ୍ୟା ଖୁବ ବିଚିତ୍ର ଥିଲା। ସମୟ ସହ ଏମାନେ ଖାପଖୁଆଇ ନିଜକୁ ପରିବ ି ତ କରିସାରିଛନ୍ତି। ସେଦିନର ଲେଙ୍ଗୁଟି ପିନ୍ଧା ଜାତପୁ ଆଜି ଆଧୁନିକତାର ମୋହରେ ନିଜକୁ ସମ୍ପୂର୍ଣ କବଳିତ କରିଛି। ମହିଳା ବର୍ଗ ବିଶେଷ କରି ଯୁବତୀ/କିଶୋରୀମାନେ ଲାଙ୍ଗା ଏବଂ ଓ୍ୱାଣୀ ସହ ଅଭ୍ୟନ୍ତ ହୋଇସାରିଥିବା ବେଳେ ପୁରୁଷ ସମାଜ ଜିନସ୍, ଟି ସାର୍ଟ ପ୍ରତି ଆସକ୍ତ। ପୂର୍ବେ ଏମାନଙ୍କ ମଧ୍ୟରେ ଚିତାକୁଟା ପରମ୍ପରା ଥିଲା ଏବଂ ତାହା ପ୍ରାୟତଃ ବିଲୁପ୍ତ। ଜାତାପୁ ମାନେ ଦ୍ରାବିଡ଼ ପନ୍ଥୀ, ବିବାହ ଉପରାନ୍ତ ନବଦମ୍ପତି ପିତାମାତାଙ୍କ ଠାରୁ ଭିନ୍ନ ହୋଇ ନିଜର ସଂସାର ପରିଚାଳନା କରନ୍ତି। ତେବେ ପରିବାର ବୋଧ ଅଦ୍ୟାବଧି ବଂଚିରହିଛି। ପାରମ୍ପରିକ ଗ୍ରାମ ଶାସନରେ ଜାନିର ଭୂମିକା ମହତ୍ତ୍ୱପୂର୍ଣ୍ଣ। ତେବେ ମଣ୍ଡଳ ସ୍ତରରେ ମଣ୍ଡଳ ନାଇଡୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବେଜୁ ତଥା ଜୋଡୁମାନେ ଧର୍ମୀୟ କାର୍ଯ୍ୟକ୍ରମରେ ପୁରୋଧା ଥିବାବେଳେ ଦିଶାରୀ ହିସାବରେ ଡିସାରୋଡୁଙ୍କ ସହଯୋଗ ରହିଥାଏ। ଏମାନଙ୍କ ଗାଁ ବସତି ଅନ୍ୟାନ କନ୍ଧ ମାନଙ୍କ ପରି ଦି ଧାଡ଼ିଆ। ମଝିରେ ପ୍ରଶସ୍ତ ରାସ୍ତା। ଘରଗୁଡ଼ିକ ନାଲି ମାଟିରେ ଲିପା ହୋଇ ସୁନ୍ଦରତା ପାଇଁ ଅରୁଆ ଚାଉଳ ଚୂନାରେ ଝୋଟି, ଚିତା, ଅଙ୍କନ କରିବା ଏକ ନିତିଦିନିଆ କାର୍ଯ୍ୟ।

ଧର୍ମୀୟ କାର୍ଯ୍ୟକଳାପରେ ଉଭୟ ପ୍ରଜାତିକ ଓ ଆର୍ଯ୍ୟର ମଧୁର ସମନ୍ୱୟ ପରିଲକ୍ଷିତ। ଗ୍ରାମ ଦେବୀ ହିସାବରେ ଆମଓ୍ୱରୁ, ନୂକାଲାମା, ଡାକିରିଆମାଙ୍କୁ ପୂଜା କରିଥାନ୍ତି। ଗ୍ରାମରେ ଛିନ୍ନମସ୍ତା, ଦୁର୍ଗା, ଯୋଗିନୀଙ୍କ ପୂଜନ ମାତୃ ଦେବୀ ପୂଜା ପରମ୍ପରାକୁ ସୂଚିତ କରିଥାଏ।

ପେଲ୍ଲି(ବିବାହ) ଅନ୍ୟ ଜନଜାତିଙ୍କ ପରି ହେଲେ ମଧ ଓବଲ୍ଲି(କନ୍ୟାସୁନା)ର ପ୍ରଚଳନ ଖୁବ ସାଧ ାରଣ। ପାନ୍ଦିରିଖାର୍ଚ୍ଛୁ, କାଜୁ ପୁଷ୍ପଲଲୁ, ପ୍ରଦାନମ ସହ ପେଲ୍ଲି ଆରମ୍ଭ ହୋଇଥାଏ। ଏଥିରେ ପାଶୁପୁ କୁଙ୍କୁମ (ହଳଦୀ ତେଲ ମାଖି) ସମାପନ ସହ କନ୍ୟାମାତାଙ୍କୁ ଓଡି ଅବଲୁ ଦେବା ଉପରାନ୍ତ ବିବାହ ସମ୍ପନ୍ନ ହୁଏ। ବିବାହ ମଧ ତାଙ୍କର ଭିନ୍ନ ଭିନ୍ନ। ପ୍ରେମା ପେଲ୍ଲୀ, (ପ୍ରେମା ବିବାହ) କୁଣ୍ଡା ମାରୁପୁଲୁ ପେଲ୍ଲି, ପ୍ରତିବଦଳିବାର ମାର, ଦେଲୁ ପେଲ୍ଲି (ଶାଳୀ ବିବାହ), ମୁଗୁଡୁ ଦିଲିନ୍ଦ ପେଲ୍ଲି (ଛାଡପତ୍ର ବିବାହ) ଇତ୍ୟାଦି। ପରିବର୍ତନ ସ୍ରୋତରେ ଜଟାପୁ ସମ୍ପ୍ରଦାୟ ନିଜକୁ ଖାପଖୁଆଇ ଚାଲିଛନ୍ତି। ଶିକ୍ଷା, ଉନ୍ନୟନ ସହ ସାମିଲ ହୋଇ ଆଧୁନିକ ବ୍ୟବସ୍ଥା ସହ ସୁଖଦ ମିଳନ ଏମାନଙ୍କ ପ୍ରାଚୀନ ବ୍ୟବସ୍ଥାରେ ପରିବ ର୍ତ୍ତନ ଆଣି ପାରିଛି।

## ଦେଶଦ୍ରୋହ ଆଇନର ପୁନର୍ବିଚାର କରିବେ କେନ୍ଦ୍ର ସରକାର



ନୂଆଦିଲ୍ଲୀ : କେନ୍ଦ୍ର ସରକାର ବ୍ରିଟିଶ ଅମଳର ଦେଶଦ୍ରୋହ ଆଇନ (ଆଇପିସି ଧାରା ୧୨୪କ)ର ପୁନର୍ବିଚାର କରିବାକୁ ଘୋଷଣା କରିଛନ୍ତି । ଏ ସଂପର୍କରେ କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ସୁପ୍ରିମକୋର୍ଟଙ୍କ ନିକଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏହି ସତ୍ୟପାଠରେ କୁହାଯାଇଛି ଯେ, ଆଜାଦିକା ଅମୃତ ମହୋତ୍ସବର ମୂଳଭାବନା ଓ ନାଗରିକ ସ୍ୱାଧୀନତା ରକ୍ଷା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁରୁତ୍ୱ ଦୃଷ୍ଟିରୁ କେନ୍ଦ୍ର ସରକାର 'ଆଇପିସି ଧାରା ୧୨୪କ' ର ସମୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଣୁ ସୁପ୍ରିମକୋର୍ଟ ଏହି ଆଇନର ତର୍ଜମା କରି ସମୟ ଅପଚୟ କରିବା ଉଚିତ ନୁହେଁ ଓ ହେବାକୁ ଥିବା ସମୀକ୍ଷାକୁ ଅପେକ୍ଷା କରନ୍ତୁ ବୋଲି ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ସତ୍ୟପାଠର ବିପରୀତ କେନ୍ଦ୍ର ସରକାର ଗତ ୭ ତାରିଖରେ ସୁପ୍ରିମକୋର୍ଟରେ ଏହି ଆଇନ ସପକ୍ଷରେ ମତ ରଖିଥିଲେ । ୧୯୬୨ରେ ସୁପ୍ରିମକୋର୍ଟଙ୍କ ଏକ ସାମ୍ବିଧାନିକ ବେଞ୍ଚ ଏହି ଆଇନର ବୈଧତା ସପକ୍ଷରେ ରାୟ ଦେଇଥିଲେ ବୋଲି ସରକାର କହିଥିଲେ । କେଦାର ନାଥ ସିଂ ବନାମ ବିହାର ରାଜ୍ୟ ମାମଲାରେ ପକ୍ଷଭୁକ୍ତ ହୋଇଥିବା କେନ୍ଦ୍ର ସରକାର କହିଥିଲେ ଯେ ଦେଶଦ୍ରୋହ ଆଇନ ଏକ ଉତ୍ତମ ଆଇନ ଓ ଏହାର ପୁନର୍ବିଚାରର ଆବଶ୍ୟକତା ନାହିଁ । କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏହି ଆଇନର ଦୁରୁପଯୋଗ ହେଉଥିବା ଅନେକ ସମୟରେ ଅଭିଯୋଗ ହୋଇଆସୁଛି ।

## ଏଣିକି ଶୋଇବାକୁ ଅଫିସରେ ମିଳିବ ଅଧଘଣ୍ଟା ସମୟ



ନୂଆଦିଲ୍ଲୀ: ଚାକିରି କରୁଥିବା ବ୍ୟକ୍ତିଙ୍କୁ ଆଜିକାଲି ବିଶ୍ରାମ ପାଇଁ ଟିକେ ସମୟ ମିଳିବା କଷ୍ଟକର ହୋଇପଡିଛି। ଘରୁ ଅଫିସ୍, ଅଫିସରୁ ଘର ଜାବତୀୟ କାମ ଟେନସନରେ ଚାକିରିଆ ବ୍ୟକ୍ତି ଠିକରେ ବିଶ୍ରାମ ନେବାକୁ ବି ସମୟ ପାଉନାହାନ୍ତି । ଦୁନିଆରେ ଏମିତି କେହି ଚାକିରି କରିଥିବା ବ୍ୟକ୍ତି ନଥିବେ ଯାହାଙ୍କୁ ଅଫିସ ଟାଇମରେ ଥରୁଟିଏ ନିଦ ଆସି ନଥିବ । ନିଦ ଆସିଲେ ବି କାମ ଛାଡି ଶୋଇବାକୁ ବି ଅନୁମତି ନଥାଏ । ଫଳରେ ବାଧ ହୋଇ ଅନିଚ୍ଛା ସତ୍ୱେ କାମ କରିବାକୁ ପଡିଥାଏ । ହେଲେ ଏବେ ଆଉ ଏହି ସମସ୍ୟା ରହିବ ନାହିଁ । ଏଣିକି ଅଫିସ୍ କାମ କରିବା ବେଳେ ଶୋଇ ହେବ । ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥାଟା ସତ । ଅଫିସ ସମୟରେ ଏବେ ଶୋଇ ହେବ । ଏମିତି ଏକ ପ୍ରୟାସ ଆରମ୍ଭ କରିଛି ଭାରତର ଏକ ଷ୍ଟାଟଅପ୍ କମ୍ପାନୀ । ୱେକ ଫିଟ୍ ସଲ୍ୟୁସନ ନାମକ ଭାରତୀୟ ଷ୍ଟାଟଅପ୍ କମ୍ପାନୀ ନିଜ କର୍ମଚାରୀଙ୍କୁ ଏମିତି ସୁବିଧା ଦେବା ଆରମ୍ଭ କରିଛି । ଅଫିସ ସମୟରେ କର୍ମଚାରୀଙ୍କୁ ଶୋଇବା ପାଇଁ କମ୍ପାନୀ ଅଧ ଘଣ୍ଟାଏ ସମୟ ଦେଇଛି । ମଧ୍ୟାହ୍ନ ଭୋଜନ ପରେ ଅପରାହ୍ଣ ୨ଟାରୁ ୨ଟା ୩୦ ପର୍ଯ୍ୟନ୍ତ କର୍ମଚାରୀ ବିଶ୍ରାମ ନେଇପାରିବେ। ଅଫିସ ସମୟରେ ଶୋଇବାକୁ କର୍ମଚାରୀଙ୍କୁ ସମୟ ଦେବା ଭାରତୀୟ ଷ୍ଟାଟଅପ୍ ଜଗତରେ ହୁଏତ ପ୍ରଥମ ଘଟଣା । କର୍ମଚାରୀଙ୍କ ହିତକୁ ଦୃଷ୍ଟିରେ ରଖି କମ୍ପାନୀ ଏହି ବ୍ୟବସ୍ଥା କରିଛି । ନିକଟରେ କମ୍ପାନୀର କର୍ମଚାରୀଙ୍କ ପାଖକୁ ଓ୍ୱେକଫିଟର ସହ ସଂସ୍ଥାପକ ଚୈତନ୍ୟ ରାମଲିଙ୍ଗଗେଡାଙ୍କ ଏକ ମେଲ୍ ଆସିଥିଲା। ଅପରାହ୍ଣ ୨ଟାରୁ ୨ଟା ୩୦ ପର୍ଯ୍ୟନ୍ତ କର୍ମଚାରୀମାନେ ଶୋଇବାକୁ ସମୟ ପାଇବେ ବୋଲି ଏଥିରେ ଘୋଷଣା କରାଯାଇଥିଲା । ମେଲରେ ସେ ଉଲ୍ଲେଖ କରିଥିଲେ, 'ଆମେ ୬ ବର୍ଷ ହେଲା ଶୋଇବାକୁ ନେଇ ବ୍ୟବସାୟ କରୁଛନ୍ତି। ହେଲେ ଅପରାହ୍ଣରେ ନିହାତି ଆବଶ୍ୟକ ହେଉଥିବା ବିଶ୍ରାମ ନେବାରେ ବିଫଳ ହୋଇଛନ୍ତି । ଆମେ ଶୋଇବାକୁ ଗମ୍ଭିରତାର ସହ ନେଇଛନ୍ତି, ଆଜିଠାରୁ ଆମେ ଏହାକୁ ଏକ ନୂଆ ଦିଗ ଦେବା।' ସେ ଆଗକୁ ଲେଖିଛନ୍ତି, 'ବିଭିନ୍ନ ସର୍ଭେରୁ ଜଣାପଡିଛି ଅପରାହ୍ଣରେ ସାମାନ୍ୟ ବିଶ୍ରାମ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବା ସହ କାମ କରିବାକୁ ଆଗ୍ରହ ବଢିଥାଏ । ନାଶାର ଏକ ସର୍ଭ ?ରୁ ଜଣାପଡିଛି ଅପରାହ୍ଣରେ ୨୬ ମିନିଟର ବିଶ୍ରାମ କାମ କରିବାର ଆଗ୍ରହକୁ ୩୩ ପ୍ରତିଶତ ବଢାଇ ଦେଇଥାଏ । ସେହିପରି ହାର୍ୱାର୍ଡର ସର୍ଭେରୁ ଜଣାପଡିଛି, ଅପରାହ୍ଣରେ ଅଳ୍ପ ସମୟ ଶୋଇବାକୁ ମିଳିଲେ କର୍ମଚାରୀଙ୍କ ମନରୁ ବିରକ୍ତି ଭାବ ଦୂର ହୋଇଥାଏ ଓ ଏହାର ଭଲ ପ୍ରଭାବ କାମ ଉପରେ ପଡିଥାଏ।' ଏହାସହ କମ୍ପାନୀ ତରଫରୁ ଟ୍ୱିଟର ପେଜରେ ଏକ ପୋଷ୍ଟର ସେୟାର କରାଯାଇଛି। ଏଥିରେ କୁହାଯାଇଛି ବିନା କୌଣସି ବାଧାରେ କର୍ମଚାରୀମାନେ ଆରାମ କରିବା ପାଇଁ ରୁମର ବ୍ୟବସ୍ଥା କରାଯାଉଛି। ୱାକଫିଟ କମ୍ପାନୀର ଏହି ଘୋଷଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଅନ୍ୟ କିଛି କର୍ମଚାରୀ ନିଜ କମ୍ପାନୀରେ ଏମିତି ବ୍ୟବସ୍ଥା କରାଯିବାକୁ ମତ ଦେଇଛନ୍ତି। ଅନ୍ୟପକ୍ଷରେ ସବୁ କମ୍ପାନୀରେ ଏମିତି ବ୍ୟବସ୍ଥା କରାଯାଇ ପାରିବ ନାହିଁ ବୋଲି ମଧ୍ୟ କିଛି ଲୋକ ମତ ଦେଇଛନ୍ତି।

# ଶ୍ରୀଲଙ୍କାରେ ସଂଘର୍ଷ, ଦେଶବ୍ୟାପୀ କର୍ଫ୍ୟୁ

କଲମ୍ବୋ: ଭୟଙ୍କର ଆର୍ଥିକ ସଂକଟ ଦେଇ ଗତି କରୁଥିବା ଶ୍ରୀଲଙ୍କାରେ ସରକାର ସପକ୍ଷବାଦୀ ଏବଂ ବିପକ୍ଷବାଦୀଙ୍କ ମଧ୍ୟରେ ବଡ ଧରଣର ସଂଘର୍ଷ ହୋଇଛି। ପ୍ରତିବାଦକାରୀଙ୍କୁ ସରକାରୀ ସମର୍ଥକମାନେ ଠେଙ୍ଗା ଓ ବାଡି ସାହାଯ୍ୟରେ

## ଇସ୍ତଫା ଦେଲେ ପ୍ରଧାନମନ୍ତ୍ରୀ





ଆକ୍ରମଣ କରିବାରୁ ୧୮୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି ଏବଂ ୫ ଜଣଙ୍କର ଜୀବନ ଯାଇଛି । ହିଂସା ପରେ ସରକାର ସାରା ଦେଶରେ କର୍ଫ୍ୟୁ ଲାଗୁ କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସେନା ମୁତୟନ ହୋଇଛନ୍ତି। ହିଂସା ପରେ ପ୍ରଧାନମନ୍ତ୍ରୀ ମହିନ୍ଦ୍ରା ରାଜପକ୍ଷ ରାଷ୍ଟ୍ରପତିଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଶାସକ ଦଳର ଜଣେ ସାଂସଦ ଅମରକୀର୍ତ୍ତି ଅଥୁକୋରଳ ସଂଘର୍ଷ-ସ୍ଥଳରେ ଜଣେ ପ୍ରତିବାଦକାରୀଙ୍କୁ ଗୁଳିମାରି ହତ୍ୟା କରିବା ପରେ ନିଜକୁ ବି ଗୁଳିମାରି ହତ୍ୟା କରିଛନ୍ତି। ପୁଲିସର କହିବା ଅନୁସାରେ ନିଉମ୍ବୁୱା ସହରରେ କିଛି ଲୋକ ସାଂସଦଙ୍କ କାର୍‌କୁ ଅଟକାଇବା ପରେ ସେ ଗୁଳି ମାରି ଦୁଇଜଣଙ୍କୁ ଗୁରୁତର ଆହତ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି। ଏହାପରେ ସାଂସଦ ନିଜକୁ ଗଳିମାରି ହତ୍ୟା କରିଥିଲେ। କିଛି ଲୋକ ଅନ୍ୟ ଜଣେ ସାଂସଦ ସନତ ନିଶାନ୍ତଙ୍କ ଘରେ ନିଆଁ ଲଗାଇଦେଇଥିବା ଏବଂ କୁରୁଣାଗଳା ମେୟର ତୁଷାର ସଂଜୀବଙ୍କ ଘର ଉପରେ ଆକ୍ରମଣ କରିଥିବା ରିପୋର୍ଟ ମିଳିଛି। ମାଉଣ୍ଟ ଲାଭିନିଆ-ସ୍ଥିତ ପୂର୍ବତନ ମନ୍ତ୍ରୀ ଜନସନ ଫର୍ଣ୍ଣାଣ୍ଡୋଙ୍କ ବାସଭବନରେ ବି ଉତ୍ତ୍ୟକ୍ତ ଜନତା ଆକ୍ରମଣ କରିଛନ୍ତି। ଆନ୍ଦୋଳନକାରୀମାନେ ବସ୍‌ରେ ନିଆଁ ଲଗାଇବା ସହିତ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପିତାଙ୍କ ସ୍ମୃତିରେ ନିର୍ମିତ ସ୍ମାରକୀଙ୍କୁ ନଷ୍ଟ କରିଦେଇଛନ୍ତି। ଏଥିସହିତ କଲମ୍ବୋଠାରୁ ୨୫୦ କିମି ଦୂର ହମବାନ୍‌ତୋତାରେ ଥିବା ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ପୈତୃକ ଘର ଜାଳି ଦେଇଛନ୍ତି। ୩ ଜଣ ପୂର୍ବତନ ମନ୍ତ୍ରୀ ଏବଂ ୨ ଜଣ ସାଂସଦଙ୍କ ଘରକୁ ମଧ୍ୟ ଆନ୍ଦୋଳନକାରୀମାନେ ଜାଳି ଦେଇଛନ୍ତି। ସ୍ୱାଧୀନତା ପରଠାରୁ ଆଜିଯାଏ ଦେଖାଯାଇ ନ ଥିବା ସବୁଠାରୁ ଭୟଙ୍କର ଆର୍ଥିକ ସଂକଟର ସମ୍ମୁଖୀନ ହୋଇଛି ଶ୍ରୀଲଙ୍କା। ବିଜୁଳି ଅଭାବରୁ ଘର, ରାସ୍ତାଘାଟ ଅନ୍ଧାର। ଖାଦ୍ୟ, ଇନ୍ଧନ କି ଔଷଧ ମିଳୁନି। ଏହା ବିରୋଧରେ ଶାନ୍ତିପୂର୍ଣ୍ଣ ବିଦ୍‌ରୋହ କରିବାକୁ ଲୋକମାନେ ରାସ୍ତାକୁ ଓହ୍ଲାଇଥିଲେ। କିନ୍ତୁ ସରକାରୀ ସମର୍ଥକମାନେ ସେମାନଙ୍କୁ ଠେଙ୍ଗାବାଡି ଧରି ଆକ୍ରମଣ କରି ଲହୁଲୁହାଣ କରିଦେଲେ। ରାଜଧାନୀ କଲମ୍ବୋରେ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷ ଓ ତାଙ୍କ ଭାଇ ତଥା ପ୍ରଧାନମନ୍ତ୍ରୀ ମହିନ୍ଦ୍ରା ରାଜପକ୍ଷଙ୍କ ପରିବାରର ସମର୍ଥକ ଓ ବିରୋଧୀଙ୍କ ମଧ୍ୟରେ ହିଂସା ଉଗ୍ର ରୂପ ନେଇଥିଲା। ପୁଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଆନ୍ଦୋଳନକାରୀଙ୍କ ଉପରକୁ ପାଣି ମାଡ କରିଥିଲା।

## ସଂସ୍କୃତ କେବଳ ଏକ ଭାଷା ନୁହେଁ ଆମର ଆବେଗର ପରିପ୍ରକାଶ: ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ: ସଂସ୍କୃତ ଭାଷା ଆମର ବେଦ ଭାଷା ଓ ଆଦ୍ୟ ଭାଷା । ସଂସ୍କୃତ କେବଳ ଏକ ଭାଷା ନୁହେଁ ଆମର ଏକ ଆବେଗ ଓ ଅଭିବ୍ୟକ୍ତିର ପରିପ୍ରକାଶ ବୋଲି ନୂଆଦିଲ୍ଲୀ ଠାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ 'ଉତ୍କର୍ଷ ମହୋତ୍ସବ'ରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ସମସ୍ତ ଭାଷା ଗୁଡିକ ଶ୍ରେଷ୍ଠ । ଭାରତୀୟ ଭାଷାର ବିବିଧତା ମଧ୍ୟରେ ଯେଉଁ ଏକତା ଅଛି ସେଥିରେ ସଂସ୍କୃତର ବହୁତ ବଡ ଯୋଗଦାନ ରହିଛି । ସଂସ୍କୃତ ଭାଷାର ମହତ୍ୱ କଣ ଏହା ଆମକୁ ବୁଝିବାକୁ ହେବ । ସଂସ୍କୃତ ଭାଷା ଆମର ବେଦ ଭାଷା ଓ ଆଦ୍ୟ ଭାଷା। ଚୀନ ପରିବ୍ରାଜକ ହୁଏନସାଂ ଭାରତ ଭ୍ରମଣରେ ଆସିଥିବା ବେଳେ ବିଭିନ୍ନ ସ୍ଥାନ ପରିଦର୍ଶନ ପରେ ସଂସ୍କୃତରେ ଲିଖିତ ଏକାଧିକ ଭାରତୀୟ ଗ୍ରନ୍ଥାବଳୀ ସାଙ୍ଗରେ ନେଇ ଚୀନ ପ୍ରତ୍ୟାବର୍ତ୍ତନ କରିଥିଲେ । ସେ ସମୟର ଗ୍ରନ୍ଥାବଳୀରୁ ସଂସ୍କୃତ ଭାଷାର ମହତ୍ୱ କେତେ ଥିଲା ଏ ସବୁରୁ ଜଣାପଡେ । ବେଦର ଭାଷା ସଂସ୍କୃତର ବୈଜ୍ଞାନିକତା, ପୁନରୁଦ୍ଧାର, ସଂସ୍କୃତ ସହ ଜଡିତ ଭାରତୀୟତାର ପରିଚୟ ଉପରେ ଆଲୋକପାତ କରିଥିଲେ। ଏକବିଂଶ ଶତାବ୍ଦୀରେ ଭାରତକୁ ଆତ୍ମନିର୍ଭର କରିବା ଏବଂ ବିଶ୍ୱ କଲ୍ୟାଣର ମାର୍ଗ ପ୍ରଶସ୍ତ କରିବା ପାଇଁ ଭାରତୀୟ ଶିକ୍ଷା ବ୍ୟବସ୍ଥା କିଭଳି ହେବା ଦରକାର ସେ ନେଇ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରି ମହାନ ଅନୁଷ୍ଠାନ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଦରକାର । ଆମର ପୁଞ୍ଜି ହେଉଛି ଜ୍ଞାନ, ଶିକ୍ଷା, ମାନବିକତା ଏବଂ ବୌଦ୍ଧିକ କ୍ଷମତା । ଏ ସବୁର ଉପଯୋଗ କରି ଭାରତ ଓ ବିଶ୍ୱ କଲ୍ୟାଣରେ ବ୍ରତୀ ହେବା ଦରକାର । ବର୍ତ୍ତମାନ ସମୟରେ ଦେଶରେ ରାଷ୍ଟ୍ରୀୟ ଶିକ୍ଷା ନୀତି(ଏନଇପି)ର କ୍ରିୟାନ୍ୱୟନ ହେଉଛି । ଶିକ୍ଷା ନୀତିରେ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ବି ଔପନିବେଶୀକରଣର ଆଧିପତ୍ୟକୁ ସମାପ୍ତ କରି ଭାରତୀୟତା ଆଧାରିତ ଶିକ୍ଷା ବ୍ୟବସ୍ଥା କରିବା ଏବଂ ଭାରତୀୟ ଜ୍ଞାନ ଓ ଭାଷାକୁ ଗୁରୁତ୍ୱ ଦିଆଯାଇଛି । ରାଷ୍ଟ୍ରୀୟ ଶିକ୍ଷା ନୀତିର ପରିକଳ୍ପନାରେ ଆମକୁ ସଂସ୍କୃତ ସମେତ ସମସ୍ତ ଭାରତୀୟ ଭାଷାକୁ ପ୍ରାଧାନ୍ୟ ଦେବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ଆଗକୁ ଇ-ମୋଡରେ ହେବ ଜନଗଣନା: ଅମିତ ଶାହା




ନୂଆଦିଲ୍ଲୀ: ଜନଗଣନାକୁ ଆହୁରି ସହଜ ଓ ସ୍ୱଚ୍ଛ କରିବା ପାଇଁ ଗୃହ ମନ୍ତ୍ରାଳୟ ଆଧୁନିକ ଜ୍ଞାନକୌଶଳ ଆପଣାଇବାକୁ ନିଷ୍ପତ୍ତି ନେଇଛି। ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ପରବର୍ତ୍ତୀ ଜନଗଣନା ଇ-ଜନଗଣନା ହେବ, ଯାହା ଅଧୀନରେ ସମ୍ପୂର୍ଣ୍ଣ ଜନଗଣନା କରାଯାଇପାରିବ ଏବଂ ତାହା ୧୦୦% ସଠିକ୍ ହେବ। ଜନଗଣନା ଅପରେସନ୍ସର ଆସାମ ନିର୍ଦ୍ଦେଶାଳୟର କାର୍ଯ୍ୟାଳୟ ଭବନକୁ ଉଦଘାଟନ କରିବା ପାଇଁ ଗୌହାଟିର ଆମିଗାଓଁରେ ପହଞ୍ଚିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଦେଶର ବିକାଶରେ ଉନ୍ନତ ଯୋଜନା ପାଇଁ ଉପଯୁକ୍ତ ଜନଗଣନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ପରବର୍ତ୍ତୀ ଜନଗଣନା ଇ-ମୋଡରେ ହେବ ଏବଂ ଏହା ଶତପ୍ରତିଶତ ସ୍ୱଚ୍ଛ ହେବ। ଏହାକୁ ଆଧାର କରି ଆସନ୍ତା ୨୫ ବର୍ଷ ପାଇଁ ଦେଶର ବିକାଶ ଯୋଜନା ପ୍ରସ୍ତୁତ ହେବ। ଗୃହମନ୍ତ୍ରୀ ଆହୁରି କହିଛନ୍ତି ଯେ ଜନ୍ମ ପରେ ସବିଶେଷ ତଥ୍ୟ ଜନଗଣନା ରେଜିଷ୍ଟରରେ ଯୋଡାଯିବ । ଏହା ସହ ୧୮ ବର୍ଷ ବୟସ ପରେ ଏହି ନାଁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବ ଏବଂ ମୃତ୍ୟୁ ପରେ ନାଁ ଆପେ ଆପେ କଟିଯିବ। ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ, ଇ-ମୋଡରେ ଜନଗଣନା କରାଗଲେ ନାଁ/ ଠିକଣା ବଦଳାଇବା ସହଜ ହେବ।

## ୨୦୨୪ ପାଇଁ ମହାମେଣ୍ଟ ନୁହେଁ, ୧୩୦ କୋଟି ଭାରତୀୟଙ୍କ ସହ ସମ୍ପର୍କ ରଖିବୁ: କେଜ୍ରିୱାଲ୍



ନାଗପୁର: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ୨୦୨୪ ପାଇଁ କୌଣସି ମହାମେଣ୍ଟ ସହ ଜଡିତ ହେବା ସମ୍ଭାବନାକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ତାଙ୍କର ମେଣ୍ଟ ବା ସମ୍ପର୍କ କେବଳ ୧୩୦ କୋଟି ଭାରତୀୟଙ୍କ ସହ। ନାଗପୁରଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ବହୁଦଳୀୟ ମେଣ୍ଟ କ'ଣ ସେ ଆଜିଯାଏ ବୁଝିପାରିଲେନି ଏବଂ କାହା ସହ ମେଣ୍ଟ କରିବାକୁ ସେ ଆଗ୍ରହୀ ନୁହନ୍ତି। ଜଣକୁ ହରେଇବା ପାଇଁ ୧୦ଟା ବା ଅଧିକ ଦଳ ସହ ମେଣ୍ଟ କରି କେମିତି ରାଜନୀତି କରାଯାଏ ତାଙ୍କୁ ତାହା ଜଣାନାହିଁ। ସେ କାହାକୁ ହରେଇବାକୁ ଚାହାନ୍ତି ନାହିଁ। ସେ ଚାହାନ୍ତି ଦେଶର ଓ ଦେଶବାସୀଙ୍କର ବିଜୟ ହେଉ। ତାଙ୍କର ଫ୍ରିବି (ମାଗଣା ବଣ୍ଟନ) ରାଜନୀତିକୁ ନେଇ ଅନେକ ସମାଲୋଚନା ହେଉଥିବାରୁ ତାହାର ଉତ୍ତର ଦେଇ କେଜ୍ରିୱାଲ କହିଛନ୍ତି, ଅର୍ଥନୀତିଜ୍ଞମାନେ ଲେଖୁଛନ୍ତି ଯେ ଫ୍ରିବି ସଂସ୍କୃତି ଦେଶକୁ ଧ୍ୱଂସ କରିଦେବ। କିନ୍ତୁ ସେମାନେ କେବେ ବି ଏକଥା ଲେଖିନାହାନ୍ତି ଯେ ଦୁର୍ନୀତିର ସଂସ୍କୃତି ଦେଶକୁ ଧ୍ୱଂସ କରିଦେବ। ମୁଁ ମାଗଣା ଦେଇପାରୁଛି କାରଣ ମୁଁ ଦୁର୍ନୀତିର ଅନ୍ତ କରିଦେଇଛି। ଏହା ମାଧ୍ୟମରେ ଯେଉଁ ଟଙ୍କା ସଂଚୟ ହେଉଛି ତାହାକୁ ମୁଁ ଫ୍ରିବି ଆକାରରେ ଲୋକଙ୍କୁ ଫେରାଇ ଦେଉଛି।

## ତାଜମହଲରେ ବନ୍ଦ ୨୦ କୋଠରୀ ଖୋଲିବାକୁ ହାଇକୋର୍ଟରେ ପିଟିସନ୍



ନୂଆଦିଲ୍ଲୀ: ତାଜମହଲ ଭିତରେ ବନ୍ଦଥିବା କୋଡିଏଟି କୋଠରୀ ଖୋଲିବାକୁ ପ୍ରତ୍ନତାତ୍ତ୍ୱିକ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍ଆଇ)କୁ ନିର୍ଦ୍ଦେଶ ଦେବା ପାଇଁ ଆହ୍ଲାବାଦ ହାଇକୋର୍ଟରେ ଆବେଦନ କରାଯାଇଛି। ଏଥିସହିତ ଉକ୍ତ କୋଠରୀଗୁଡିକୁ ଯାଞ୍ଚ କରି ହିନ୍ଦୁ ଦେବଦେବୀ କିମ୍ବା ହିନ୍ଦୁ ଧର୍ମଗ୍ରନ୍ଥ ରହିଛି କି ନାହିଁ ତାହାର ଯାଞ୍ଚ କରିବା ଲାଗି ଏକ କମିଟି ଗଠନ ପାଇଁ ଉତ୍ତର ପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେବାଲାଗି ଆବେଦନ କରାଯାଇଛି। ଉତ୍ତରପ୍ରଦେଶର ଅଯୋଧ୍ୟା ଜିଲ୍ଲା ମିଡିଆ ଦାୟିତ୍ୱରେ ଥିବା ବିଜେପି ନେତା ରଜନୀଶ ସିଂଙ୍କ ଦ୍ୱାରା ଏହି ପିଟିସନ ଦାଖଲ ହୋଇଛି

# ବିଶ୍ୱନେତାଙ୍କୁ ଦ୍ୱନ୍ଦ୍ୱରେ ରଖିଲେ ପୁଟିନ



ମସ୍କୋ : ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସୋମବାର ଦିନ ବିନା କୌଣସି ବିଜୟରେ ବିଜୟ ଦିବସ ପାଳନ କରିଛନ୍ତି। ବିଜୟ ଦିବସ ପାଇଁ ଯୋଜନା ହୋଇଥିବା ବିମାନ ଉଡାଣ ପ୍ରଦର୍ଶନୀ ମଧ୍ୟ ବାତିଲ ହୋଇଯାଇଛି। ଏଭଳି ଏକ ନିଷ୍ପତ୍ତି ପାଇଁ ବିଦେଶର ସାମରିକ ବିଶେଷଜ୍ଞଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୮ ମିଗ୍-୨୯ ଯୁଦ୍ଧବିମାନ ସମେତ ମୋଟ୍ ୭୭ଟି ବିମାନ ଉଡାଣ ପ୍ରଦର୍ଶନୀରେ ସାମିଲ ହୋଇଥାନ୍ତା। କିନ୍ତୁ ଖରାପ୍ ପାଗ ଯୋଗୁଁ ?ଶେଷ ମୁହୂର୍ତ୍ତରେ ଏହି କାର୍ଯ୍ୟକ୍ରମ ବାତିଲ କରାଯାଇଥିବା କ୍ରେମଲିନ୍ ମୁଖପାତ୍ର କହିଛନ୍ତି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ତାଙ୍କ ଭାଷଣରେ ୟୁକ୍ରେନ୍ ଯୁଦ୍ଧ ନେଇ ଅତି ସଂକ୍ଷିପ୍ତ ସୂଚନା ଦେଇଛନ୍ତି। ପୁଟିନ ବିଧିବଦ୍ଧ ଭାବେ ଯୁଦ୍ଧ ଘୋଷଣା କରିବେ ବୋଲି ଆକଳନ କରାଯାଉଥିଲା। କିନ୍ତୁ ପୁଟିନ ସେଭଳି କୌଣସି ଘୋଷଣା ନକରିବାରୁ ବିଶ୍ୱ ନେତାମାନଙ୍କର ଦ୍ୱନ୍ଦ୍ୱ ବଢ଼ିଛି। କୁହାଯାଉଛି ଯେ ପୁଟିନ ଚଳିତ ସପ୍ତାହରେ ଯୁଦ୍ଧକୁ ଆହୁରି ଜୋରଦାର କରିପାରନ୍ତି। ଅନ୍ୟପକ୍ଷେ ବ୍ରିଟେନ୍‌ର ପ୍ରତିରକ୍ଷା ସଚିବ ବେନ୍ ୱାଲେସ କହିଛନ୍ତି, ପୁଟିନ ତାଙ୍କ ବିଜୟ ଦିବସ ଭାଷଣରେ ହତାଶାଭାବର ପରିପ୍ରକାଶ କରିଛନ୍ତି। ବିଜୟ ଦିବସରେ ମାରିୟୁପୋଲ୍‌ରେ ପରେଡ୍ ହେବାର ଯୋଜନା ହୋଇଥିଲା। କିନ୍ତୁ ଏହା ହୋଇନାହିଁ। ଅନ୍ୟପକ୍ଷେ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନ୍‌ସ୍କି କହିଛନ୍ତି, ଖୁବ୍‌ଶୀଘ୍ର ୟୁକ୍ରେନ୍‌ରେ ୨ଟି ବିଜୟ ହେବ।

କିବ: ୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ରୁଷ ସେନା ନାଜି ଜର୍ମାନୀକୁ ନିଜ ନିୟନ୍ତ୍ରଣକୁ ନେଇଥିଲା। ସେବେଠାରୁ ରୁଷ୍ ମେ ୯ ତାରିଖକୁ ବିଜୟ ଦିବସ ଭାବେ ପାଳନ କରିଆସୁଛି। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ଦିବସରେ ପୁଟିନଙ୍କ ଘୋଷଣାକୁ ନେଇ ଉତ୍ସୁକତା ଲାଗି ରହିଥିଲା। ମସ୍କୋର ରେଡ୍ ସ୍କୋୟାରଠାରେ ଆୟୋଜିତ ବିଜୟ ଦିବସ ପରେଡ୍‌ରେ ଉପସ୍ଥିତ ହଜାର ହଜାର ସୈନିକମାନଙ୍କୁ ଉଦ୍‌?ବୋଧନ ଦେଇ ପୁଟିନ କହିଛନ୍ତି, ୟୁକ୍ରେନ ବିରୋଧରେ ଚାଲିଥିବା ଲଢ଼େଇ ବିପଦରେ ପଡିଥିବା ମାତୃଭୂମିର ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ଏକ ଆଦୌ ଗ୍ରହଣଯୋଗ୍ୟ ନଥିବା ବିପଦକୁ ରୁଷ୍ ସାମ୍ନା କରୁଛି। ଏଥିସହିତ ବିଶ୍ୱଯୁଦ୍ଧ ଭଳି ବିପଦ ସଂପର୍କରେ ପୁଟିନ ସଚେତନ କରାଇ ଦେଇଛନ୍ତି। ରେଡ୍ ସ୍କୋୟାରରେ କିନ୍ତୁ କୌଣସି ବଡ ଘୋଷଣା କରିନାହାନ୍ତି। ୟୁକ୍ରେନ-ରୁଷ୍ ଯୁଦ୍ଧ ଗତ ୩ ମାସ ହେଲା ଲାଗି ରହିଛି। ବର୍ତ୍ତମାନ ରୁଷ୍ ୟୁକ୍ରେନର ପୂର୍ବାଞ୍ଚଳ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ୟୁକ୍ରେନ ବିଜୟରେ ସାମିଲ ହେବାକୁ ରୁଷ୍ ଅନ୍ୟ କାହାରିକୁ ସୁଯୋଗ ଦେବନାହିଁ। ସେହିଭଳି ଅନ୍ୟ କେହି ୟୁକ୍ରେନକୁ ହାସଲ କରନ୍ତୁ ତାହାକୁ ମଧ୍ୟ ଅନୁମତି ଦେବନାହିଁ ବୋଲି ପୁଟିନ ଏକ ଭିଡିଓ ବାର୍ତ୍ତାରେ ସ୍ପଷ୍ଟ କରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ୟୁକ୍ରେନୀୟମାନେ ଯେଉଁସବୁ ସହରରୁ ନାଜି ଜର୍ମାନୀକୁ ବିଦା କରିଥିଲେ ରୁଷ ବର୍ତ୍ତମାନ ସେସବୁ ସହରକୁ ନିଜ ଅଧୀନକୁ ନେଇଛି। ପୁଟିନ ସେସବୁ ସହର ମଧ୍ୟରୁ କିଛି ସହରର ନାମ ଘୋଷଣା କରିଛନ୍ତି। ପୂର୍ବ ଆମେ ବିଜୟ ହାସଲ କରିଥିଲୁ ଏବଂ ଏବେ ବି ବିଜୟୀ ହେବୁ ବୋଲି ପୁଟିନ କହିଛନ୍ତି। ଉକ୍ତ ସହର ମଧ୍ୟରେ ମାରିୟୁପୋଲ ରହିଛି। ମାରିୟୁପୋଲକୁ ସଂପୂର୍ଣ୍ଣ ନିୟନ୍ତ୍ରଣକୁ ନେବାପରେ ରୁଷ୍ ତାହାକୁ କ୍ରିମିଆ ସହିତ ସ୍ଥଳଭାଗରେ ଯୋଡିବା ଯୋଜନା ରଖିଛି। ୟୁକ୍ରେନରେ ଲଢ଼େଇ କରୁଥିବା ରୁଷ୍ ସେ ?ନ୍ୟଙ୍କ ପାଇଁ ସେ କହିଛନ୍ତି, ଆପଣମାନେ ମାତୃଭୂମି ଓ ଏହାର ଭବିଷ୍ୟତ ପାଇଁ ଲଢ଼େଇ କରୁଛନ୍ତି। ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଶିକ୍ଷାକୁ କେହି ଭୂଲିଯିବା ଉଚିତ ନୁହେଁ ବୋଲି ପୁଟିନ ସେମାନଙ୍କୁ କହିଛନ୍ତି। କ୍ରିମିଆ ସହିତ ଡୋନବାସ ଅଞ୍ଚଳରେ ଅନୁପ୍ରବେଶ ପାଇଁ ୟୁକ୍ରେନ ଏବଂ ପଶ୍ଚିମ ଦେଶଗୁଡିକ ଉଦ୍ୟମ କରିଥିଲେ । ଆମ ପାଇଁ ଆଦୌ ଗ୍ରହଣଯୋଗ୍ୟ ନଥିବା ବିପଦ ସୃଷ୍ଟି କରାଯାଇଥିଲା, ତାହା ପୁଣି ସିଧାସଳଖ ଆମ ସୀମାରେ ବୋଲି ପୁଟିନ କହିଛନ୍ତି। ବିଜୟ ଦିବସ ପରିପ୍ରେକ୍ଷୀରେ ରେଡ୍ ସ୍କୋୟାରରେ ଲଢୁଆ ବିମାନ ଉଡାଣ ନେଇ ପୂର୍ବରୁ ଯୋଜନା କରାଯାଇଥିଲା। ତାହାକୁ ବାତିଲ କରାଯାଇଥିଲେ ବି ପାଖାପାଖି ୧୧ ହଜାର ସୈନ୍ୟ, ୧୫୦ ସାମରିକ ଯାନ ଏବଂ ଶକ୍ତିଶାଳୀ କ୍ଷେପଣାସ୍ତ୍ର ମୁତୟନ କରାଯାଇଥିଲା।

# ସାମ୍ବାଦିକମାନଙ୍କ ସମାଜପ୍ରତି ଗୁରୁଦାୟିତ୍ୱ ରହିଛି : ମୁଖ୍ୟସଚିବ



ଭୁବନେଶ୍ୱର : ସାମ୍ବାଦିକତାର ସମାଜ ପ୍ରତି ଗୁରୁଦାୟିତ୍ୱ ରହିଛି । ଗଣମାଧ୍ୟମ ଗଣସଚେତନତାର ବାହକ । ସାମ୍ବାଦିକମାନେ ସାମାଜିକ ପ୍ରତିବଦ୍ଧତା ସହ ନିରପେକ୍ଷ ସାମ୍ବାଦ ପରିବେଷଣ କଲେ ସମାଜର ମଙ୍ଗଳ ସାଧନ ହେବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି । ସ୍ଥାନୀୟ ଜୟଦେବ ଭବନଠାରେ ଉତ୍କଳ ସାମ୍ବାଦିକ ସଂଘ ଓ ଭୁବନେଶ୍ୱର ସାମ୍ବାଦିକ ସଂଘ ପକ୍ଷରୁ ମିଳିତ ଭାବେ ଆୟୋଜିତ ରାଜ୍ୟସ୍ତରୀୟ ସାମ୍ବାଦିକ ସମ୍ମେଳନକୁ ଉଦ୍‌ଘାଟନ କରି ଶ୍ରୀ ମହାପାତ୍ର ଏହା କହିଥିଲେ ।

ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଥିଲେ ଯେ, କ୍ଷେତ୍ରସ୍ତରରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ଓ ଅଧିକ ଟଙ୍କାର ସ୍ୱାସ୍ଥ୍ୟବୀମା ଆଦି ସାମ୍ବାଦିକମାନଙ୍କ ଆବଶ୍ୟକତା ବିଷୟରେ ସରକାର ସଚେତନ ଅଛନ୍ତି । କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ଓ ଏସ୍‌.ପି.ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସାମ୍ବାଦିକମାନଙ୍କର ଅନ୍ୟାନ୍ୟ ଆବଶ୍ୟକତା ଓ ଦାବି ବିଷୟରେ ସରକାର ସହୃଦୟତାର ବିଚାର କରୁଛନ୍ତି ବୋଲି ମଧ ମୁଖ୍ୟ ଶାସନ ସଚିବ କହିଥିଲେ ।

ଏହି ଅବସରରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଉପଲକ୍ଷେ ଜୟଦେବ ଭବନ ପରିସରରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ଶ୍ରୀ ମହାପାତ୍ର ବୁଲି ଦେଖିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରୁ ସାମ୍ବାଦିକତା କ୍ଷେତ୍ରରେ ଉ ମ କାର୍ଯ୍ୟ କରିଥିବା ୭ଜଣ ଯୁବ ସାମ୍ବାଦିକଙ୍କୁ ମଧ ମୁଖ୍ୟ ଶାସନ ସଚିବ ମାନପତ୍ର ଓ ଉପଢୌକନ ଦେଇ ଉତ୍ସାହିତ କରିବା ସହ ଉତ୍କଳ ସାମ୍ବାଦିକ ସଂଘର ମୁଖପାତ୍ର 'ଓଡ଼ିଶା କର୍ମଜୀବୀ' ଉନ୍ମୋଚନ କରିଥିଲେ । ସମ୍ବର୍ଦ୍ଧିତ ହୋଇଥିବା ସାମ୍ବାଦିକମାନେ ହେଲେ ସର୍ବଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ, ରାଜେନ ଚୌଧୁରୀ, ଭରତ ବେହେରା, ମନୋଜ ପ୍ରଧାନ, ରାମଚନ୍ଦ୍ର ପାଲ ଓ ପ୍ରତାପ ପ୍ରଧାନ ।

ମଧ୍ୟାହ୍ନ ଅଧିବେଶନରେ ଆୟୋଜିତ ଏକ ସମ୍ମିଳନୀରେ ନଗର ଉନ୍ନୟନ, ଆଇନ୍ ଓ ପ ।ୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟକ ଭାବେ ଯୋଗ ଦେଇ ସାମ୍ବାଦିକମାନଙ୍କ କ୍ଷେତ୍ରରେ ଲାଗୁ କରାଯାଇଥିବା ଗୃହ ଓ ଯାନବାହନ ଋଣର ସୁଧ ରିହାତି ସୁବିଧା ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯିବ ବୋଲି କହିଥିଲେ । ଏହାଛଡ଼ା ସାମ୍ବାଦିକାମନଙ୍କର ନ୍ୟାର୍ଯ୍ୟଦାବି ପୂରଣ ଦିଗରେ ସହାୟତାର ହାତ ବଢାଇ ମନ୍ତ୍ରୀ ଶ୍ରୀ ଜେନା ଏ ସମ୍ପର୍କିତ ଆଲୋଚନାରେ ସେ ପ୍ରତ୍ୟକ୍ଷଭାବେ ଉତ୍କଳ ସାମ୍ବାଦିକ ସଂଘର କର୍ମକ ୍ତାଙ୍କୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସାମ୍ବାଦିକମାନେ ନିଜର ଦାୟିତ୍ୱ ଓ କ ୍ତବ୍ୟ ପ୍ରତି ଅଧିକ ସଚେତନ ହେବା ଜରୁରୀ । ସାମ୍ବାଦିକତା କ୍ଷେତ୍ରକୁ ଅଧିକ ଉ ରଦାୟୀ କରିବା ପାଇଁ କ୍ରମାଗତ ଭାବେ କର୍ମଶାଳାର ଆୟୋଜନ କରାଯିବାକୁ ସେ ପରାମର୍ଶ ଦେଇଥିଲେ । ଭୁବନେଶ୍ୱରର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।

ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ସ୍ୱାସ୍ଥ୍ୟବୀମା ରାଶି ୨ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଅବସରକାଳୀନ ପେନସନ ପ୍ରଦାନ ତଥା ସାମ୍ବାଦିକ ସୁରକ୍ଷା ଆଇନ୍ ତୁରନ୍ତ ଲାଗୁ କରିବା ଦିଗରେ ଏବଂ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଅତିଥି ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଉତ୍କଳ ସାମ୍ବାଦିକ ସଂଘର ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସାମ୍ବାଦିକ ଲିଙ୍ଗରାଜ ସାହୁଙ୍କୁ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ମୁଖପାତ୍ର ଭାବେ ମନୋନୀତ କରାଯାଇଛି । ଶେଷରେ ଭୁବନେଶ୍ୱର ସାମ୍ବାଦିକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଲକ୍ଷ୍ମୀକାନ୍ତ ଦାସ, ଜିତେନ୍ଦ୍ର ମହାନ୍ତି, ଟୁଲୁ ପାତ୍ର, ଜିତେନ୍ଦ୍ର ସାହୁ, ମନୋଜ ପ୍ରଧାନ, ବିମଳ ପ୍ରଧାନ, ଗଗନ ସ୍ୱାଇଁ ଓ ଲିଙ୍ଗରାଜ ସାହୁ ପ୍ରମୁଖ ସମ୍ମିଳନୀର ପରିଚାଳନାରେ ସହଯୋଗ କରିଥିଲେ । ରାଜ୍ୟର ୩୦ଟି ଜିଲ୍ଲାର ସଭାପତି, ସମ୍ପାଦକ ଓ କାର୍ଯ୍ୟକ ୍ତାମାନଙ୍କୁ ସମ୍ମିଳନୀରେ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ସତ୍ୟନାରାୟଣ ମିଶ୍ର, ଶ୍ରୀକାନ୍ତ କୁମାର ଖଟେଇ, ପ୍ରଦୀପ କୁମାର ତ୍ରିପାଠୀ, ଦୁର୍ଯ୍ୟୋଧନ ପାତ୍ର, ସୁରେଶ କୁମାର ଦାସ, ଆନନ୍ଦ ଚନ୍ଦ୍ର ସାହୁ, ରାଧାକାନ୍ତ ମିଶ୍ର, ସତ୍ୟବ୍ରତ ଦାସ, ସନ୍ତୋଷ କୁମାର ଦାସ, ପ୍ରଭାତ କୁମାର ମିଶ୍ର, ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ରବିନାରାୟଣ ଖିଲାର, ଅନିଲ କୁମାର ପଟ୍ଟନାୟକ, ହିମାଂଶୁ ଶେଖର ନାୟକ, ଗୋରେଖନାଥ ସାହୁ, ବ୍ରହ୍ମାନନ୍ଦ ସାହୁ, ରତ୍ନାକର ବେହେରା, ହରିହର ସ୍ୱାଇଁ, ଜଗଦୀଶ ପୁରୋହିତ, ସୁଜିତ କୁମାର ପ୍ରଧାନ, ସରୋଜ କୁମାର ବେହେରା, ସୁଜିତ କୁମାର ବିଶୋୟୀ, ପ୍ରତାପ ଚନ୍ଦ୍ର ପ୍ରଧାନ, ରଜନୀକାନ୍ତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ନାୟକ, ରାଜେନ ଚୌଧୁରୀ, ଭରତ ବେହେରା, ମନୋଜ କୁମାର ପ୍ରଧାନ, ଜିତେନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ସାହୁ, ହୃଷିକେଶ ମିଶ୍ର, କୃଷ୍ଣ କୁମାର ମିଶ୍ର, ଜିତେନ୍ଦ୍ର କୁମାର ମହାନ୍ତି ପ୍ରମୁଖ । ଏହାଛଡ଼ା ରାଜ୍ୟର ବିଭିନ୍ନସ୍ତରରେ ଉଲ୍ଲେଖନୀୟ ସେବା ପାଇଁ ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ କୁନାଲ ପଟ୍ଟନାୟକ, ଅଚିହ୍ନା ଶବର ବନ୍ଧୁ ବିଜୟ ଜେନା, ସମାଜସେବୀ ଗୟାଧର ପରିଡ଼ା, କର୍ପୋରେଟର ଅମରେଶ ଜେନା, ଶିକ୍ଷାବିତ୍ କୁଳଦୀପ ରଥ, ଶ୍ୱେତ କୁମାର ଦାସ, ରାମ କୁମାର ପାଲ, ଭବାନୀ ଶଙ୍କର ନାୟକ, ପୁରଞ୍ଜନ ପାଢୀ, ରାଜକିଶୋର ଦାସ, ଚିନ୍ମୟ କୁମାର ଦାସ, ଅଶୋକ ବଡ଼ପଣ୍ଡା, ରବିନାରାୟଣ ସାମନ୍ତରାୟ, ପବିତ୍ର ମହାରଥା, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ଭାଗବତ ତ୍ରିପାଠୀ ପ୍ରମୁଖ ୧୫ଜଣଙ୍କୁ ସମ୍ମାନିତ କରାଯାଇଥିଲା ।

## ନସେବା ପାଇଁ ୧୧ କିଲୋମିଟର ଯାଉଛନ୍ତି ହାତୀମୁଣ୍ଡା ଗ୍ରାମବାସୀ

ଦାରିଙ୍ଗବାଡି : ଦାରିଙ୍ଗବାଡ଼ି ବ୍ଲକ୍ ହାତୀମୁଣ୍ଡା ପଞ୍ଚାୟତରେ ନେଟୱାର୍କ ସୁବିଧା ନାହିଁ। ଏହି ପଞ୍ଚାୟତ ଓ ଆଖପାଖରେ ୩ ହଜାରରୁ ଅଧିକ ଲୋକ ବସବାସ କରୁଥିବା ବେଳେ ନେଟୱାର୍କ ସୁବିଧା ନଥିବାରୁ ମୋବାଇଲ ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଫୋନ କରିବାକୁ ହେଲେ ୧୧ କିଲୋମିଟର ଦୂର ପଡ଼ ?ଶୀ ପଞ୍ଚାୟତ ଗୋଦାପୁର ଯିବାକୁ ପଡୁଛି। ହଠାତ୍ କାହାରି ସ୍ୱାସ୍ଥ୍ୟବସ୍ଥା ଖରାପ ହେଉ ଅବା ଜରୁରୀ କାମ କିମ୍ବା ଗାଁରେ କିଛି ଅଘଟଣ ହେଲେ ୧୧ କିଲୋମିଟର ଯାଇ ଫୋନ କରିବାକୁ ପଡୁଛି। ନେଟ୍‌ୱର୍କ ନଥିବା ଯୋଗୁଁ ପିଲା ଅନ୍‌ଲାଇନ କ୍ଲାସ ସହ ବିଭିନ୍ନ ଆବଶ୍ୟକ ଅନ୍‌ଲାଇନ କାର୍ଯ୍ୟ କରିପାରୁ ନାହାନ୍ତି। ଅନ୍‌ଲାଇନ ଯୋଗେ କାମ କରିବାକୁ ହେଲେ ଗୋଦାପୁର କିମ୍ବା ବ୍ରାହ୍ମଣୀଗାଁ ଯିବାକୁ ପଡୁଛି। ଅନ୍ୟ ପକ୍ଷରେ ଗାଁରେ ନେଟୱାର୍କ ସେବା ନିମନ୍ତେ ବର୍ଷେ ହେଲା ଏକ ବଡ଼ ଗାତ ଖୋଳା ଯାଇଥିବା ବେଳେ ଉକ୍ତ ଗାତରେ ଛେଳି, ଗାଈ, କୁକୁର ଓ ଘୁଷୁରି ପଡି ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ନେଟ୍‌ୱର୍କ ସେବା ପାଇଁ ବହୁତ ଥର ଆନ୍‌ଦୋଳନ କରିବା ସହ ବିଭିନ୍ନ ମହଲରେ ଅଭିଯୋଗ କରିଥିଲେ ସୁଦ୍ଧା ଫଳ ଶୂନ୍। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଗାଁରେ ଯଥାଶୀଘ୍ର ନେଟ୍‌ୱର୍କ ସ୍ଥାପନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଇଏସ୍‌ଆଇ ହସପିଟାଲରେ ୫୫ ନୂଆ ଡାକ୍ତର ଓ ପାରାମେଡିକ୍ସ ନିଯୁକ୍ତ



ଭୁବନେଶ୍ୱର: ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ହୋଇ ରହିଛି । ରାଜ୍ୟବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ତାଙ୍କ ସରକାର ଲଗାତର ଉଦ୍ୟମ କରିଆସିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ରାଜ୍ୟର ଇଏସଆଇ ହସପିଟାଲ ଓ ଡିସପେନସାରୀରେ ନବନିଯୁକ୍ତ ଡାକ୍ତର ଓ ପାରାମେଡିକମାନଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମକୁ ଉଦଘାଟନ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ।ରାଜ୍ୟର ଇଏସଆଇ ହସପିଟାଲଗୁଡିକରେ ୫୫ ନୂଆ ଡାକ୍ତର ଓ ପାରାମେଡିକ୍ସ ଆଜି ଯୋଗ ଦେଇଛନ୍ତି । ନୂଆ ଡାକ୍ତର ଓ ପାରାମେଡିକ୍ସଙ୍କ ନିଯୁକ୍ତି ରାଜ୍ୟର ହେଲଥକେୟାର ଡେଲିଭରି ସିଷ୍ଟମକୁ ଆହୁରି ଦୃଢୀଭୂତ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ବିଶେଷକରି ରାଜ୍ୟର ୮ ଲକ୍ଷ ବୀମାଭୁକ୍ତ ଲୋକ ଏହା ଦ୍ୱାରା ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେବିକେ ଓ ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ୫-ଟି ଓ ମୋ ସରକାର ଭଳି ପଦକ୍ଷେପ ଲୋକଙ୍କୁ କ୍ଷମତାସଂପନ୍ନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସର୍ବସାଧାରଣ ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡିକରେ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବାରେ ୯୨ ପ୍ରତିଶତ ରୋଗୀ ସନ୍ତୁଷ୍ଟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ମଦ୍ୟପାନରେ ଜାତୀୟ ହାରକୁ ପଛରେ ପକାଇଲା ଓଡିଶା: ଜାତୀୟସ୍ତରରେ ୧୮%, ଓଡିଶାରେ ୨୯%

ଭୁବନେଶ୍ୱର: ଓଡିଶାର ଲୋକମାନେ ଅଧିକ ମାତ୍ରାରେ ମଦ ପିଉଛନ୍ତି। ଏପରିକି ମଦ୍ୟପାନରେ ବଡ ରାଜ୍ୟମାନଙ୍କୁ ଓଡିଶା ପଛରେ ପକାଇ ଦେଇଛି। ଜାତୀୟ ସ୍ତରରେ ୧୮ ପ୍ରତିଶତ ପୁରୁଷ(୧୫ବର୍ଷରୁ ଅଧିକ) ମଦ୍ୟପାନ କରୁଥିବା ବେଳେ ଓଡିଶାରେ ୨୮.୮ ପ୍ରତିଶତ ପୁରୁଷ ମଦ ପିଉଛନ୍ତି। କେବଳ ପୁରୁଷ ନୁହନ୍ତି, ଓଡିଶାର ମହିଳାମାନେ ମଧ ଏଥିରେ ପଛରେ ନାହାନ୍ତି। କେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(ଏନ୍‌ଏଫ୍‌ଏଚ୍‌ଏସ୍)-୫ ଦ୍ୱିତୀୟ ପର୍ଯ୍ୟାୟରେ ଏଭଳି ଚକିତ କଲାଭଳି ତଥ୍ୟ ସାମ୍ନାକୁ ଆସିଛି। ଏନ୍‌ଏଫ୍‌ଏଚ୍‌ଏସ୍-୫ ପାଇଁ ୬,୩୬,୬୯୯ ପରିବାରକୁ ସାମିଲ କରାଯାଇଥିବା ବେଳେ ଓଡିଶାରେ ୨୬,୪୭୬ ପରିବାର ଏଥିରେ ସାମିଲ ହୋଇଥିଲେ। ମଦ୍ୟପାନ କ୍ଷେତ୍ରରେ ୧୫ବର୍ଷରୁ ଅଧିକ ବୟସ୍କର ଲୋକଙ୍କଠାରୁ ଘର ଘର ବୁଲି ତଥ୍ୟ ସଂଗ୍ରହ କରାଯାଇଥିଲା। ଅରୁଣାଚଳ ପ୍ରଦେଶ ୫୨.୭, ଝାଡ଼ଖଣ୍ଡରେ ୩୫, ଛତିଶଗଡ ୩୪.୮, ତାମିଲନାଡୁ ୨୫.୪, ଉତ୍ତରଖଣ୍ଡ ୨୫.୫, ପଞ୍ଜାବ ୨୨.୮, ମଧ୍ୟପ୍ରଦେଶ ୧୭.୧, ଉତ୍ତର ପ୍ରଦେଶ ୧୪.୬ ଓ ହରିଆଣା ୧୬.୧ ପ୍ରତିଶତ ଲୋକ ମଦ୍ୟପାନ କରୁଛନ୍ତି। ସେହିପରି ଜାତୀୟସ୍ତରରେ ୧.୬ ପ୍ରତିଶତ ମହିଳା ମଦ୍ୟପାନ କରୁଥିବା ବେଳେ ଓଡିଶାରେ ଏହା ୪.୩ ପ୍ରତିଶତ ରହିଛି। ଓଡିଶାରେ ଉଭୟ ପୁରୁଷ ଓ ମହିଳା ମଦ୍ୟପାନରେ ଜାତୀୟ ହାରକୁ ପଛରେ ପକାଇ ଦେଇଥିବା ସର୍ଭେରୁ ଜଣାପଡିଛି। ରାଜ୍ୟରେ ସହରାଞ୍ଚଳରେ ୨୨.୭ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୩୦.୨ ପ୍ରତିଶତ ପୁରୁଷ ମଦ୍ୟପାନ କରୁଛନ୍ତି। ତେବେ ଏନ୍‌ଏଫ୍‌ଏଚ୍‌ଏସ୍-୪ରେ ଏ ସଂପର୍କିତ କୌଣସି ତଥ୍ୟ ଉପଲବ୍ଧ ନ ଥିବାରୁ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ଓଡିଶାରେ ଏହି ସ୍ଥିତିରେ କେଉଁ ପ୍ରକାର ପରିବର୍ତନ ହୋଇଛି ତାହା ସ୍ପଷ୍ଟ ହୋଇପାରି ନାହିଁ। ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ କହିଛନ୍ତି ଯେ ରାଜ୍ୟରେ ମଦ୍ୟପାନ ପାଇଁ ସରକାରୀ ପ୍ରୋତ୍ସାହନ ରହିଛି। ଲୋକମାନେ ଟଙ୍କା ଓ ମଦ ନେଇ ଭୋଟ ଦେଉଛନ୍ତି। ସମାଜର ତୃଣମୂଳସ୍ତରରେ ମଦର ବ୍ୟାପକ ପ୍ରସାର ହୋଇଛି। ତେଣୁ ନିଶାରୁ ଲୋକଙ୍କୁ ହଟାଇବା ଏତେ ସହଜ ନୁହେଁ। ଏଥିପାଇଁ ସରକାରୀ ସ୍ତରରେ ଉଦ୍ୟମ ସହିତ ସାଧାରଣ ଲୋକମାନେ ମଧ ଏହାର ବିରୋଧ ପାଇଁ ଆଗେଇ ଆସିବା ଦରକାର। ତାହାଲେ ଯାଇ ରାଜ୍ୟରୁ ନିଶାର ପ୍ରଚାର ପ୍ରସାରକୁ ରୋକାଯାଇ ପାରିବ ବୋଲି ଶ୍ରୀ ନାୟକ କହିଛନ୍ତି।

## କୁପୋଷଣର ସାଂଘାତିକ ଚିତ୍ର: ଡାକ୍ତରଖାନା ବାରଣ୍ଡା ମାଡ଼ିନାହାନ୍ତି ମା', ଶିଶୁ



କାଳିଆପାଣି : ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲ୍ଲାରେ ନଗଡା ଅପପୁଷ୍ଟି ଘଟଣା ମନରୁ ନଯାଉଣୁ ପାଖାପାଖି ଅଞ୍ଚଳରେ ଆଉ କିଛି ଶିଶୁମାନଙ୍କ କ୍ଷେତ୍ରରେ ପୁଣି ସମାନ ଅବସ୍ଥା ପରିଲକ୍ଷିତ ହୋଇଛି। ଖାଦ୍ୟାଭାବରୁ ମାଲମାଲ ଶିଶୁ କୁପୋଷଣର ଶିକାର ହୋଇଛନ୍ତି। ସୁକିନ୍ଦା ବ୍ଲକ କଅଁସ ପଞ୍ଚାୟତ କଅଁସ ବିଟ୍‌ସାହି ପାଖ ମହଲ୍ଲାର ବସ୍ତିରେ କୁପୋଷଣର ସାଂଘାତିକ ଚିତ୍ର ଦେଖିବାକୁ ମିଳିଛି। ବସ୍ତିରେ ରୁହନ୍ତି ଲବଙ୍ଗ ଓ ପଙ୍କ ଦେହୁରୀଙ୍କ ଦୁଇଝିଅ ଆଶା, ମାଇଁଆ। ଜହ୍ନ ଓ ହାଉଳା ଦେହୁରୀଙ୍କ ପୁଅ ସନିଆ, ଝିଅ ମାନସୀ ଓ ପତଲୁ; ଲିପି ଓ ପେଟା ଦେହୁରୀଙ୍କ ପୁଅ ଟିଙ୍କୁ, ଚିଣ୍ଟୁ; ଦ୍ରୌପଦୀ ଓ ଜଟିଆ ଦେହୁରୀଙ୍କ ଝିଅ ସୁକୁରୁମୁନି; ଅଲି ଓ ପଖଞ୍ଜି ଦେହୁରୀଙ୍କ ଝିଅ ରଶ୍ମିତା,ରାନୀ; ମନି(ଇବି) ଓ ଜାପାନି ଦେହୁରୀଙ୍କ ପୁଅ କିମନ; ଶିବୁ, ଦେବ ଓ ସୁରୁଯଙ୍କ ଝିଅ ଝୁମୁରି ବି ରହୁଛନ୍ତି। ମହାଗିରି ପାହାଡ ତଳ ବସ୍ତିରେ ରହୁଥିବା ଏହି ୯ ଗୋଟି ମହଲ୍ଲାର ପରିବାର ଦୟନୀୟ ଅବସ୍ଥାରେ ବସବାସ କରୁଛନ୍ତି। ସେମାନେ ରହୁଥିବା କୁଡିଆରେ କାନ୍ଥ କିମ୍ବା ଛପର ନାହିଁ। ଜଙ୍ଗଲରୁ କିଛି ବହ୍ଲ(କାଠଖୁଣ୍ଟ) କାଟି ଏହାକୁ ଭାଡି ଭଳି ତିଆରି କରିବାପରେ ଏହା ଉପରେ କିଛି ଡାଳ କିମ୍ବା ପଲିଥିନ୍ ଢାଙ୍କି ଦିଆଯାଇଛି। ଆଉ କେହି ପଲିଥିନକୁ ତମ୍ବୁ କରି ତା' ଭିତରେ ମୁଣ୍ଡ ଗୁଞ୍ଜିଥିବା ଦେଖିବାକୁ ମିଳିଛି। କୁଡିଆ ତୋଳିବାରେ ସମସ୍ୟା ନଥିବାରୁ ଖାଦ୍ୟ ଅନ୍‌ବେଷଣ ଯୋଜନାରେ ସେମାନେ ବାରମ୍ବାର ବାସସ୍ଥାନ ପରିବର୍ତ୍ତନ କରିଥା'ନ୍ତି। ଜଙ୍ଗଲିଆ ସ୍ଥାନର ଅତ୍ୟନ୍ତ ଦୁସ୍ଥ ପରିବେଶରେ ରହିଥା'ନ୍ତି। ଜଙ୍ଗଲରୁ ବିଭିନ୍ନ ଫଳମୂଳ ଓ ଚେର ସଂଗ୍ରହ ପରେ ଏସବୁକୁ ବିକ୍ରୟ କରି ଯେଉଁ ଦି'ପଇସା ଆୟ କରିଥା'ନ୍ତି; ସେଥିରେ ଖାଇବା ତେଲ, ଲୁଣ କିମ୍ବା ହଳଦୀ କିଣିଥା'ନ୍ତି। ଅଭାବ ଓ ଅନଟନ ପାଇଁ ଅନ୍ୟ ଜିନିଷ କିଣାକିଣି କରିବା ସେମାନଙ୍କ କ୍ଷମତା ବାହାରେ।

ଭାତଲୁଣ କିମ୍ବା ଭାତଶାଗ ସେମାନଙ୍କ ନିତିଦିନିଆ ଖାଦ୍ୟ। ରୋଷେଇରେ ଖାଦ୍ୟ ବିବିଧତା ଦେଖିବାକୁ ମିଳେନି। ଶିଶୁଙ୍କ କ୍ଷେତ୍ରରେ ବି ତୋରାଣି ପ୍ରିୟ ପାନୀୟ। ସୁଷମ ଶିଶୁ ଆହାର ସେମାନଙ୍କ ପାଇଁ ସାତସପନ। ବଞ୍ଚିବା ପାଇଁ ନିତି ସଂଘର୍ଷ କରୁଥିଲେ ମଧ ପେଟ ଲାଗି ଆବଶ୍ୟକୀୟ ଖାଦ୍ୟ ଯୋଗାଡ କରିବା ସମ୍ଭବ ହୁଏନି। ଆବାଳ ବୃଦ୍ଧ ସମସ୍ତେ ଦୁର୍ବଳ ଓ ରୋଗଣା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ କେହି ବି ଡାକ୍ତରଖାନା ବାରଣ୍ଡା ମାଡିନଥିବା ଜଣାପଡିଛି। ଲବଙ୍ଗ, ପଙ୍କ ଏବଂ ଜହ୍ନ, ହାଉଳାଙ୍କ ଭଳି ପ୍ରାୟ ପ୍ରତ୍ୟେକ ପରିବାରରେ ଶିଶୁମୃତ୍ୟୁ ସମସ୍ୟା ରହିଛି। କିନ୍ତୁ ବସ୍ତିରେ ଜନ୍ମମୃତ୍ୟୁର ହିସାବ କାହାପାଖରେ ନାହିଁ। ସେମାନେ ଓ୍ୱାର୍ଡମେମ୍ବର, ସରପଞ୍ଚ କିମ୍ବା ନିର୍ବାଚିତ ଜନ ପ୍ରତିନିଧିଙ୍କ ସଂପର୍କରେ ଅଜ୍ଞ ହୋଇରହିଛନ୍ତି। ବସ୍ତିରୁ କିଛିଦୂରରେ ବନ କାର୍ଯ୍ୟାଳୟ ପାଖରେ ଅଙ୍ଗନବାଡି କେନ୍ଦ୍ର ଥିଲେ ମଧ ଶିଶୁ କିମ୍ବା ମାଆମାନେ ଏହାର ମାଟି ମାଡନ୍ତିନି। ଏ ସଂପର୍କରେ ଅଙ୍ଗନବାଡି କର୍ମୀ ରୁକ୍ମିଣୀ ପ୍ରଧାନଙ୍କୁ ପଚାରିବାରେ ସେ ପ୍ରସଙ୍ଗକୁ ସ୍ୱୀକାର କରିଥିଲେ। ସେମାନେ ତ' ସକାଳୁ ଉଠିଲେ ଜଙ୍ଗଲ ପଳାଉଛନ୍ତି, ଆଉ ସଂଧ୍ୟାରେ ଘରକୁ ଫେରୁଛନ୍ତି। ଏମିତିରେ ଆମେ ଆଉ କ'ଣ କରିବୁ ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ। କୁପୋଷଣ ଶିଶୁଙ୍କ ସଂପର୍କରେ ଆରବିଏସ୍‌କେ ଡାକ୍ତର ଶୁଭାଶିଷ ଜେନାଙ୍କୁ ପଚାରିବାରେ ଏ ସଂପର୍କରେ ସେ ଅବଗତ ନଥିବା କହିଥିଲେ। ଖୁବ୍‌ଶୀଘ୍ର ସେ କଅଁସ ଯାଇ ପରିସ୍ଥିତି ଅନୁଧ୍ୟାନ କରିବେ ବୋଲି କହିଥିଲେ।

## ଭୁବନେଶ୍ୱରରେ ଉଦଘାଟିତ ହେଲା ଦିବ୍ୟାଙ୍ଗଙ୍କ ପାଇଁ ନିର୍ମିତ ଦେଶର ପ୍ରଥମ ପାର୍କ



ଭୁବନେଶ୍ୱର: ଦିବ୍ୟାଙ୍ଗଙ୍କ ପାଇଁ ରାଜଧାନୀରେ ସ୍ୱତନ୍ତ୍ର ପାର୍କ । ମାନସିକ, ଶାରିରୀକ ଭାବେ ଅକ୍ଷମ ପିଲା ସୁବିଧାରେ ଖେଳକୁଦ ସାଙ୍ଗକୁ ମନୋରଞ୍ଜନ ଓ ଥେରାପି ନେଇ ପାରିବେ ଏହି ପାର୍କରେ । ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ସହିଦ ନଗରରେ ସେନସୋରି ପାର୍କ ଉଦଘାଟିତ ହୋଇଛି । ୧ ଏକର ଜମିରେ ୧ କୋଟି ଟଙ୍କା ବ୍ୟୟରେ ଆଧୁନିକ ଯନ୍ତ୍ରପାତି ରହିଛି ଏହି ପାର୍କରେ । ଏହାକୁ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦଘାଟନ କରିଛନ୍ତି । ସାଧାରଣ ପିଲାଙ୍କ ପରି ଦିବ୍ୟାଙ୍ଗ ବି ପାର୍କରେ ଖେଳିବେ, ବୁଲିବେ । ସେଥିପାଇଁ ସ୍ୱତନ୍ତ୍ର ସେନସୋରି ପାର୍କ ସହିଦନଗର ଠାରେ ତିଆରି ହୋଇଛି । ଭାରତର ପ୍ରଥମ ଦିବ୍ୟାଙ୍ଗ ପାର୍କ ଭାବେ ଏହା ନିର୍ମାଣ ହୋଇଛି । ମାନସିକ ବିକାରଗ୍ରସ୍ତ ପିଲାମାନେ ବି ଏଠାରେ ସମୟ ବିତାଇ ପାରିବେ । ସମସ୍ତ ଖେଳକୁଦ ସାମଗ୍ରୀ ଓ ମନୋରଞ୍ଜନ ଉପକରଣ ଗୁଡ଼ିକ ପିଲାଙ୍କ ସୁରକ୍ଷାକୁ ଆଖିରେ ରଖି କରାଯାଇଛି । ପିଲାମାନେ ପଡ଼ିଲେ ବି ଆଘାତ ନହେବା ପାଇଁ ସମ୍ପୂର୍ଣ୍ଣ ପଡ଼ିଆରେ ସଫ୍ଟ ସିନ୍‌ଥେଟିକ ଲାଇନିଂ ବିଛା ଯାଇଛି । ସେନ୍ସ ମାଧ୍ୟମରେ ଖେଳକୁଦ କରିବାର ସୁଯୋଗ ଆଣିଛି ସେନସୋରି ପାର୍କ । ୨୦୧୮ ମସିହାରୁ ଏହି ପାର୍କ ପାଇଁ ଶୁଭ ଦିଆଯାଇଥିବା ବେଳେ ପ୍ରଥମେ ଜମିଜମା ମାମଲାକୁ ନେଇ ବନ୍ଦ ରହିଥିଲା କାମ । ପରେ କୋଭିଡ୍ ଯୋଗୁଁ ବିଳମ୍ବ ହୋଇଥିବା ବେଳେ ଦୁଇ ବର୍ଷ ପରେ ଆଜି ଏହାର ଉଦଘାଟନ ହୋଇଛି । ଯେଉଁଠି ହ୍ୱିଲ୍ ଚେୟାର ସୁଇଁ, ଟୁ ସିଟର ସୁଇଂ, ବକେଟ ସୁଇଂ, ମ୍ୟୁଜିକାଲ୍ ପୋଲ, ସାଉଣ୍ଡ ପ୍ଲେ ଭଳି ଅନେକ ଉପକରଣ ରହିଛି । ଦୃଷ୍ଟିହୀନ ପିଲାଙ୍କ ପାଇଁ ବାଦ୍ୟ ଯନ୍ତ୍ର ସହ ବ୍ରେଲି କାନ୍ଥ ରହିବା ସହ ହ୍ୱିଲ୍ ଚେୟାର ସହ ଝୁଲିବା ଲାଗି ଦୋଳି ଭଳି ବ୍ୟବସ୍ଥା ରହିଛି । ଭଳି ନିଆରା ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ଏକ ସ୍ୱତନ୍ତ୍ର ଏଜେନ୍ସିକୁ ଦିଆଯାଇଛି । ସାଧାରଣ ପିଲାଙ୍କୁ ସେନସୋରି ପାର୍କକୁ ପ୍ରବେଶ ବାରଣ କରାଯାଇଛି । ଆଗକୁ ବ୍ରହ୍ମପୁର ଓ ସମ୍ବଲପୁରରେ ହେବ ସାଟେଲାଇଟ୍ ସେଣ୍ଟର । ରାଜ୍ୟର ୮ଟି ସ୍ଥାନରେ ପ୍ରତିଷ୍ଠା ହେବ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ।

## ରଥଯାତ୍ରା ପାଇଁ ପ୍ରସ୍ତୁତ ରହିବାକୁ ଡିଜିପିଙ୍କ ନିର୍ଦ୍ଦେଶ



କଟକ: ଓଡ଼ିଶାରେ ରେଳ ସୁରକ୍ଷା ସହ ସମ୍ପୃକ୍ତ ସମସ୍ତ କେନ୍ଦ୍ରୀୟ ଓ ରାଜ୍ୟ ସଙ୍ଗଠନ ମାନଙ୍କ ସମନ୍ୱୟ ବୈଠକ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବନସଲଙ୍କ ଅଧକ୍ଷତାରେ ରାଜ୍ୟ ପୋଲିସ ସଦର ମହକୁମାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଅତିରିକ୍ତ ଡିଜି ରେଳ ଓ ତଟ ସୁରକ୍ଷା ଡ. ସୁଧାଂଶୁ ଷଡ଼ଙ୍ଗୀ, ଆରପିଏଫ ଓ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାର ଅଧିକାରୀ ମାନେ ଯୋଗ ଦେଇଥିଲେ । ରାଜ୍ୟରେ ରେଳ ସୁରକ୍ଷାର ସ୍ଥିତି ଉପରେ ସନ୍ତୋଷ ବ୍ୟକ୍ତ କରାଯାଇଥିଲା । ଆଗାମୀ ଦିନରେ ସରକାରୀ ରେଲୱେ ପୋଲିସର ଭିତ୍ତି ଭୂମିର ଆଧୁନିକୀକରଣ, ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଓ ଟ୍ରେନ ମାନଙ୍କରେ ସିସିଟିଭି ସଂଯୋଗ, ମହିଳା ଯାତ୍ରୀ ମାନଙ୍କ ସୁରକ୍ଷା ଓ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦିଆ ଯାଇଥିଲା । ଦୁଇ ବର୍ଷ ପରେ ଏଥର ପୁରୀରେ ରଥ ଯାତ୍ରା ପୂର୍ଣ୍ଣ ଭକ୍ତ ସମାଗମରେ ହେଉଥିବା ଯୋଗୁଁ ଯାତ୍ରୀଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ବନ୍ଦୋବସ୍ତ କରିବାକୁ ପୋଲିସ ଡିଜି ବନସଲ୍ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ କେନ୍ଦ୍ରୀୟ ରେଳ ସୁରକ୍ଷା ବାହିନୀ ତରଫରୁ ଡି. ବି. କସର୍, ଯୁଗୋଳ କିଶୋର ଯୋଶୀ, ଏଡିଆରଏମ୍ ଖୋର୍ଦ୍ଧା, ଅଶୋକ କୁମାର, ଏମ୍.ଭି ସତ୍ୟ ନାରାୟଣ , ଅରୁଣ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ମହାନଦୀ ଗର୍ଭରେ ୭ ଶହ ବର୍ଷର ପୁରୁଣା ମନ୍ଦିର

ନୟାଗଡ଼: ମହାନଦୀ ଗର୍ଭରେ ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ । ଅଥଳ ଜଳରାଶି ଭିତରେ ରହିଛି ପଞ୍ଚଦଶ ଶତାବ୍ଦୀର ଗୋପୀନାଥ ମନ୍ଦିର । ନୟାଗଡ଼ ଜିଲ୍ଲା ମହାନଦୀ ଭିତରେ ରହିଛି ଏହି ମନ୍ଦିର । ଗ୍ରୀଷ୍ମ ଋତୁରେ ଜଳସ୍ତର କମିବା ପରେ ପୁଣି ଥରେ ମନ୍ଦିରର ଗମ୍ବୁଜ ଦେଖିବାକୁ ମିଳିଛି । ଯାହାକୁ ଦେଖିବାକୁ ଲୋକଙ୍କ ମଧରେ ଉତ୍ସାହ ବଢ଼ିଛି । ମହାନଦୀର ଶାନ୍ତ ଢେଉରେ ପୁରାତନ ଗାଥା ଗାଉଛି ଗୋପୀନାଥ ମନ୍ଦିର । ନୀଳ ଜଳରାଶିରେ ଲୀନ ହୋଇଥିଲେ ମଧ ଏବେ ବି ୭ ଶହ ବର୍ଷ ପୁରୁଣା ଐତିହ୍ୟର ମୂକସାକ୍ଷୀ ହୋଇ ଛିଡ଼ା ହୋଇଛି । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗାଁ ନିକଟ ମହାନଦୀରେ ପୁଣି ଥରେ ଦୃଶ୍ୟମାନ ହୋଇଛି ଗୋପୀନାଥ ମନ୍ଦିର । ନଦୀରେ ଜଳସ୍ତର କମିବା ପରେ ମନ୍ଦିର ଦଧିନଉତି ଦେଖିବାକୁ ମିଳିଛି । ପଞ୍ଚଦଶ ଶତାବ୍ଦୀର ମନ୍ଦିରକୁ ଦେଖିବାକୁ ଲୋକଙ୍କ ମଧରେ ଉତ୍ସାହ ବଢୁଛି । କୁହାଯାଏ ଏହି ମନ୍ଦିର ୧୪୦୦ରୁ ୧୬୦୦ ଶତାବ୍ଦୀ ମଧରେ ନିର୍ମାଣ ହୋଇଛି । ମହାନଦୀର କାୟା ବିସ୍ତାର ପରେ ଗୋପୀନାଥ ମନ୍ଦିର ସହିତ ପ୍ରାୟ ୭ ଖଣ୍ଡ ଗାଁ ନଦୀ ଗର୍ଭରେ ଲୀନ ହୋଇ ଯାଇଥିଲା । ଏବେ କେବଳ ମନ୍ଦିରର ଗମ୍ବୁଜ ଦେଖା ଯାଉଥିବା ବେଳେ ଅବଶିଷ୍ଟ ଅଂଶ ବାଲିରେ ପୋତି ହୋଇ ରହିଯାଇଛି । ଏହା ପୂର୍ବରୁ ୨୦୨୦ ମସିହାରେ ଦୃଶ୍ୟମାନ ହୋଇଥିଲା ମନ୍ଦିରର ଗମ୍ବୁଜ । ମାତ୍ର ପ୍ରତ୍ନତତ୍ତ୍ୱ ବିଭାଗ ଏଯାଏ ଏହା ଉପରେ କୌଣସି ସର୍ବେ ?କ୍ଷଣ କରିନଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

## ୫୬୭୮ କୋଟି ଲାଭରେ କାନାରା ବ୍ୟାଙ୍କ



ଭୁବନେଶ୍ୱର : ବିଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ (ଜାନୁଆରୀ-ମାର୍ଚ୍ଚ ୨୦୨୩) ରେ କାନାରା ବ୍ୟାଙ୍କର ମୋଟ ଲାଭ ୧୨୨ ପ୍ରତିଶତ ଅଭିବୃଦ୍ଧି ହାସଲ କରି ୫୬୭୮ କୋଟି ଟଙ୍କାରେ ପହଞ୍ଚିଛି । ଏହି ସମୟରେ ବିଶ୍ୱସ୍ତରରେ ଏହାର କାରବାର ୧୮ ଲକ୍ଷ ୨୫ ହଜାର କୋଟିକୁ ଅତିକ୍ରମ କରିଛି । କାସା ଜମା ୧୧.୫୨ ପ୍ରତିଶତ ବୃଦ୍ଧି ପାଇଛି । ଗତବର୍ଷ ଏହି ଅବଧି ତୁଳନାରେ ସଂଚୟ ଖାତା ୧୨.୨୨ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଶୁଳ୍କ ଆଧାରିତ ଆୟ ୧୬.୫୯ ପ୍ରତିଶତ ବୃଦ୍ଧି ପାଇ ୬୧୧୩ କୋଟି ହୋଇଛି। ବ୍ୟାଙ୍କର ସଫଳତା ପାଇଁ ନିର୍ଦ୍ଦେଶକ ବୋର୍ଡ କର୍ମଚାରୀଙ୍କୁ ୧୫ ଦିନର ବେତନ ପ୍ରୋତ୍ସାହନ ରାଶି ଆକାରରେ ଦେବା ପାଇଁ ନିଷ୍ପତି ନେଇଥିବା ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏଲ୍.ଭି ପ୍ରଭାକର ପ୍ରକାଶ କରିଛନ୍ତି ।

## ବୈଶାଖୀ ବାଣିଜ୍ୟ ମେଳାରେ ରୁଚି ମଣ୍ଡପ ଉଦ୍‌ଘାଟିତ

କଟକ : ବାଲିଯାତ୍ରା ପଡ଼ିଆରେ ୬ ରୁ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ୧୭ ତମ ବୈଶାଖୀ ମେଳା ଉଦ୍‌ଘାଟିତ ହୋଇଛି । ଏହି ମେଳାରେ 'ରୁଚି' ଅନ୍ୟତମ ମୁଖ୍ୟ ପ୍ରାୟୋଜକ ଥିଲାବେଳେ ପାଞ୍ଚହଜାର ବର୍ଗଫୁଟ ସ୍ଥାନରେ ଏହାର ବାଣିଜ୍ୟିକ ମଣ୍ଡପ ଖୋଲିଛି । ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଦ୍ୟୋଗ ସଂଘ ମହାସଚିବ ଇଂ ସା୍ୱିକ ସ୍ୱାଇଁ ମୁଖ୍ୟଅତିଥି ଭାବେ ଏହି ମଣ୍ଡପ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ, ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ ଓ ନିର୍ଦ୍ଦେଶିକା ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ବିଭିନ୍ନ ମସଲା, ସିମେଇ, ପାସ୍ତା, ଫ୍ରୋଜିଟ୍ ବର୍ଗର ଖାଦ୍ୟ ପାନୀୟ ରିହାତି ଦରରେ ବିକ୍ରୟ କରାଯାଉଛି । ରୁଚି ଉପହାର ଯୋଜନାରେ ୧୦ଟଙ୍କିଆ ମସଲା କୂପନ କିଣି ଆକ୍ଟିଭା, ରେଫ୍ରିଜରେଟର, ୱାସିଙ୍ଗ ମେସିନ୍, ସ୍ମାର୍ଟଘଂଟା ଓ ବାସନସେଟ୍ ଭଳି ପୁରସ୍କାର ଜିତିବାର ସୁଯୋଗ ରହିଛି। ପ୍ରତିଦିନ ୧୦ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଉଛି ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ୬୦୦ଟି ଶାଖା ବନ୍ଦ କରିବ

ନୂଆଦିଲ୍ଲୀ : ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ଆର୍ଥିକ ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ବ୍ୟାଙ୍କର କ୍ଷତି ବଢିଚାଲିଛି । ଆର୍ଥିକ ସ୍ଥିତି ସୁଧାରିବାକୁ ବ୍ୟାଙ୍କ ନିଜର ପ୍ରାୟ ୬୦୦ଟି ଶାଖା ବନ୍ଦ କରିବାକୁ ଯୋଜନା କରୁଥିବା ବିଭିନ୍ନ ଜାତୀୟ ସ୍ତରର ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି । ଏସବୁ ରିପୋର୍ଟ ଅନୁସାରେ ଆସନ୍ତା ୨୦୨୩ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କ ନିଜର ପ୍ରାୟ ୬୦୦ଟି ଶାଖାକୁ ବନ୍ଦ କରିବ କିମ୍ବା ଅନ୍ୟ ଶାଖା ସହିତ ମିଶାଇଦେବ । ସାରା ଦେଶରେ ବ୍ୟାଙ୍କର ଏବେ ମୋଟ ୪୫୯୪ ଟି ଶାଖା ରହିଛି । ୬୦୦ଟି ଶାଖା ବନ୍ଦ ହେବା ପରେ ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ୪୦୦୦ ତଳକୁ ଖସିଆସିବ । କେବଳ ଏତିକି ନୁହେଁ, ବ୍ୟାଙ୍କ ନିଜର କେତେକ ରିଅଲ ଇଷ୍ଟେଟ୍ ସଂପତ୍ତି ବିକ୍ରି କରିବ । ଏସବୁ ପଦକ୍ଷେପ ମାଧ୍ୟମରେ ନିଜର ଆର୍ଥିକ ସ୍ଥିତି ସୁଧାରିବାକୁ ବ୍ୟାଙ୍କ ଲକ୍ଷ୍ୟ ରଖିଛି । ଖରାପ ଆର୍ଥିକ ସ୍ଥିତି ଓ ରେଗୁଲେଟରୀ କ୍ୟାପିଟାଲ ନିୟମର ଉଲ୍ଲଙ୍ଘନ ଯୋଗୁଁ ରିଜର୍ଭ ବ୍ୟାଙ୍କ ଗତ ୨୦୧୭ରେ ସେଣ୍ଟ୍ରାଲ ବ୍ୟାଙ୍କ ସମେତ ଆଉ କେତେକ ବ୍ୟାଙ୍କକୁ ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ) ଅଧିନରେ ରଖିଥିଲା । ଏହି ପଦକ୍ଷେପ ମାଧ୍ୟମରେ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କମାନଙ୍କ ଋଣ ପ୍ରଦାନ, ଜମା, ନୂଆ ନିଯୁକ୍ତି ଓ ସଂପ୍ରସାରଣ ଉପରେ କଟକଣା ଲଗାଇଥାଏ । ଏହା ସତ୍ତ୍ୱେ ସେଣ୍ଟ୍ରାଲ ବ୍ୟାଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆସିପାରିନାହିଁ ।

## ଓଜିବିର ବୋର୍ଡ କମିଟି ବୈଠକ



ପୁରୀ : ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି)ର ୫୮ ତମ ବୋର୍ଡ କମିଟି ବୈଠକ ପୁରୀର ଜମିଦାର ପ୍ୟାଲେସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବୋର୍ଡର ସମସ୍ତ ସଦସ୍ୟ ଯଥା ଓଜିବିର ଅଧ୍ୟକ୍ଷ ମୋହନ ଏମ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ମହାପ୍ରବନ୍ଧକ ସୁଶୀଲ ଚନ୍ଦ୍ର ମହାନ୍ତ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଦିଲ୍ଲୀପ କୁମାର ବାରିକ, ନାବାର୍ଡ ଉପ ମହାପ୍ରବନ୍ଧକ ରାମଚନ୍ଦ୍ର ସାହୁ, ଭାରତୀୟ ରିଜର୍ଭ ବ୍ୟାଙ୍କର ଉପ ମହାପ୍ରବନ୍ଧକ ବିଶ୍ୱରଂଜନ ପାତ୍ର ଏବଂ ଅର୍ଥ ବିଭାଗର ନିର୍ଦ୍ଦେଶିକା ପ୍ରଜ୍ଞାସ୍ମିତା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ଆର୍ଥିକ ବର୍ଷ ୨୦୨୧-୨୨ର ବାଲାନ୍ସ ସିଟ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଗତ ଆର୍ଥିକ ବର୍ଷରେ ପ୍ରଥମ ଥର ପାଇଁ ବ୍ୟାଙ୍କ ଲାଭ ଅର୍ଜନ କରିଥିବାରୁ ବୋର୍ଡର ଅନ୍ୟ ସଦସ୍ୟମାନେ ବ୍ୟାଙ୍କ ଅଧ୍ୟକ୍ଷଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ । ତେବେ ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ କିପରି ଏହି ଧାରା ବଜାୟ ରଖିବ ଏବଂ ଅନାଦେୟ ଋଣ ପରିମାଣ କମ୍ ରହିବ ସେ ସମ୍ପର୍କରେ ମଧ୍ୟ ବୋର୍ଡର ସଭ୍ୟମାନେ ସବିଶେଷ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ୟାଙ୍କର ଅଧ୍ୟକ୍ଷ ମୋହନ ଏମ୍ ପରିଚାଳନା କରିଥିଲେ ।

## ୟୁନିୟନ୍ ବ୍ୟାଙ୍କ, ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ସମ୍ବଲପୁର : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ପଙ୍କଜ କୁମାର କାପ୍‌ସିମେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହି କ୍ଷେତ୍ର ଅଧିନରେ ସମ୍ବଲପୁର, ବରଗଡ, ସୁନ୍ଦରଗଡ, ଝାରସୁଗୁଡା, ଦେଓଗଡ, ସୋନପୁର ଏବଂ ନୂଆପଡା ଆଦି ୭ଟି ଜିଲ୍ଲା ଅନ୍ତର୍ଭୁକ୍ତ। ଶ୍ରୀ କାପ୍‌ସିମେଙ୍କର ମହାରାଷ୍ଟ୍ର, ଝାଡଖଣ୍ଡ, ଦିଲ୍ଲୀ ଏବଂ ଗୁଜୁରାଟ ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବାର ୨୭ ବର୍ଷରୁ ଉର୍ଦ୍ଧ୍ୱ ବ୍ୟାଙ୍କିଙ୍ଗ୍ ଅଭିଜ୍ଞତା ରହିଛି। ଜନୈକ ବ୍ୟାଙ୍କର ଭାବେ ସେ କ୍ରେଡିଟ୍ ଇନ୍‌ଚାର୍ଜ, ଶାଖା ମୁଖ୍ୟ, ଉପ-କ୍ଷେତ୍ରୀୟ ମୁଖ୍ୟ ଏବଂ ଉପ-ଆଞ୍ଚଳିକ ମୁଖ୍ୟ ରୂପେ କାର୍ଯ୍ୟ କରିବା ସହ କର୍ପୋରେଟ୍ କାର୍ଯ୍ୟାଳୟର ଚ୍ୟାନେଲ ଫାଇନାନ୍ସିଂ, ରିଟେଲ୍ ବ୍ୟାଙ୍କିଙ୍ଗ୍ ଏବଂ କ୍ରେଡିଟ୍ ମନିଟରିଂ ଆଦି ବିଭାଗରେ କାର୍ଯ୍ୟ କରିବାର ଦକ୍ଷତା ହାସଲ କରିଛନ୍ତି।

## ସୋଆକୁ ସୋସିଆଲ୍ ଲିଡରସିପ୍ ଆୱାର୍ଡ




ଭୁବନେଶ୍ୱର: ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ସୋସିଆଲ୍ ଲିଡରସିପ୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ଇଣ୍ଡିଆନ ଚାମ୍ବର ଅଫ କମର୍ସର ୱିମେନ୍ ଏଂଟରପ୍ରିନ୍ୟୁରସିପ୍ କାଉନ୍‌ସିଲ ଦ୍ୱାରା ଆୟୋଜିତ ଭାରତର ପ୍ରଥମ ମହିଳା ଉଦ୍ୟୋଗୀ ମେଳା ଅବସରରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସୋଆ ପକ୍ଷରୁ ଲୋକସମ୍ପର୍କ ଅଧିକାରୀ ଶୁଭଦର୍ଶିନୀ ମିଶ୍ର ପୂର୍ବତନ ମିସ୍ ୟୁନିଭର୍ସ ତଥା ବଲିଉଡ୍ ଅଭିନେତ୍ରୀ ଲାରା ଦତାଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଭୁବନେଶ୍ୱର ଜନତା ମଇଦାନଠାରେ ଚାଲିଥିବା ଏହି ମହିଳା ଉଦ୍ୟୋଗୀ ମେଳା ୨୦୨୨କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫେରନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉଚ୍ଚଶିକ୍ଷା, କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ଅରୁଣ ସାହୁ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ମେଳାରେ ଲାରା ଦତା ଶୋଭାବର୍ଦ୍ଧନ କରିବା ସହ ବଲିଉଡ୍‌ରେ ନିଜର ଅନୁଭୂତି ଏବଂ ମହିଳା ସଶକ୍ତିକରଣ ସମ୍ପର୍କରେ ମତ ରଖିଥିଲେ। ୧୦୦ରୁ ଉର୍ଦ୍ଧ୍ୱ ମହିଳା ଉଦ୍ୟୋଗୀ ସାମିଲ ହୋଇଥିବା ଏହି ମେଳାରେ ଶିକ୍ଷା ଓ ଅନୁସନ୍ଧାନକୁ ସାମାଜିକ ଦାୟିତ୍ୱ ବହନ ନିମନ୍ତେ ସମ୍ମାନିତ କରାଯାଇଛି। ରାଜ୍ୟର କୋଣ ଅନୁକୋଣରୁ ଛୋଟ ବଡ଼ ବହୁ ମହିଳା ଉଦ୍ୟୋଗୀ ସାମିଲ୍ ହୋଇଥିଲେ।

## ମହିଳା ବିଜନେସ୍ ମେଳାରେ ରୁଚି-ଫ୍ରୋଜିଟ୍ ସ୍ୱତନ୍ତ୍ର ଷ୍ଟଲ୍



ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଆୟୋଜିତ ହେଉଥିବା ଭାରତର ପ୍ରଥମର ମହିଳା ବିଜିନେସ୍ ମେଳା -୨୦୨୨ରେ ଓଡିଶାର ୧ନଂ ମସଲା ଉଦ୍ୟୋଗ ତଥା ପୂର୍ବଭାରତର ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ରୁଚି ଫ୍ରୋଜିଟ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ୍ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବେଦାନ୍ତ ଲିମିଟେଡର ସଭାପତି (ଓଡିଶା ଓ ଛତିଶଗଡ) ଡ. ତପନ କୁମାର ଚାନ୍ଦ ଷ୍ଟଲକୁ ଉଦଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ, ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ରଶ୍ମି ସାହୁ, ବିଶିଷ୍ଟ ସମାଜସେବୀ ଡ. ସୌରେନ୍ଦ୍ର ମହାପାତ୍ର ଏବଂ ନମିତା ମହାପାତ୍ର। ୫ ଦିନ ବ୍ୟାପି ଖୋଲାଥିବା ଏହି ଷ୍ଟଲରେ ରୁଚିର ଅର୍ଗାନିକ୍ ମସଲା, ସ୍ୱତନ୍ତ୍ର କିଟ୍ ପ୍ୟାକ୍, ଫ୍ରୋଜିଟ୍ର ପ୍ରିମିୟମ୍ ପ୍ରଡକ୍ଟ କୁକିଜ୍, ମୃଦୁପାନୀୟ ଆଦି ଉପଲବ୍ଧ । ଏହ ଛଡା ଫାର୍ମ ବିର ବିଭିନ୍ନ ପ୍ରଡକ୍ଟ ଯଥା ଓଟ୍ସ, ଚକୋଚିପସ୍, ମୁସେଲି ଆଦି ମଧ୍ୟ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ ବୋଲି ପ୍ରକାଶ କରିଛନ୍ତି ରଶ୍ମୀ ସାହୁ । ରୁଚି ଓ ଫ୍ରୋଜିଟ୍‌ର ପ୍ରୟାସ ତଥା ରୁଚିର ବିଭିନ୍ନ ବର୍ଗର ପ୍ରଡକ୍ଟସକୁ ବେଶ୍ ପ୍ରଶଂସା କରିଥିଲେ ଡ. ଚାନ୍ଦ । ସମସ୍ତ ଗ୍ରାହକ ୫ ଦିନ ଧରି ଏହି ଷ୍ଟଲରୁ ବିଭିନ୍ନ ଦ୍ରବ୍ୟ ଦେଖିବା ସହ କିଣି ପାରିବେ ବୋଲି ପ୍ରକାଶ କରିଛନ୍ତି କମ୍ପାନିର ଜନସଂପର୍କ ଅଧିକାରୀ ଦେବସ୍ମିତା ମିଶ୍ର ।

## ବୟନିକାର ୬୬ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର : ବୟନିକାର ୬୬ତମ ପ୍ରତିଷ୍ଠା ଦିବସ ସମାରୋହ 'ବୟନ ଭବନ' ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସମେତ ନିର୍ଦ୍ଦେଶାଳୟର ପଦାଧିକାରୀମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବକ୍ତବ୍ୟ ରଖିଥିଲେ। ୨୦୨୧-୨୨ ବର୍ଷରେ ବୟନିକା ନିଜର ପ୍ରତିଷ୍ଠିତ ବିକ୍ରୟ ଶାଖା ଏବଂ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ପ୍ରଦର୍ଶନୀରେ ଭାଗ ନେଇ ଓ ପ୍ରଦର୍ଶନୀର ଆୟୋଜନ କରି ୧୨୮.୮୫ କୋଟି ଟଙ୍କାର ବ୍ୟବସାୟ କରିଛି। ୨୦୨୨-୨୩ ବର୍ଷରେ ମୋଟ ୧୬୩.୯୦ କୋଟିର ବ୍ୟବସାୟ ଲକ୍ଷ୍ୟ ରଖାଯାଇଛି। ଏକ ହସ୍ତତନ୍ତ ସଂସ୍ଥା ହିସାବରେ ୧୨୮.୮୫ କୋଟିର ବ୍ୟବସାୟ କରିବା, ଓଡିଶା ହସ୍ତତନ୍ତ ଶିଳ୍ପ କ୍ଷେତ୍ରରେ ନିଶ୍ଚିତ ଭାବେ ଏକ ମାଇଲ୍‌ଖୁଣ୍ଟ ବୋଲି ଅତିଥିମାନେ କହିଥିଲେ। ସୂଚନାଯୋଗ୍ୟ, ବୟନିକାର ସମସ୍ତ ବିକ୍ରୟ ଶାଖାରେ ମଧ୍ୟ ପ୍ରତିଷ୍ଠା ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ପିଏନ୍‌ବି, ଭୁବନେଶ୍ୱର ଓ କଟକର ନୂତନ ଅଞ୍ଚଳ ମୁଖ୍ୟ




ଭୁବନେଶ୍ୱର, କଟକ : ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ନୂତନ ଅଞ୍ଚଳ ମୁଖ୍ୟ ଭାବେ ମହାପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହି ଅଞ୍ଚଳରେ ଯୋଗ ଦେବା ପୂର୍ବରୁ ସେ ବିଜୟୱାଡାସ୍ଥିତ ମଣ୍ଡଳ କାର୍ଯ୍ୟାଳୟରେ ମଣ୍ଡଳ ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। ଶ୍ରୀ ରେଡ୍ଡୀ ୧୯୮୮ ମସିହାରେ ଜନୈକ କୃଷି ଅଧିକାରୀ ଭାବେ ନିଜ ବ୍ୟାଙ୍କିଙ୍ଗ୍ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ତାଙ୍କର ୩୪ ବର୍ଷରୁ ଉର୍ଦ୍ଧ୍ୱ ସଫଳ ଯାତ୍ରା ମଧ୍ୟରେ ସେ ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ଆଦି ବିଭିନ୍ନ ସ୍ଥାନରେ ବିଭନ୍ନ ପଦପଦବୀରେ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ପିଏନ୍‌ବି, ଦେଶର ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଓଡିଶାରେ ୩୪୩ଟି ଶାଖାର ନେଟ୍‌ୱର୍କ ମାଧ୍ୟମରେ କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍ ସୁବିଧା ପ୍ରଦାନ କରି ରାଜ୍ୟରେ ସାମାଜିକ-ଅର୍ଥନୈତିକ ଉନ୍ନତିରେ ବ୍ୟାଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଛି। ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ରୂପେ ଯୋଗ ଦେବା ପରେ, ସେ ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନିତ କରିବା ଏବଂ ପିଏନ୍‌ବିକୁ ଆଗାମୀ ପିଢୀର ଗ୍ରାହକ ମାନଙ୍କର ପସନ୍ଦଯୋଗ୍ୟ ବ୍ୟାଙ୍କ ହିସାବରେ ପରିଗଣିତ କରାଇବା ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍‌କୁ ପ୍ରୋତ୍ସାହିତ କରିବା ଉପରେ ନିଜ ଆଶା ଓ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ତାଙ୍କ ନେତୃତ୍ୱରେ ବ୍ୟାଙ୍କ ରାଜ୍ୟର କୋଣ ଅନୁକୋଣରେ ପିଏନ୍‌ବି ବ୍ରାଣ୍ଡ୍‌କୁ ପ୍ରତିଷ୍ଠିତ କରାଇପାରିବ ବୋଲି ଆଶା କରାଯାଉଛି। ସେ ମଧ୍ୟ ରାଜ୍ୟରେ ଶାଖା ନେଟ୍‌ୱର୍କ ସଂପ୍ରସାରଣ ଏବଂ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍‌ର ଉପସ୍ଥିତି ଉପରେ ଗୁରୁତ୍ୱାରୋପ କରିଛନ୍ତି।

ସେହିପରି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, କଟକ ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ରୂପେ ଜିତେନ୍ଦ୍ର ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଛତିଶଗଡସ୍ଥିତ ଭିଲାଇ ମଣ୍ଡଳର ମଣ୍ଡଳ ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। ୧୯୮୯ ମସିହାରେ ବ୍ୟାଙ୍କରେ ଯୋଗ ଦେଇଥିବା ଶ୍ରୀ ସ୍ୱାଇଁ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ହରିୟାଣା, ଛତିଶଗଡ ଓ ଓଡିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କର ଅଧିକାଂଶ ସମୟ ଶାଖା ସ୍ତରରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି।

## ଜଟଣୀ ଆଇଆଇଟିରେ ଓପିଟିସିଏଲ୍‌ର ଚେୟାର ପ୍ରତିଷ୍ଠା

ଜଟଣୀ : ସ୍ଥାନୀୟ ଅଂଚଳରେ ଗଢିଉଠିଥିବା କେନ୍ଦ୍ରୀୟ ସଂସ୍ଥା ଆଇଆଇଟିରେ ଓଡ଼ିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ ଲିମିଟେଡ୍ ଚେୟାର ପ୍ରଫେସର ପ୍ରତିଷ୍ଠା ହୋଇଛି। ଜେନେରେସନ୍, ଟ୍ରାନ୍ସମିସନ୍ ଏବଂ ବିତରଣ ସମେତ ତିନୋଟି ଅଙ୍ଗକୁ ନେଇ ଓଡ଼ିଶା ପାୱାର ସେକ୍ଟର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏହା ମିଳିତ ପ୍ରୟାସକୁ ତ୍ୱରାନ୍ୱିତ କରିବ। ଓଡିଶାର ବିଦ୍ୟୁତ କ୍ଷେତ୍ରର ଶିଳ୍ପ ଆବଶ୍ୟକତା ଉପରେ ନଜର ରଖିବା ପାଇଁ ଏକ ଡାଇନାମିକ୍ ଇଣ୍ଡଷ୍ଟ୍ରି ଇନଷ୍ଟିଚ୍ୟୁଟ୍ ଇଣ୍ଟରଫେସ୍ ନିର୍ମାଣ ପାଇଁ ଏହି ଚେୟାର ଦାୟୀ ରହିବ। ସ୍କୁଲ ଅଫ ଇଲେକ୍ଟ୍ରିକାଲ୍ ସାଇନ୍ସର ଡଃ ଏସ୍. ଆର. ସାମନ୍ତରାୟଙ୍କୁ ତିନି ବର୍ଷ ଚେୟାର ପଦ ପାଇଁ ମନୋନୀତ କରାଯାଇଛି। ତାଙ୍କର ଦୃଷ୍ଟିକୋଣ ବଖାଣିବା ବେଳେ ଡଃ ସାମନ୍ତରାୟ ମତବ୍ୟକ୍ତ କରିଛନ୍ତି ଯେ କେବଳ ବିଭିନ୍ନ ବୈଷୟିକ ସମସ୍ୟାର ସମାଧାନ କରି ନାହାଁନ୍ତି, ବରଂ ବିଦ୍ୟୁତ କ୍ଷେତ୍ରକୁ ବହୁ ପରିମାଣର ନବୀକରଣଯୋଗ୍ୟ ସହାୟତା ପାଇଁ ସ୍ମାର୍ଟଗ୍ରିଡ୍ ଏବଂ ସ୍ଥାୟୀ ଶକ୍ତିରେ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା କରିବେ। ଆଗାମୀ ଦିନଗୁଡିକରେ ଆହୁରି ମଧ୍ୟ ରାଜ୍ୟ ତଥା ଅନ୍ୟାନ୍ୟ ନିକଟବର୍ତି ରାଜ୍ୟଗୁଡିକର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶା ରାଜ୍ୟରେ ଏକ ଅତ୍ୟାଧୁନିକ ବିଦ୍ୟୁତ ଉପକରଣ ପରୀକ୍ଷଣ ଲାବୋରେଟୋରୀ ଯୋଜନା କରାଯିବ ବୋଲି କହିଛନ୍ତି। ଏହି ଅବସରରେ ଆଇଆଇଟିର ଅଧ୍ୟକ୍ଷ ପ୍ରଫେସର ଭି. କେ ତିୱାରୀ ଆଜିର ଦ୍ରୁତ ଗତିଶୀଳ ପ୍ରଯୁକ୍ତିବିଦ୍ୟାରେ ଦୀର୍ଘସ୍ଥାୟୀ ସହଯୋଗ ସହିତ ଦୃଢ ଶିଳ୍ପ ଏକାଡେମୀ ଇଣ୍ଟର ଫେସ୍ ନିର୍ମାଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଓପିଟିସିଏଲ୍‌ର ପରିଚାଳନା ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଏବଂ ଅନ୍ୟ ନିର୍ଦ୍ଦେଶକମାନେ ସହଯୋଗରେ ଏକତା ପ୍ରକାଶ କରିଛନ୍ତି ଏବଂ ଶକ୍ତି ଉପଯୋଗୀତାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିସ୍ତାର କରିବା ପାଇଁ ଏହା ନିଶ୍ଚିତ ଭାବରେ ଏକ ଶକ୍ତିଶାଳୀ ଇଣ୍ଡଷ୍ଟ୍ରି ଏକାଡେମୀ ଇଣ୍ଟରାକ୍ଟିଭ୍ ପ୍ଲାଟଫର୍ମ ନିର୍ମାଣ କରିବ ବୋଲି କହିଛନ୍ତି।

# ଓଡ଼ିଶାରେ ଏନ୍‌ଟିପିସିର ନୂଆ ପାୱାର ପ୍ଲାଣ୍ଟ୍




ନୂଆଦିଲ୍ଲୀ: ଦେଶରେ ଦେଖାଦେଇଥିବା ବିଦ୍ୟୁତ ସଙ୍କଟର ମୁକାବିଲା ଲାଗି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍‌ଟିପିସି ଓଡିଶାରେ ଏହାର ୧,୩୨୦ ମେଗାୱାଟ୍‌ର ନୂଆ ପାୱାର ପ୍ଲାଣ୍ଟ୍ ସ୍ଥାପନ କରିବା କର୍ଯ୍ୟ ଆରମ୍ଭ କରିଛି। ଛଅ ବର୍ଷ ମଧ୍ୟରେ ଏହା ହେଉଛି କଂପାନିର ପ୍ରଥମ ନୂଆ ପ୍ରକଳ୍ପ। ଏହି ପ୍ଲାଣ୍ଟ୍ ନିର୍ମାଣ ଆରମ୍ଭ କରିବା ଲାଗି କଂପାନି ନିକଟରେ କାର୍ଯ୍ୟବରାଦ ଦେଇଥିବା ଜଣାପଡିଛି। ଏହି ସ୍ଥାନରେ ପାଞ୍ଚ ଦଶନ୍ଧି ଧରି ଏକ ପାୱାର ପ୍ଲାଣ୍ଟ ଚାଲିଥିଲା ଯାହାକୁ ଗତବର୍ଷ ବନ୍ଦ କରିଦିଆଯାଇଥିଲା। ସେହି ସ୍ଥାନରେ ନୂତନ କାରଖାନା ସ୍ଥାପନ କରାଯାଉଛି ବୋଲି ବ୍ଲୁମ୍‌ବର୍ଗରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ ଦିଆଯାଇଥିବା ସଙ୍କେତରୁ ତାହା ଏନ୍‌ଟିପିସିର ତାଳଚେର ଥର୍ମାଲ୍ ପାୱାର ଷ୍ଟେସନ (ଟିଟିପିଏସ୍) ପ୍ରକଳ୍ପ ସମ୍ପର୍କିତ ଖବର ବୋଲି ବୁଝାପଡୁଛି। କାରଣ ଏନ୍‌ଟିପିସିର ସେହି କାରଖାନା ହିଁ ୫୦ ବର୍ଷ ଚାଲିବା ପରେ ବନ୍ଦ ହୋଇଥିଲା। ସେଥିରେ ୪୬୦ ମେଗାୱାଟ୍‌ର ୬ଟି ୟୁନିଟ୍ ଥିଲା। ପୁରୁଣା କାରଖାନାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ନୂଆ କାରଖାନା ସ୍ଥାପନ କରିବାକୁ ଏନଟିପିସି ଯୋଜନା ରଖିଥିଲା। ମାତ୍ର ବିଦ୍ୟୁତ ଚାହିଦା ହ୍ରାସ ପାଇବାରୁ କଂପାନି ଏହି ପ୍ରକଳ୍ପ ପ୍ରତି ଆଉ ଆଗ୍ରହ ଦେଖାଉନଥିଲା। ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ରାଜ୍ୟ ସରକାର ବାରମ୍ବାର କଂପାନିକୁ ମନେ ପକାଉଥିଲେ। କଂପାନିର ବରିଷ୍ଠ ଅଧିକାରୀମାନଙ୍କ ସହ ମଧ୍ୟ ନିୟମିତ ବ୍ୟବଧାନରେ ସରକାର ଆଲୋଚନା କରୁଥିଲେ। ଲମ୍ବା ସମୟ ଧରି ଆଲୋଚନା ହେବା ପରେ ଗତବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚ ସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷ ୭,୬୯୮ କୋଟି ଟଙ୍କା ମୂଲ୍ୟର ଏହି ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିଥିଲେ। ପ୍ଲାଣ୍ଟ୍‌ରୁ ଉତ୍ପାଦନ ହେବାକୁ ଥିବା ବିଜୁଳିର କିଣା ଦରକୁ ନେଇ ଏନ୍‌ଟିପିସି ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମତଭେଦ ରହିଥିଲା। କେବଳ ଓଡିଶା ପ୍ରକଳ୍ପ ନୁହେଁ ପୂର୍ବରୁ ଅଟକି ରହିଥିବା ଲାରା ଓ ସିଙ୍ଗ୍ରାଉଲି ପ୍ରକଳ୍ପକୁ ମଧ୍ୟ ଏନ୍‌ଟିପିସି ପୁଣି ଥରେ ଆରମ୍ଭ କରିବାକୁ ଯାଉଛି।

ମହାମାରୀ ସମୟରେ ବିଦ୍ୟୁତ ଚାହିଦା ହ୍ରାସ ପାଇବାରୁ ଏନ୍‌ଟିପିସି ଏହି ଦୁଇ ପ୍ରକଳ୍ପକୁ ନେଇ ଆଗକୁ ବଢ଼ିନଥିଲା। ମାତ୍ର ଚଳିତ ବର୍ଷ ପ୍ରବଳ ଗରମ ହେବାରୁ ସାରା ଦେଶରେ ବିଦ୍ୟୁତ ଚାହିଦା ବୃଦ୍ଧି ପାଇଛି। ଚାହିଦା ଅନୁସାରେ ବିଦ୍ୟୁତ ଯୋଗାଣ ହୋଇପାରୁନଥିବାରୁ କିଛି ରାଜ୍ୟରେ ଆଠ ଘଣ୍ଟା ଭଳି ଲମ୍ବା ସମୟ ଧରି ବିଦ୍ୟୁତ କାଟ ହେଉଛି। ତେଣୁ ଅଧିକ ବିଦ୍ୟୁତ ଉତ୍ପାଦନ କରିବା ଉପରେ ଏବେ ଏନ୍‌ଟିପିସି ଜୋର ଦେଉଛି। କେବଳ କୋଇଲା ନୁହେଁ, ଅକ୍ଷୟ ଶକ୍ତି ଉତ୍ସରୁ ଅଧିକ ବିଦ୍ୟୁତ ଉତ୍ପାଦନ କରିବାକୁ ଏନ୍‌ଟିପିସି ଲକ୍ଷ୍ୟ ରଖିଛି। ବର୍ତ୍ତମାନ ଏନ୍‌ଟିପିସିର ୮୩% ବିଦ୍ୟୁତ କୋଇଲାକୁ ଜାଳେଣି ଭାବେ ବ୍ୟବହାର କରାଯାଉଥିବା ଥର୍ମାଲ୍ ପାୱାର ପ୍ଲାଣ୍ଟ୍‌ରେ ଉତ୍ପାଦନ ହେଉଛି। ୨୦୩୨ ସୁଦ୍ଧା ସେହି ଭାଗକୁ ୫୦% ପର୍ଯ୍ୟନ୍ତ ହ୍ରାସ କରି ଅକ୍ଷୟ ଶକ୍ତିର ଭାଗ ବଢ଼ାଇବାକୁ କଂପାନି ଲକ୍ଷ୍ୟ ରଖିଛି। କୋଇଲା ଆବଶ୍ୟକତା ପୂରଣ କରିବାକୁ ମଧ୍ୟ ଏନ୍‌ଟିପିସି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି। ଚଳିତ ଆର୍ଥିକ ବର୍ଷରେ କଂପାନି ଏହାର କୋଇଲା ଆମଦାନିକୁ ୨୦ ନିୟୁତ ଟନ୍‌ରେ ପହଞ୍ଚାଇବାକୁ ଯୋଜନା ରଖିଛି। ଏହା ସହିତ ନିଜସ୍ୱ ଖଣିରୁ ଏହା ଉତ୍ପାଦନ ୮୬% ବଢ଼ାଇ ୨୬ ନିୟୁତ ଟନ୍ କୋଇଲା ଉତ୍ପାଦନ କରିବାକୁ ଚାହୁଁଛି। ବିଶ୍ୱର ବହୁ ଦେଶ ଥର୍ମାଲ୍ ପାୱାର ପ୍ଲାଣ୍ଟ୍ ବନ୍ଦ କରି ଅକ୍ଷୟ ଶକ୍ତି ଆଡକୁ ଅଗ୍ରସର ହେଉଥିବା ବେଳେ ଭାରତ ଏବେବି କୋଇଲାକୁ ଜାଳେଣି ଭାବେ ବ୍ୟବହାର କରାଯାଉଥିବା ପାୱାର ପ୍ଲାଣ୍ଟ୍ ଉପରେ ନିର୍ଭରଶୀଳ ରହିଛି। ଦେଶର ୭୦% ବିଦ୍ୟୁତ ଚାହିଦା ଥର୍ମାଲ୍ ପାୱାର ପ୍ଲାଣ୍ଟ୍ ଜରିଆରେ ପୂରଣ ହେଉଛି।





## ଏସିଆ କପ୍ ପାଇଁ ଭାରତୀୟ ହକି ଦଳରେ ୪ ଓଡିଆ: ରୂପୀନ୍ଦର ଅଧିନାୟକ, ବୀରେନ୍ଦ୍ର ଉପଅଧିନାୟକ

ଭୁବନେଶ୍ୱର: ଇଣ୍ଡୋନେସିଆର ଜାକର୍ତ୍ତାରେ ଚ଼ଳିତ ମଇ ୨୩ ତାରିଖରୁ ଜୁନ୍ ପହିଲାଯାଏଁ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ଏସିଆ କପ୍ ହକି ପ୍ରତିଯୋଗିତା ଲାଗି ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାକୁ ମଧ ବିଶ୍ୱକପ୍ ଯୋଗ୍ୟତା ମାନ୍ୟତା ମିଳିଛି। ଭାରତ ସହିତ ପୁଲ୍ 'ଏ'ରେ ଜାପାନ, ପାକିସ୍ତାନ, ଆୟୋଜକ ଇଣ୍ଡୋନେସିଆ ରହିଛନ୍ତି। ପୁଲ୍ 'ବି'ରେ ମାଲେସିଆ, କୋରିଆ, ଓମାନ ଓ ବାଂଲାଦେଶ ସାମିଲ ଅଛନ୍ତି। ଗତ ଥରର ବିଜେତା ତଥା ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ଭାରତୀୟ ଦଳର ନେତୃତ୍ୱ ଭାର ରୂପୀନ୍ଦର ପାଲ୍ ସିଂହଙ୍କୁ ଦିଆଯାଇଛି। ଏକଦା ଅବସର ଘୋଷଣା କରିଥିବା ଅଭିଜ୍ଞ ଡିଫେଣ୍ଡର୍ ବୀରେନ୍ଦ୍ର ଲାକ୍ରାଙ୍କୁ ଉପଅଧିନାୟକ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ଦଳରେ ସାମିଲ ୧୦ ଜଣ ଖେଳାଳି ବରିଷ୍ଠ ବର୍ଗରେ ଅନ୍ତର୍ଜାତୀୟ ପଦାର୍ପଣ କରିବାର ସୁଯୋଗ ପାଇବାକୁ ଯାଉଛନ୍ତି। ଏଫ୍ଆଇଏଚ୍ ପୁରୁଷ କନିଷ୍ଠ ବିଶ୍ୱକପ୍ ଦଳରେ ଖେଳିଥିବା ଯାଶଦୀପ ସିୱାଚ୍, ଅଭିଷେକ ଲାକ୍ରା, ମନଜିତ, ବିଷ୍ଣୁକାନ୍ତ ସିଂହ, ଉତ୍ତମ ସିଂହଙ୍କ ସହିତ ମାରିସ୍ୱରନ ଶକ୍ତିବେଲ,



ଶେଷ ଗୌଡା ବିଏମ୍, ପବନ ରାଜବର, ଆଭାରଣ ସୁଦେବ ଏବଂ ଏସ୍ କର୍ତ୍ତି। ଘୋଷିତ ୨୦ ଜଣିଆ ଦଳରେ ମୋଟ ୪ ଓଡିଆ ଖେଳାଳି ସ୍ଥାନ ପାଇଛନ୍ତି। ବୀରେନ୍ଦ୍ର ଲାକ୍ରାଙ୍କ ବାଦ୍ ଦୀପସାନ ତିର୍କି, ଅଭିଷେକ ଲାକ୍ରା ଏବଂ ନୀଲମ ସଂଜୀବ ଖେସ୍ ସାମିଲ ରହିଛନ୍ତି। ନୀଲମଙ୍କୁ ବଦଳ ଖେଳାଳି ଭାବେ ସୁଯୋଗ ମିଳିଛି। ଘୋଷିତ ଦଳ ସମ୍ପର୍କରେ ମତ ରଖି ପ୍ରଶିକ୍ଷକ ବିଜେ କାରିଆପ୍ପା କହିଛନ୍ତି 'ଦଳ ଅଭିଜ୍ଞ ବରିଷ୍ଠ ଖେଳାଳି ଓ ଯୁବ ନବାଗତଙ୍କୁ ନେଇ ଗଠିତ ହୋଇଛି। ଅନେକ ଖେଳାଳି ବିଭିନ୍ନ ବୟସ ବର୍ଗରେ ଅନ୍ତର୍ଜାତୀୟ ହକି ଖେଳିଥିଲେ ମଧ ବରିଷ୍ଠ ଦଳରେ ଖେଳିନାହାନ୍ତି। ଭାରତ ୨୦୨୩ ବିଶ୍ୱକପ୍ ଆୟୋଜକ ଭାବେ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ଅଧିକ ଯୁବ ଖେଳାଳିଙ୍କୁ ସୁଯୋଗ ଦିଆଯାଇଛି। ସୁଯୋଗର ସଦ୍‌ବ୍ୟବହାର କରି ନୂଆ ଗୋଷ୍ଠୀ ଗଢ଼ିବାର ପରୀକ୍ଷାନିରୀକ୍ଷା କରାଯାଇଛି ବୋଲି କାରିଆପ୍ପା କହିଛନ୍ତି। ଦଳ ସହ ଅନ୍ୟତମ ପ୍ରଶିକ୍ଷକ ଭାବେ ଗସ୍ତ କରିବାକୁ ଥିବା ପୂର୍ବତନ ଅଧିନାୟକ ତଥା ଦୁଇ ଥର ଅଲିମ୍ପିଆନ୍ ସର୍ଦାର ସିଂହ କହିଛନ୍ତି 'ବିଗତ କିଛି ମାସର ପ୍ରଶିକ୍ଷଣ ଶିବିରରେ ଖେଳାଳିମାନେ ଭଲ ଦକ୍ଷତା ଦେଖାଇଛନ୍ତି। ଏହି ପ୍ରତିଭାସମ୍ପନ୍ନ ଗୋଷ୍ଠୀ ନିଶ୍ଚିତ ଭଲ କରିବେ ବୋଲି ଆଶା। ପ୍ରଶିକ୍ଷକ ଭାବେ ମୋ ପାଇଁ ପ୍ରଥମ ପ୍ରତିଯୋଗିତା ହୋଇଥିବାରୁ ନୂଆ ଅଭିଜ୍ଞତା ଅର୍ଜନ ପାଇଁ ଆଗଭର ରହିଛି'।

## ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ର ପ୍ରସ୍ତୁତି ଆରମ୍ଭ

### ବଢ଼ିବ ଟିକେଟ ଦର, ୭ନଂ ଗ୍ୟାଲେରିରେ ଖେଳ ଦେଖିବେ ଦର୍ଶକ




କଟକ : ଆସନ୍ତା ଜୁନ୍ ୧୨ରେ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ପାଇଁ ଓଡିଶା କ୍ରିକେଟ ଆସୋସିଏସନ୍( ଓସିଏ) ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ରବିବାର ଦିନ ଓସିଏର ବୈଠକ ବସି ଟିକେଟ୍ ଦର ବୃଦ୍ଧି ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଓସିଏ ସ୍ୱତନ୍ତ୍ର ସାଧାରଣ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମ୍ୟାଚ୍ କିଭଳି ସଫଳ ଭାବେ ଆୟୋଜନ କରାଯାଇପାରିବ, ସେ ସଂପର୍କରେ ଆଲୋଚ଼ନା ହୋଇଥିଲା। ବୈଠକରେ ଟିକେଟ ଦର ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିଭଳି ନିର୍ମାଣାଧୀନ ୭ ନଂ ଗ୍ୟାଲେରିରେ ଦର୍ଶକ ପୁଣିଥରେ କିଭଳି କ୍ରିକେଟ ଖେଳ ଦେଖିପାରିବେ, ସେ ନେଇ ଆଲୋଚ଼ନା ହୋଇଥିଲା। ଗତ ୨୦୧୯ରୁ ବନ୍ଦ ଗ୍ୟାଲେରି ମରାମତି ଯୋଗୁ ଏହା ବନ୍ଦ ରହିଥିଲା। ଏହି ଗ୍ୟାଲେରି ଖୋଲାଗଲେ ଅଧିକ ୫ହଜାର ଦର୍ଶକ ଖେଳ ଦେଖିବାର ସୁଯୋଗ ପାଇବେ। ମ୍ୟାଚ୍ ପାଇଁ ବାରବାଟୀ ପଡିଆକୁ ସଂପୂର୍ଣ୍ଣ ନୂଆ ରୂପ ଦିଆଯାଇଛି। ନୂଆ ଏଲ୍ଇଡି ଫ୍ଲଡ୍ ଲାଇଟ୍‌ରେ ଏଥର ମ୍ୟାଚ୍ ଅନୁଷ୍ଠିତ ହେବ। ଦୁଇବର୍ଷ ପରେ ବାରବାଟୀକୁ ମ୍ୟାଚ୍ ଫେରୁଥିବାରୁ ଏଥର ମ୍ୟାଚ୍‌କୁ ଅଧିକ ଆକର୍ଷଣୀୟ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏ ସମ୍ପର୍କରେ ଓସିଏ ସଂପାଦକ ସଂଜୟ ବେହେରା କହିଛନ୍ତି, ' କୋଭିଡ୍ କଟକଣା ଯୋଗୁ ବାରବାଟୀରୁ ମ୍ୟାଚ୍ ଫେରିଯାଇଥିଲା। ଦୀର୍ଘ ବ୍ୟବଧାନରେ ମ୍ୟାଚ୍ ଫେରୁଥିବାରୁ ଦର୍ଶକଙ୍କ ଅଧିକ ଉତ୍ସାହ ରହିବ। ତେବେ ଜୁନ୍‌ମାସର କୋଭିଡ୍ କଟକଣାକୁ ଦୃଷ୍ଟିରେ ମ୍ୟାଚ୍ ଆୟୋଜନ କରାଯିବ। ମ୍ୟାଚ୍ ଦେଖିବାକୁ ଦର୍ଶକଙ୍କୁ ସୁଯୋଗ ମିଳିବ କି ନାହିଁ, ସେ ନେଇ ରାଜ୍ୟ ସରକାରଙ୍କ ସହିତ ଆଲୋଚ଼ନା ପରେ ନିଷ୍ପତ୍ତି ନିଆଯିବ ।'

ବୈଠକରେ ସଭାପତି ପଙ୍କଜ ଲୋଚ଼ନ ମହାନ୍ତି, ସଂପାଦକ ସଂଜୟ ବେହେରା, ଯୁଗ୍ମ ସଂପାଦକ ମେହେତାବ ଖାନ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ ବେହେରା, କାଉନସିଲ୍ ସଭ୍ୟ ସୁବାସ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍ ପାଇଁ ସବ୍‌କମିଟି ଗଠନ କରାଯିବ। ସଭାପତି ଓ ସଂପାଦକଙ୍କ ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯିବ।

## ଚାମ୍ପିଅନ୍ସ ଲିଗ୍ ଫାଇନାଲ୍ସର ମୁଖ୍ୟ ଆକର୍ଷଣ ହେବେ କାମିଲା

ପ୍ୟାରିସ୍: ପ୍ୟାରିସ୍‌ରେ ଚ଼ଳିତ ମାସ ୨୮ ତାରିଖରେ ଖେଳାଯିବାକୁ ଥିବା ୟୁଫା ଚ଼ାମ୍ପିଅନ୍ସ ଲିଗ୍ ଫାଇନାଲ୍ସର ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଆକର୍ଷଣ ହେବେ କ୍ୟୁବାର ଲୋକପ୍ରିୟ ପପ୍ ତାରକା କାମିଲା କାବେଲୋ। ବମ୍ ବମ୍, ସେନୋରିଟା, ହାଭାନା ଭଳି ଗୀତ ଗାଇଥିବା ଏବଂ ଗ୍ରାମୀ ପୁରସ୍କାର ମନୋନୟନ ତାଲିକାରେ ସ୍ଥାନ ପାଇଥିବା କାମିଲାଙ୍କ ସଂଗୀତ ପରିବେଷଣ ସାରା ବିଶ୍ୱର ୨୦୦ ଦେଶରେ ପ୍ରସାରିତ ହେବ। ୟୁରୋପୀୟ ଫୁଟବଲ୍‌ର ଏହି ସର୍ବବୃହତ୍ ମହୋତ୍ସବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବାର ୧୦ ମିନିଟ୍ ପୂର୍ବରୁ ମଞ୍ଚ ଉପରେ ନିଜ ଯାଦୁ ଦେଖାଇବେ ସେ। ଏହା ପରେ ଲିଭରପୁଲ୍ ଏବଂ ସ୍ପାନିସ୍ ଚ଼ାମ୍ପିଅନ୍ସ ଲିଗ୍ ବିଜେତା ରିଅଲ ମାଦ୍ରିଦ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଲିଭରପୁଲ୍ ଏହି ପ୍ରତିଯୋଗିତାକୁ ୬ ଥର ଜିତିଥିଲା ବେଳେ ସପ୍ତମ ଥର ପାଇଁ ବିଜୟ ମୁକୁଟ ପିନ୍ଧିବା ଲକ୍ଷ୍ୟରେ ରହିଛି। କେବଳ ଏସି ମିଲାନ, ରିଅଲ ମାଦ୍ରିଦ ହିଁ ଲିଭରପୁଲ୍‌ଠାରୁ ଅଧିକ ଥର ୟୁଫା ଚ଼ାମ୍ପିଅନ୍ସ ଲିଗ୍ ଟ୍ରଫି ଜିତିଛନ୍ତି। ରିଅଲ ମାଦ୍ରିଦ ୧୭ ଥର ଏହି ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛି। ଏହି କ୍ଲବ୍ ୭ ଥର ୟୁଫା ଚ଼ାମ୍ପିଅନ୍ସ ଲିଗ୍ ଟ୍ରଫି ଜିତି ପାରିଛି।



## ମାରାଡୋନାଙ୍କ 'ହ୍ୟାଣ୍ଡ୍ ଅଫ୍ ଗଡ୍' ଜର୍ସି ୮୮ କୋଟିରେ ନିଲାମ

ଲଣ୍ଡନ: ଆର୍ଜେଣ୍ଟିନୀୟ ଫୁଟବଲ୍ କିଂବଦନ୍ତି ଡିଏଗୋ ମାରାଡୋନା ୧୯୮୬ ମସିହା ଫୁଟବଲ୍ ବିଶ୍ୱକପ୍‌ର ଇଂଲଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲ୍‌ରେ ସୁପ୍ରସିଦ୍ଧ 'ହ୍ୟାଣ୍ଡ୍ ଅଫ୍ ଗଡ୍' ଗୋଲ୍ ଦେଲାବେଳେ ପିନ୍ଧିଥିବା ଜର୍ସି ୯.୩ ନିୟୁତ ପାଉଣ୍ଡ ବା ପାଖାପାଖି ୮୮ କୋଟି ଟଙ୍କାରେ ନିଲାମ ହୋଇଛି। ଏପ୍ରିଲ ୨୦ ତାରିଖରୁ ଅନ୍‌ଲାଇନ୍‌ରେ ମାରାଡୋନାଙ୍କର ଏହି ଜର୍ସି ନିଲାମ ପାଇଁ ରଖା ଯାଇଥିଲା। ୭ ଜଣ ଆଶାୟୀ କ୍ରେତା ଫୁଟବଲ୍ ଜଗତର ଏହି ସ୍ମରଣୀୟ ତଥା ମୂଲ୍ୟବାନ ଜିନିଷକୁ କିଣିବା ଲାଗି ନିଲାମ ଡାକିଥିଲେ। ଶେଷରେ ସର୍ବାଧିକ ନିଲାମ ଡାକିଥିବା ଜଣେ ଅଜଣା



ବ୍ୟବସାୟୀ ଜର୍ସିଟିକୁ କିଣିଥିଲେ। ପ୍ରକୃତରେ ଏହି ଜର୍ସି ସେତେବେଳର ଇଂଲଣ୍ଡ ଦଳର ମଧ୍ୟଭାଗ ଖେଳାଳି ଥିବା ଷ୍ଟିଭ୍ ହଜ୍‌ଙ୍କ ପାଖରେ ଥିଲା। ଇଂଲଣ୍ଡ ସେହି ମ୍ୟାଚ୍‌କୁ ୧-୨ ଗୋଲ୍‌ରେ ହାରିବା ପରେ ମାରାଡୋନା ଓ ସେ ପରସ୍ପର ସହ ଜର୍ସି ଅଦଳ ବଦଳ କରିଥିଲେ। ନିଲାମ ହେବା ପୂର୍ବରୁ ଏହି ଜର୍ସି ଇଂଲଣ୍ଡର ମାଞ୍ଚେଷ୍ଟରରେ ଥିବା ଜାତୀୟ ଫୁଟବଲ୍ ସଂଗ୍ରହାଳୟରେ ପ୍ରଦର୍ଶିତ ହେଉଥିଲା। ହଜ୍ ମଧ ଏହି ଜର୍ସି ଏବଂ ୧୯୮୬ ବିଶ୍ୱକପ୍‌ର ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ୍ ଏବଂ ମାରାଡୋନାଙ୍କ ସହ କଟାଇଥିବା ସମୟକୁ ବର୍ଣ୍ଣନା କରି 'ଦି ମ୍ୟାନ୍ ୱିଥ୍ ମାରାଡୋନାସ୍ ସାର୍ଟ' ନାମରେ ଏକ ପୁସ୍ତକ ରଚ଼ନା କରିଛନ୍ତି।

## ଅଭିନୟକୁ ଆସିବେ ସାରା



ବିଶ୍ୱବିଖ୍ୟାତ କ୍ରିକେଟର୍ ସଚ଼ିନ୍ ତେନ୍ଦୁଲକରଙ୍କ କନ୍ୟା ସାରା ଖେଳପଡିଆ ନୁହେଁ ବରଂ ପରଦା ପ୍ରେମରେ ପଡିଯାଇଛନ୍ତି। ଏବେ ସେ ବଲିଉଡ୍‌ରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସିନେମାରେ ହିରୋଇନ୍ ହେବାକୁ ହେଲେ ନିଜ ପରିବାରର ସିନେମା ଖାନ୍ଦାନୀ ଥିବ, ନଚେତ ଅଭିନୟ ଯୋଗ୍ୟତା କିମ୍ବା ମଡେଲିଂ ଅଭିଜ୍ଞତା ଥିବ। ସାରାଙ୍କ ବାପା ସଚ଼ିନ ତ କ୍ରିକେଟର୍ ଆଉ ମା' ଅଞ୍ଜଳି ଜଣେ ଡାକ୍ତର। ଏଥିରୁ ସ୍ପଷ୍ଟ ହେଉଛି ଯେ ଖାନ୍ଦାନୀ ନୁହେଁ ବରଂ ସାରାଙ୍କ ବ୍ୟକ୍ତିଗତ ରୁଚ଼ି ଓ ପ୍ରଚେଷ୍ଟା ହିଁ ତାଙ୍କୁ ଅଭିନୟ କ୍ଷେତ୍ରରେ ପ୍ରବେଶ କରିବାର ଯୋଗ୍ୟତା ଦେଇଛି ଓ ସାହସ ଜୁଟାଇଛି। କିଛିଦିନ ହେବ ଶୁଣାଯାଉଛି ସାରା ସାହିଦ କପୁରଙ୍କ ସହ ଯୋଡି ସାଜିବେ। ନିକଟରେ ଶାହାରୁଖ ଓ ଗୌରୀ ତନୟା ସୁହାନା, ସଞ୍ଜୟ କପୁର ଓ ମହୀଙ୍କ ଝିଅ ଶାନାୟା ବଲିଉଡ୍‌ରେ ପ୍ରବେଶ କରିଛନ୍ତି। ଆଉ କିଛିଦିନ ଭିତରେ କ୍ରିକେଟ୍ କିଂବଦନ୍ତି ସଚ଼ିନ ତେନ୍ଦୁଲକରଙ୍କ ଝିଅ ସାରା ମଧ ରୁପେଲି ପରଦାରେ ଦେଖାଦେବେ ବୋଲି ନିଶ୍ଚିତ ହେଇଗଲାଣି। ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଡାକ୍ତରୀ ପାଠ ପଢ଼ି ଫେରିଥିବା ସାରା ହଠାତ ଅଭିନୟ ଦୁନିଆ ପ୍ରତି ଅନୁରକ୍ତ ହେଲେ କେମିତି ହଁ, ଡାକ୍ତରୀ ପୋଥିରେ ଜଉମୁଦ ଲଗେଇ କିଛିଦିନ ହେବ ସାରା ଅଭିନୟ ଶିକ୍ଷା ଓ ତାଲିମରେ ଯୋଗଦେଇଥିଲେ। ଏପାଖେ ବାପା ସଚ଼ିନଙ୍କୁ ଝିଅ ସାରା ବଲିଉଡ୍‌ରେ ପ୍ରବେଶ କରିବା କଥା ପଚ଼ାରିଲେ ସେ ଟାଳି ଦେଉଛନ୍ତି। ସେ କହୁଛନ୍ତି- ଝିଅ ସାରା ଯେଉଁ ବିଷୟରେ ଉଚ୍ଚଶିକ୍ଷା ଲାଭ କରିଛି ସେଇ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବାକୁ ପ୍ରସ୍ତୁତ ହେଉଛି। ସାରା ବଲିଉଡ୍‌କୁ ଯିବା କଥା ଯେଉଁ ଗୁଜବ ଉଠୁଛି ତାହା ଭିତ୍ତିହୀନ। ସାରାଙ୍କ ବାନ୍ଧବୀ ଓ ପ୍ରଶଂସକମାନେ କିନ୍ତୁ ସଚ଼ିନଙ୍କ କଥାରେ ସହମତ ନୁହଁନ୍ତି। କାରଣ ସାରା ଡାକ୍ତରୀ ପଢ଼ିବା ସହ ମଡେଲିଂରେ ମଧ କ୍ୟାରିୟରର କରିଛନ୍ତି। ତେଣୁ ସେ ଡାକ୍ତରୀ ଅଥବା ଅଭିନୟ କେଉଁ କ୍ଷେତ୍ରକୁ ଯିବେ ତାଙ୍କ ଉପରେ ନିର୍ଭର କରୁଛି। ଦେଖାଯାଉ ସାରା ତେନ୍ଦୁଲକର କେଉଁ କ୍ଷେତ୍ରକୁ ଆପଣାଉଛନ୍ତି !

## ଅଭିନେତ୍ରୀ ଛବି ପାଣ୍ଡେଙ୍କ ମୋଡ଼ ବଦଳାଇଲା ପ୍ରଥମ ପ୍ରବେଶ



ନିଜର ଅଭିନୟ ଦକ୍ଷତାରେ ଦର୍ଶକଙ୍କର ହୃଦ୍ ?ସ୍ପନ୍ଦନ ସାଜିବା ପାଇଁ ଚ଼ଳଚ୍ଚିତ୍ର ସବୁଠୁ ବଳିଷ୍ଠ ମଞ୍ଚ ହୋଇଥିଲେ ହେଁ ଏବେ ଅନେକ କଳାକାର ଟିଭି ପରଦାରେ ହିଁ ଅନୁରୂପ କୃତି ସାଉଁଟିବାରେ ଲାଗିଛନ୍ତି। ବିଭିନ୍ନ ଟିଭି ଚ଼୍ୟାନେଲ୍ ସାଙ୍ଗକୁ ଭିନ୍ନ ରୁଚ଼ିର ଧାରାବାହିକ ଉପଲବ୍ଧ ଥିବାରୁ କଳାକାରମାନଙ୍କୁ ଏଥିରେ ବ୍ୟାପକ ସୁଯୋଗ ମିଳିପାରୁଛି। ସେହି ଧାରାରେ ସାମିଲ ହୋଇଥିବା ଅଭିନେତ୍ରୀ ଛବି ପାଣ୍ଡେ ହେଉଛନ୍ତି ସେଭଳି ଜଣେ ଦକ୍ଷ କଳାକାର, ଯିଏ ଚ଼ଳଚ୍ଚିତ୍ର ଜଗତ୍‌ର ସ୍ୱାଦ ଚ଼ାଖି ମଧ ସେ ଦିଗକୁ ମନ ନ ବଳେଇ ଟିଭି ପରଦାରେ ହିଁ ନିଜକୁ ସୀମିତ ରଖିବାକୁ ପସନ୍ଦ କରିଛନ୍ତି। ବିହାରର ପାଟନା ଠାରେ ୧୯୮୬ ଜୁଲାଇ ୧୮ରେ ଜନ୍ମିତ ଛବି ସମାଜ ବିଜ୍ଞାନରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି। ଶାସ୍ତ୍ରୀୟ ନୃତ୍ୟ କଥକର ଜଣେ ପ୍ରବୀଣା ନୃତ୍ୟାଙ୍ଗନା ଏବଂ ଜଣେ ପ୍ରଶିକ୍ଷିତା କଣ୍ଠଶିଳ୍ପୀ ଭାବେ ଶାସ୍ତ୍ରୀୟ ସଂଗୀତ ଓ ଲଘୁ ସଂଗୀତରେ ଦଖଲ ଥିବା ଛବି କେନ୍ଦ୍ର ସଂସ୍କୃତି ବିଭାଗ ଅଧୀନ ଶାସ୍ତ୍ରୀୟ ସଂଗୀତର ଜଣେ ଜାତୀୟ ବୃତ୍ତିଧାରୀ କଣ୍ଠଶିଳ୍ପୀ। ନିଜର ଏପରି ବହୁବିଧ ଦକ୍ଷତାକୁ ଭିତ୍ତି କରି ସେ ଟିଭି ପରଦାକୁ ପ୍ରଥମେ ପ୍ରବେଶ କରିଥିଲେ ୨୦୦୮ରେ ପ୍ରସାରିତ ବାସ୍ତବଧର୍ମୀ ଟିଭି ସୋ' ଇଣ୍ଡିଆଜ୍ ଗଟ୍ ଟାଲେଣ୍ଟ୍‌ରେ। ଏଥିରେ ସେ ବିଚ଼ାରକମାନଙ୍କର ମନ କିଣିନେବା ସହ ଜଣେ ସେମିଫାଇନାଲିଷ୍ଟ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ତେବେ ଏହି ପ୍ରଥମ ପଦାର୍ପଣ ହିଁ ଜଣେ କଣ୍ଠଶିଳ୍ପୀ ଭାବେ ଜୀବନ ବିତାଇବାକୁ ଚ଼ାହୁଁଥିବା ଛବିଙ୍କର ମୋଡ଼ ବଦଳାଇ ଅଭିନୟକୁ ଆପଣେଇବା ପାଇଁ ପ୍ରୋତ୍ସାହିତ କରିଥିଲା। ଫଳରେ ସେ ଏହାପରେ ଭୋଜପୁରୀ ଚ଼ଳଚ୍ଚିତ୍ର 'ବିଦେଶୀୟା' ମାଧ୍ୟମରେ ବଡ଼ପରଦା ଆଡ଼କୁ ମୁହାଁଇ ନିଜର ଅଭିନୟ ଦକ୍ଷତା ପରଖିଥିଲେ। ମାତ୍ର ତାହା ତାଙ୍କୁ ନା ସନ୍ତୁଷ୍ଟ କରାଇପାରିଥିଲା ନା ସେ ସେ ଦିଗରେ ଆଗକୁ ଯିବାକୁ ପ୍ରୟାସ କରିଥିଲେ। ବାସ୍, ଟିଭି ପରଦା ହିଁ ତାଙ୍କ ପାଇଁ ପ୍ରକୃଷ୍ଟ ଦରବାର ବିଚ଼ାରି ସେ ୨୦୧୧ରେ ଷ୍ଟାର ପ୍ଲସ୍‌ରେ ପ୍ରସାରିତ 'ସଜ୍‌ଦା ତେରେ ପ୍ୟାର୍ ମେଁ'ରୁ ନିଜର ଜୟଯାତ୍ରା ଆରମ୍ଭ କରିଥିଲେ। ତାଙ୍କ ଅଭିନୟକୁ ଦର୍ଶକ ମନଭରି ଉପଭୋଗ କରିବା ସହ ତାଙ୍କର ପରବର୍ତ୍ତୀ ଆକର୍ଷଣ 'ତେରି ମେରି ଲଭ ଷ୍ଟୋରି'କୁ ମଧ ଆଶାତୀତ ସ୍ୱୀକୃତି ଅର୍ପିଥିଲେ। ତେବେ ପରବର୍ତ୍ତୀ ଧାରାବାହିକ 'ଏକ ବୁନ୍ଦ୍ ଇସ୍କ'ରେ ଛବି ନିଭାଇଥିବା ତାରା ଭୂମିକା ତାଙ୍କୁ ଜଣେ ଲୋକପ୍ରିୟ ତାରକା ଆସନରେ ବସାଇଥିଲା। ଏହାପରେ 'ୟେ ହୈ ଆସିକି', 'ବନ୍ଧନ- ସାରି ଉମଙ୍ଗ ହମେଁ ସଙ୍ଗ ରେହନା ହୈ' ଓ 'ସିଲସଲା ପ୍ୟାର୍ କା' ଆଦି ଧାରାବାହିକ ତାଙ୍କୁ ନିରନ୍ତର ଲୋକପ୍ରିୟତା ଯୋଗାଇଥିଲା। ତେବେ ୨୦୧୭ରେ ପ୍ରସାରିତ 'ସୌରବୀର ଏକଲବ୍ୟ କି ଗାଥା' ଓ 'କାଲ୍ ଭୈରବୀ ରହସ୍ୟ' ପରି ଭିନ୍ନ ସ୍ୱାଦର ଧାରାବାହିକରେ ତାଙ୍କର ଭିନ୍ନ ଅବତାର ଛବିଙ୍କର ବହୁମୁଖୀ ପ୍ରତିଭାକୁ ପରିବ୍ୟାପ୍ତ କରିବାରେ ସହାୟକ ହୋଇଥିଲା।



## ଏମ୍‌ଟିଭି ରୋଡିଜ୍-୮ରୁ ଛୋଟ ପରଦାର ଲୋକପ୍ରିୟ ନାୟିକା

ଜୀବନର ଗତିପଥ କେତେବେଳେ କେଉଁ ମୋଡ଼ରେ କି ରୂପରେଖ ନେବ ତାହା କେବେ କାହା ହାତରେ ନଥାଏ। ତେବେ ପରିବର୍ତ୍ତିତ ପରିସ୍ଥିତି ସହ ଖାପଖୁଆଇ ଜୀବନକୁ ଆଗକୁ ଗଡ଼େଇ ନେବାରେ ହିଁ ଅପ୍ରତ୍ୟାଶିତ ଆନନ୍ଦ ମିଳିବା ସହ ତହିଁରୁ ଆତ୍ମସନ୍ତୋଷ ଲାଭ କରିହେବ। ଟିଭି ଅଭନେତ୍ରୀ ପୂଜା ବାନାର୍ଜୀ ସେଜବାଲ୍ ସେପରି ଜଣେ କଳାକାର ଯିଏ ଏକ ବାସ୍ତବଧର୍ମୀ ଟିଭି ଧାରାବାହିକରେ ପ୍ରତିଯୋଗୀ ସାଜୁ ସାଜୁ ସେହି ଟିଭି ଦୁନିଆରେ ହିଁ ଜୀବନ ଗଢ଼ିବା ପାଇଁ ପସନ୍ଦ କରିଥିଲେ। ସେ ଏବେ ଟିଭି ଧାରାବାହିକର ଜଣେ ଆଗଧାଡ଼ିର ଅଭିନେତ୍ରୀ ହେବା ସହ ଦର୍ଶକଙ୍କ ପାଇଁ ମନୋରଞ୍ଜନର ଅନୁପୂରକ ସାଜିଛନ୍ତି। ଉତ୍ତରପ୍ରଦେଶର ଆଲିଗଡ଼ ଠାରେ ୧୯୯୧ ନଭେମ୍ବର ୮ ତାରିଖରେ ଜନ୍ମିତ ସେଜବାଲଙ୍କର ଜୀବନରେ କେବେ ଅଭିନୟରେ କ୍ୟାରିଅର କରିବାର ସ୍ପୃହା ନଥିଲା। ତେବେ ୨୦୧୧ରେ ଏମ୍‌ଟିଭି ରୋଡିଜ୍-୮ରେ ଜଣେ ପ୍ରତିଯୋଗୀ ଭାବେ ଭାଗ ନେବା ଅବସରରେ ତାଙ୍କ ମନରେ ଗ୍ଲାମର ଦୁନିଆ ପ୍ରତି ଏକ ଅହେତୁକ ଦୁର୍ବଳତା ବସା ବାନ୍ଧିବାକୁ ଲାଗିଲା। ନିଜର ଏହି ପରିବର୍ତ୍ତିତ ଅଭିଳାଷ ପୂରଣ ପାଇଁ ସେ ଟିଭି ଧାରାବାହିକରେ ପ୍ରବେଶ କରିଥିଲେ ୨୦୧୨ରେ ଷ୍ଟାର ପ୍ଲସ୍ ?ରେ ପ୍ରସାରିତ 'ଏକ ଦୂସରେ ସେ କରତେ ହେଁ ପ୍ୟାର ହମ୍' ମାଧ୍ୟମରେ। ତାଙ୍କର ପରବର୍ତ୍ତୀ ଧାରାବାହିକ 'ଦି ଆଡଭେଞ୍ଚର୍ସ ଅଫ୍ ହାତିମ୍' ଓ 'ଘର ଆଯା ପରଦେଶୀ'ରେ ତାଙ୍କ ଭୂମିକାକୁ ଦର୍ଶକ ଖୁବ୍ ପ୍ରଶଂସା କରିଥିଲେ। ଏହାପରେ 'ବକ୍ସ କ୍ରିକେଟ ଲିଗ୍'ରେ ଜଣେ ପ୍ରତିଯୋଗୀ ସାଜି ଅନ୍ୟମାନଙ୍କୁ ଆପ୍ୟାୟିତ କରିବା ସହ ଚ଼୍ୟାନେଲ-୫ରେ ପ୍ରସାରିତ ଯୁବଧର୍ମୀ ନାଟକ 'ସ୍ୱିମ୍ ଟିମ୍'ରେ ତାଙ୍କର ରେବା ମାଥୁର ଚ଼ରିତ୍ର ମଧ ବେଶ ଗ୍ରହଣୀୟ ହୋଇପାରିଥିଲା। ତେବେ ତାଙ୍କୁ ଅସଲ ପ୍ରତିଷ୍ଠା ମିଳିଥିଲା ଲାଇଫ୍ ଓକେର 'ନାଗାର୍ଜୁନ- ଏକ ଯୋଦ୍ଧା' ଧାରାବାହିକରେ। ତାହା ପରେ ପରେ ଏକତା କପୂରଙ୍କ ପ୍ରଯୋଜନା ସଂସ୍ଥା ସହ 'ଚ଼ନ୍ଦ୍ରକାନ୍ତା', 'ଚ଼ନ୍ଦ୍ର ନନ୍ଦିନୀ' ଓ 'ଦିଲ୍ ହି ତୋ ହୈ' ଆଦି ଧାରାବାହିକରେ ଛୋଟମୋଟ ଚ଼ରିତ୍ର କରି ସେଜବାଲ ନିଜର ଅଭିନୟକୁ ଅଧିକ ଶାଣିତ କରିପାରିଥିଲେ। ପରିଣତି ସ୍ୱରୂପ 'କସୌଟି ଜିନ୍ଦଗି କେ'ରେ ତାଙ୍କର ନିବେଦିତା ଭୂମିକା ଓ 'କୁମକୁମ ଭାଗ୍ୟ'ରେ ରିଆ ମେହରା ଚ଼ରିତ୍ର ଦର୍ଶକଙ୍କ ମନରେ ଗଭୀର ଛାପ ପକାଇଥିଲା ଏବଂ ତାଙ୍କ ପଛରେ ପ୍ରଶଂସାର ସୁଅ ଛୁଟିଥିଲା। ଏହିପରି ଭାବେ ଏଇ ଦଶ ବର୍ଷ ଭିତରେ ସେଜବାଲ୍ କୋଡ଼ିଏରୁ ଅଧିକ ଧାରାବାହିକ ସମେତ ପାଞ୍ଚଟି ୱେବ୍ ସିରିଜ୍‌ରେ ନିଜର କମାଲ୍ ଦେଖାଇ ସାରିଛନ୍ତି। ଏପରିକି ୨୦୧୮ ପରଠାରୁ 'କହନେ କୋ ହମସଫର ହେଁ'ର ତିନିଟିଯାକ ସିଜନ୍‌ରେ ସେ ବାଣୀ ମେହରା ପରି ପ୍ରମୁଖ ଚରିତ୍ରରେ ଉଭା ହୋଇ ଦର୍ଶକମାନଙ୍କୁ ମନଭରି ମନୋରଂଜନ ଯୋଗାଇ ଚ଼ାଲିଛନ୍ତି।

Printed, Published and Owned by Badri Narayan Mohanty, Published From: Sector -1/163 HIG Duplex , Niladri Vihar, Po- Sailashree Vihar, Bhubaneswar- 751021
Printed at Gayatri Industries, TS 3/193, Mancheswar Ind. Estate, Bhubaneswar- 751010.
Mob: +91-9437073823, E-mail: odishasanket@gmail.com
ସଂପାଦକ - ବଦ୍ରିନାରାୟଣ ମହାନ୍ତି
Editor - Badri Narayan Mohanty